

**ଅମଣ୍ଡାଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ୍**

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-233 ◆BHUBANESWAR ◆TUESDAY ◆18 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୮ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦





# ରାଜ୍ୟ ବଜେଟ
## ୨୦୨୫-୨୬



ସକାଳ THE SAKALA
www.sakalaepaper.com

### ଆୟ

| କୋଟି ଟଙ୍କାରେ | ୨୦୨୪-୨୫ ବଜେଟ ଅଟକଳ | ୨୦୨୫-୨୬ ବଜେଟ ଅଟକଳ |
|---|---|---|
| ୧. ନିଜସ୍ୱ ଟିକସ ରାଜସ୍ୱ | ୬୦୦୦୦.୦୦ | ୬୬୦୦୦ |
| ୨. ନିଜସ୍ୱ ଅଣ-ଟିକସ ରାଜସ୍ୱ | ୫୮୦୦୦.୦୦ | ୬୦୦୦୦ |
| ୩. ରାଜ୍ୟର ନିଜସ୍ୱ ରାଜସ୍ୱ (୧+୨) | ୧,୧୮୦୦୦.୦୦ | ୧,୨୬,୦୦୦.୦୦ |
| ୪. କେନ୍ଦ୍ରୀୟ ଟିକସ ରାଜ୍ୟ ଅଂଶ | ୫୫୨୩୧.୭୬ | ୬୪,୪୦୮.୨୭ |
| ୫. କେନ୍ଦ୍ରୀୟ ଅନୁଦାନ | ୩୭୭୬୮.୨୪ | ୪୧,୫୯୧.୭୩ |
| ୬. ମୋଟ କେନ୍ଦ୍ରୀୟ ସହାୟତା (୪+୫) | ୯୩୦୦୦.୦୦ | ୧,୦୬,୦୦୦.୦୦ |
| ୭. ମୋଟ ରାଜସ୍ୱ ଆୟ (୩+୬) | ୨,୧୧,୦୦୦.୦୦ | ୨,୩୨,୦୦୦,୦୦ |
| ୮. ଋଣ ଓ ଅଗ୍ରିମର ପୁନଃ ଭରଣା | ୫୦୫.୦୦ | ୬୦୦ |
| ୯. ସରକାରୀ ଋଣ | ୪୩୪୯୫.୦୦ | ୪୭୪୦୦ |
| ୧୦. ସରକାରୀ ହିସାବ (ନିଟ) | ୧୦୦୦୦.୦୦ | ୧୦୦୦୦ |
| ୧୧. ମୋଟ ପୁଞ୍ଜି ଆୟ (୮+୯+୧୦) | ୫୪୦୦୦.୦୦ | ୫୮୦୦୦ |
| ୧୨. ମୋଟ ରାଜସ୍ୱ (୭+୮) | ୨,୬୫୦୦୦.୦୦ | ୨,୯୦,୦୦୦.୦୦ |







### ବ୍ୟୟ

| କୋଟି ଟଙ୍କାରେ | ୨୦୨୪-୨୫ ବଜେଟ ଅଟକଳ | ୨୦୨୫-୨୬ ବଜେଟ ଅଟକଳ |
|---|---|---|
| ୧. ପ୍ରତିଷ୍ଠାନ, ପରିଚାଳନା, ରକ୍ଷଣାବେକ୍ଷଣ | ୭୧୧୩୩.୪୪ | ୭୮୩୦୦.୦୦ |
| ୨. ସୁଧ ଦେୟ | ୫୫୦୦.୦୦ | ୬୫୦୦.୦୦ |
| ୩. ଋଣ ପରିଶୋଧ | ୨୧୦୯୧.୫୬ | ୨୩୨୦୦.୦୦ |
| ୪. ପ୍ରଶାସନିକ ବ୍ୟୟ (୧+୨+୩) | ୯୭୭୨୫.୦୦ | ୧୦୮୦୦୦.୦୦ |
| ୫. ରାଜ୍ୟ ସ୍ତରୀୟ ଯୋଜନା | ୧୧୧୯୪୯.୭୩ | ୧୨୫୭୬୨.୨୬ |
| ୬. କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ୫୩୮.୯୮ | ୪୬୮.୧୫ |
| ୭. କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ୪୨୫୧୧.୩୦ | ୪୩୭୬୯.୫୯ |
| ୮. କାର୍ଯ୍ୟକ୍ରମ ବ୍ୟୟ (୫+୬+୭) | ୧୫୫୦୦୦.୦୦ | ୧୭୦୦୦୦.୦୦ |
| ୯. ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | ୩୯୦୦.୦୦ | ୪୦୦୦.୦୦ |
| ୧୦. ସ୍ଥାନୀୟ ନିକାୟ ସଂସ୍ଥାଙ୍କୁ ଅର୍ଥ ହସ୍ତାନ୍ତର | ୮୩୭୫.୦୦ | ୮୦୦୦.୦୦ |
| ୧୧. ମୋଟ ବ୍ୟୟ (୪+୮+୯+୧୦) | ୨୬୫୦୦୦.୦୦ | ୨୯୦୦୦୦.୦୦ |

### ନୂଆ କାର୍ଯ୍ୟକ୍ରମ

| | | |
|---|---|---|
| ଶ୍ରୀ ଜଗନ୍ନାଥ ଦର୍ଶନ | : | ୩୦ କୋଟି |
| ସୁଭଦ୍ରା ସୁରକ୍ଷା | : | ୧୫୩ କୋଟି |
| ବକୁଳ ବନ ଉନ୍ନତି | : | ୫୦ କୋଟି |
| ଶୀତଳ ଭଣ୍ଡାର ନୀତି | : | ୬୦ କୋଟି |
| ମଡେଲ ମଣ୍ଡି | : | ୫୦ କୋଟି |
| ଅନ୍ତ୍ୟୋଦୟ ଗୃହ | : | ୨୬୦୩ କୋଟି |
| ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ | : | ୨୦୦ କୋଟି |
| ଉତ୍ତର ଓଡ଼ିଶା ବିକାଶ ପରିଷଦ | : | ୨୦୦ କୋଟି |
| ମୁଖ୍ୟମନ୍ତ୍ରୀ କନ୍ୟା ବିବାହ | : | ୧୨ କୋଟି |
| ରାଜ୍ୟ ମହିଳା ଏବଂ ଶିଶୁ ପ୍ରତିଷ୍ଠାନ | : | ୫୩ କୋଟି |
| କୃତ୍ରିମ ବୁଦ୍ଧିମତ୍ତା, ଅପରାଧ ମ୍ୟାପିଂ | : | ୧୦ କୋଟି |
| ସାଇବର ସୁରକ୍ଷା ଉତ୍କର୍ଷ କେନ୍ଦ୍ର | : | ୨୦ କୋଟି |
| ଡିଜିଟାଲ ଭିଏର୍‌ଏଫ୍ ସିଷ୍ଟମ | : | ୨୯ କୋଟି |
| ସାମୁଦ୍ରିକ ଦକ୍ଷତା ବିକାଶ | : | ୨୦ କୋଟି |
| ସମୃଦ୍ଧ ସହର | : | ୪୦୮ କୋଟି |
| ମହାନଦୀ ଓ ବୁଢ଼ାବଳଙ୍ଗ କୂଳ ବିକାଶ | : | ୧୫୦ କୋଟି |
| ପ୍ରବାସୀ ଓଡ଼ିଆ | : | ୧୦ କୋଟି |
| ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ | : | ୧୦୦ କୋଟି |
| ସୁଜଳ | : | ୭୩୩ କୋଟି |
| ସ୍ୱଚ୍ଛ ଓଡ଼ିଶା | : | ୨୬୧ କୋଟି |
| ମୁଖ୍ୟମନ୍ତ୍ରୀ ସହରୀ ବିକାଶ | : | ୧୧୦୦ କୋଟି |
| ଜୋନାଲ ଆଇଟିଆଇ ପ୍ରତିଷ୍ଠା | : | ୧୦୦ |
| ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା | : | ୧୦୦ କୋଟି |
| ଓଡ଼ିଶା ଏଆଇ ମିଶନ | : | ୨୦ କୋଟି |
| ଓଡ଼ିଶା ପୁଷ୍ଟି ମିଶନ | : | ୧୦୦ କୋଟି |
| ସୁଭଦ୍ରା ସମ୍ବେଦନା | : | ୨୦ କୋଟି |
| ଆମେ ପଢ଼ିବା ଆମ ଭାଷାରେ | : | ୨୫ କୋଟି |
| ଆମ ଶିମିଳିପାଳ | : | ୫୦ କୋଟି |
| ଅଟଳ ବସ୍ ଷ୍ଟାଣ୍ଡ | : | ୧୨୬୬ କୋଟି |
| ରାଜ୍ୟ-ଆନ୍ତଃ ନଦୀ ସଂଯୋଗୀକରଣ | : | ୧୦ କୋଟି |

# ଦାମୀ ବ୍ରିଫ୍‌କେସ୍; ଅନାକର୍ଷଣୀୟ ବଜେଟ୍



ଭୁବନେଶ୍ୱର,୧୭।୨(ସମିସ): ଆଜିର ବଜେଟ୍‌ରେ ମୁଖ୍ୟମନ୍ତ୍ରୀ ଧରିଥିବା ବ୍ରିଫ୍‌କେସଟି ଥିଲା ସ୍ୱତନ୍ତ୍ର। ସମ୍ବଲପୁରୀ ଇକତ୍ (ବାନ୍ଧକଳା) ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ଏହି ବ୍ରିଫ୍‌କେସ୍‌କୁ ପ୍ରସ୍ତୁତ କରିଛନ୍ତି ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସୁପୁତ୍ରୀ ତଥା ମେୱାର୍ ରାଜପରିବାରର କୂଳବଧୂ ନିଭ୍ରିତି କୁମାରୀ ମେୱାର୍। ଉଦୟପୁର ମେୱାର୍ ଓ ବଲାଙ୍ଗିର ପାଟଣାଗଡ଼ର ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ପାରମ୍ପରିକ ହସ୍ତତନ୍ତର ସମ୍ମିଶ୍ରଣରେ ବିଭିନ୍ନ ଉପହାର, ଅଳଙ୍କାର ବାକ୍ସ ପ୍ରସ୍ତୁତି ସଂସ୍ଥା ଭୋଟାରୀ ପକ୍ଷରୁ ଏହି ବ୍ରିଫ୍‌କେସ୍‌କୁ ପ୍ରସ୍ତୁତ କରାଯାଇଛି। ବଂଶାନୁକ୍ରମିକ ପ୍ରଥା ଅନୁଯାୟୀ କାରିଗରମାନେ ଉଭୟ ସୁଦୃଶ୍ୟ ଓ ସଠିକ୍ ଦକ୍ଷତା ଉପଯୋଗ କରି ଏହି ବ୍ରିଫ୍‌କେସ୍ ଭଳି ପ୍ରସ୍ତୁତ କରିଥିବା ଏହି ନୂତନ ଉତ୍ପାଦ ସ୍ୱତନ୍ତ୍ରତା ବହନ କରିବା ସହ ବ୍ୟବହୃତ ପ୍ରତ୍ୟେକଟି ଉପକରଣ ନିଜ ନିଜର ଗାଥା ବଖାଣିଥାଏ। ପାରମ୍ପରିକ ବ୍ରିଫ୍‌କେସ୍ ସହ ଚଳିତ ବର୍ଷ ବଜେଟ୍ ଉପସ୍ଥାପନ ନିମନ୍ତେ ସଦସ୍ୟମାନଙ୍କ ପାଇଁ ଟାବ୍‌ଲେଟ୍ ବ୍ୟବସ୍ଥା କରାଯାଇଛି। ପେପରଲେସ୍ ଏବଂ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ହାତପାଆନ୍ତାରେ ସହଜରେ ବଜେଟ୍ ତଥ୍ୟ ଉପଲବ୍ଧ ହେଉଛି। ଏଥିସହ ନ୍ୟାସ୍‌ନାଲ୍ ଇ-ବିଧାନ ଆପ୍ଲିକେସନ୍ ମାଧ୍ୟମରେ ମଧ୍ୟ ବଜେଟ୍ ତଥ୍ୟ ଉପଲବ୍ଧ ହେଉଛି। ଏହି ବଜେଟରେ ସହରୀ କ୍ଷେତ୍ରକୁ କିଛି ପରିମାଣରେ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରକୁ ଉପେକ୍ଷା କରାଯାଇଥିବା ଉପଲବ୍ଧି ହେଉଛି। ଆମ ବସ୍‌ଷ୍ଟାଣ୍ଡ ଢାଞ୍ଚାରେ ଅଟଳ ବସ୍‌ଷ୍ଟାଣ୍ଡ, ବିଜୁ ଏକ୍ସପ୍ରେସ ୱେ ଦ୍ୱିତୀୟ ପର୍ଯ୍ୟାୟ(ବ୍ରହ୍ମପୁର-ଜୟପୁର)ର ନାମ ପରିବର୍ତ୍ତନ କରାଯାଇ ୬ ଥାକିଆ ଗ୍ରୀନ ଫିଲ୍ଡ ଏକ୍ସପ୍ରେସ୍ ୱେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନୁରୂପ ଭାବରେ ରାଜଧାନୀ ଚାରିପଟେ ପ୍ରସ୍ତାବିତ ରିଂ-ରୋଡ୍‌କୁ ସିଟି ରୋଡ୍ ଡି କଞ୍ଜେକସନ୍ ଯୋଜନାରେ ରୂପାନ୍ତରିତ କରାଯାଇଛି।

ଗରିବ ଭକ୍ତଙ୍କ ଜଗନ୍ନାଥ ଦର୍ଶନ ପାଇଁ ପୂର୍ବ ସରକାରଙ୍କ ଯୋଜନାକୁ ଭିନ୍ନ ନାମରେ ପ୍ରବର୍ତ୍ତନ କରାଯାଇଛି। ବିଜୁ ପକ୍କା ଘରକୁ ଅନ୍ତ୍ୟୋଦୟ ଗୃହ ଯୋଜନା ନାମରେ ପରିବର୍ତ୍ତିତ କରାଯାଇଛି। ତେବେ ଉତ୍ତର ଓଡ଼ିଶା, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ରୂପରେଖ ପ୍ରସ୍ତୁତ ହୋଇନଥିଲେ ହେଁ ବଜେଟରେ ୨୦୦ କୋଟି ଟଙ୍କା ଲେଖାଏଁ ବରାଦ ହୋଇଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ହାତପାଣ୍ଠି ଅବା ଏମ୍‌ଏଲ୍‌ଏ ଲ୍ୟାଡ୍ ଫଣ୍ଡ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୩କୋଟି ଟଙ୍କା ଥିଲା। ବଜେଟ୍‌ରେ ଏଥିପାଇଁ ୭୩୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫୦୦ କୋଟି ଟଙ୍କା ଦିଆଯାଇଛି।

## ସୁଭଦ୍ରା ପାଇଁ ୧୦,୧୪୫ କୋଟି

ଭୁବନେଶ୍ୱର,୧୭ ।୨(ସମିସ): ସୁଭଦ୍ରା ଯୋଜନାରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ସରକାର ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ଏହି ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କା ଦେଇଥିଲେ। ସେହିପରି ସୁଭଦ୍ରା ସୁରକ୍ଷା ଯୋଜନା ପାଇଁ ୧୫୩କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ସେହିପରି ସୁଭଦ୍ରା ସଖୀ, ସୁଭଦ୍ରା ସଂଘ, ସୁଭଦ୍ରା କଲ୍ ସେଣ୍ଟର ଏବଂ ସୁଯୋଗ୍ୟ ସୁଭଦ୍ରା ଯୋଜନା ଆରମ୍ଭ ହେବ। ଆଜି ସୁଦ୍ଧା ସୁଭଦ୍ରା ଯୋଜନାରେ ୯୮ ଲକ୍ଷରୁ ଅଧିକ ମହିଳାଙ୍କୁ ୪୯୦୦ କୋଟି ଟଙ୍କା ଦିଆଗଲାଣି। ମାର୍ଚ୍ଚ ୮ ତାରିଖ ପୂର୍ବରୁ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା ଦିଆଯିବ।

## ଗରିବ ଝିଅଙ୍କ ବିବାହ କରାଇବେ ସରକାର

ଚଳିତଥର ବଜେଟରେ ସରକାର ଏକ ନୂଆ ଯୋଜନା ଆଣିଛନ୍ତି। ଏଥିରେ ରାଜ୍ୟରେ ଗରିବ ଝିଅମାନଙ୍କ ବିବାହ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆଣାଯାଇଛି। ଏହି ଯୋଜନାରେ ୧୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଗରିବ ଝିଅଙ୍କ ସାମୂହିକ ବିବାହ କରିବେ ରାଜ୍ୟ ସରକାର।

## ପ୍ରାଥମିକ ବିଦ୍ୟାଳୟରେ ଖୋଲିବ ଶିଶୁ ବାଟିକା

ଚଳିତ ବଜେଟରେ ରାଜ୍ୟ ସରକାର ପ୍ରଥମ କରି ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଏହି ଶିଶୁ ବାଟିକା ଖୋଲିବାକୁ ଯୋଜନା କରାଯାଇଛି। ଏଥରେ ୪୫ ହଜାରରୁ ଅଧିକ ପ୍ରାକ୍ ପ୍ରାଥମିକ ଶ୍ରେଣୀ ନିର୍ମାଣ କରାଯିବ। ଏଥିପାଇଁ ବଜେଟରେ ସ୍ୱତନ୍ତ୍ର ଭବେ .ଅର୍ଥ ବ୍ୟୟ ବରାଦ କରାଯାଇଛି।

## ୪ ଲେନ୍ ହେବ ରାଜ୍ୟ ରାଜପଥ

ରାଜଧାନୀ ଭୁବନେଶ୍ୱରରେ ଯାନବାହାନ ଭିଡ଼ ରୋକିବା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ୧୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହା ସହିତ ରାଜ୍ୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ନୂଆ କରି ୩ ହଜାର କିମି ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୬ ହଜାର ୫୦୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏନ୍‌ଏଚ୍‌ଏଆଇ ପରି ଓଡ଼ିଶା ରାଜ୍ୟ ପ୍ରାଧିକରଣ ସଂସ୍ଥା ଗଠନ କରାଯିବ।

## ମଧ୍ୟାହ୍ନ ଭୋଜନରେ ସପ୍ତାହରେ ୩ ଅଣ୍ଡା

ଭୁବନେଶ୍ୱର, ୧୭ ।୨(ସମିସ): ମଧ୍ୟାହ୍ନଭୋଜନରେ ଛାତ୍ରଛାତ୍ରୀଙ୍କୁ ମିଳିବ ଅଧିକ ଆଉ ଗୋଟିଏ ଆଣ୍ଡା। ପୂର୍ବରୁ ସପ୍ତାହରେ ଦୁଇଟି ଅଣ୍ଡା ଦିଆଯାଉଥିବା ବେଳେ ଏଣିକି ୩ଟି ଅଣ୍ଡା ମିଳିବ। ସେହିପରି ୩ଟି ପ୍ରୋଟିନ୍-ଆଇରନ୍ ଭରପୂର ଲଡୁ ଦିଆଯିବ। ଏହାସହ ରୋଷେୟା ତଥା ସହାୟିକାମାନଙ୍କର ମାସିକ ପାରିତୋଷିକ ବଢ଼ାଇବାକୁ ମଧ ସରକାର ନିଷ୍ପତ୍ତି ନେଇଛନ୍ତି।

## ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ପାଇଁ ୧୯୦୯ କୋଟି

ଭୁବନେଶ୍ୱର,୧୭।୨(ସମିସ): ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପାଇଁ ୧ହଜାର ୯ଶହ ୯କୋଟି ବଜେଟ୍ ପ୍ରସ୍ତାବ ରଖାଯାଇଛି। ଯେଉଁଥିରେ ୫୫୪ କୋଟି ଟଙ୍କା ପ୍ରଶାସନିକ ବ୍ୟୟ ରଖାଯାଇଛି। କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ୧୩୫୫କୋଟି ଟଙ୍କା ପ୍ରସ୍ତାବ ରଖାଯାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାକୁ ସରକାରଙ୍କ ପକ୍ଷରୁ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା ପାଇଁ ସହାୟତା ପ୍ରଦାନ କରିବା ଏବଂ ଗୋଖାଦ୍ୟ ଉତ୍ପାଦନ ପାଇଁ ସବ୍‌ସିଡି, ବୀମା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ଗତବର୍ଷ ସେପ୍ଟେମ୍ବର ମାସରେ ଏହାକୁ କ୍ୟାବିନେଟ୍ ଅନୁମୋଦନ ମିଳିଥିଲା। ଏଥିରେ ୧୪୨୩ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କୁହାଯାଇଥିଲା। ଚଳିତ ବଜେଟ୍‌ରେ ଏହି ଯୋଜନା ବାବଦକୁ ୧୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୨୪୫ କୋଟି ଟଙ୍କା ପ୍ରସ୍ତାବ ରହିଛି। ଏହି ଯୋଜନା ଅଧୀନରେ ସମ୍ବଲପୁର ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ଅସ୍ତରଙ୍ଗ ମାଛଧରା ବନ୍ଦରର ଉନ୍ନତୀକରଣ ଏବଂ ଅତ୍ୟାଧୁନୀକରଣ କରାଯିବ। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ୨୩୫କୋଟି ଟଙ୍କା ବ୍ୟୟବରାଦ କରାଯିବ।

## ଶିକ୍ଷା ବିଭାଗକୁ ୪୧,୨୭୩ କୋଟି

ଭୁବନେଶ୍ୱର, ୧୭ ।୨(ସମିସ): ଶିକ୍ଷା ବିଭାଗକୁ ବଜେଟ୍‌ରେ ମିଳିଛି ୪୧ ହଜାର ୨୭୩ କୋଟି। ଏହା ମୋଟ୍ ବଜେଟ୍‌ର ୧୪.୨ ପ୍ରତିଶତ ହୋଇଥିବା ବେଳେ ଗତ ବଜେଟ୍ ତୁଳନାରେ ପ୍ରାୟ ୧୬% ଅଧିକ। ସମଗ୍ର ବଜେଟ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ମୋଟ୍ ବଜେଟ୍‌ର ୧୦.୮% ଅନୁଦାନ ଅର୍ଥାତ୍ ୩୧,୧୮୫ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇଛି। ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୨୯୬୦ କୋଟି ଓ ୫୦ରୁ ଅଧିକ ଐତିହ୍ୟ ବିଦ୍ୟାଳୟ ପାଇଁ ୬୦ କୋଟି ଦିଆଯାଇଛି। ପଞ୍ଚସଖା ଶିକ୍ଷାସେତୁ ଅଭିଯାନରେ ୧୪୦ କୋଟି ଟଙ୍କା ଦିଆଯାଇଛି। ସେହିପରି ସମଗ୍ର ଶିକ୍ଷା ପାଇଁ ୪୬୮୧ କୋଟି ଓ ପିଏମ୍ ପୋଷଣ ପାଇଁ ୮୮୫ କୋଟି ଟଙ୍କା ଅନୁଦାନ ଦିଆଯାଇଛି।

ସେହିପରି ଉଚ୍ଚଶିକ୍ଷା କ୍ଷେତ୍ରକୁ ମୋଟ୍ ବଜେଟ୍‌ର ୧.୩ ପ୍ରତିଶତ ଅନୁଦାନ ମିଳିଛି। ଭିତ୍ତିଭୂମିର ବିକାଶ ପାଇଁ ୩୭୫ କୋଟି ମିଳିଥିବା ବେଳେ ଆଧୁନିକୀକରଣ ପାଇଁ ୪୦କୋଟି, ଆଦିବାସୀ ଭାଷାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ୧୦କୋଟି ଅନୁଦାନ ଦିଆଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧୀନ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ଏବଂ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଓ ସେମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଷ୍ଠାନରେ ପରିଣତ କରିବା ପାଇଁ ଶହେ କୋଟିର ପ୍ରସ୍ତାବ ରହିଛି। ଆଇଟିଆଇ ଓ ପଲିଟେକ୍ନିକ୍‌ରେ ଅତ୍ୟାଧୁନିକ ଶିକ୍ଷାଦାନ ପାଇଁ ୩୬୩ କୋଟି ଟଙ୍କା ଦିଆଯାଇଛି।

## ହୀରାକୁଦ ଡ୍ୟାମ ନବୀକରଣ ପାଇଁ ୮୫୦ କୋଟି

ଚଳିତଥର ବଜେଟରେ ରାଜ୍ୟ ସରକାର ହୀରାକୁଦ ଡ୍ୟାମ ନବୀକରଣ ପାଇଁ ପ୍ରସ୍ତାବ ରଖିଛନ୍ତି। ଏଥପାଇଁ ୮୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅନ୍ୟାନ୍ୟ ଡ୍ୟାମର ଉନ୍ନତି ପାଇଁ ୫୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ନଳକୂପ ପାଇଁ ବଜେଟ୍ରେ ୧୧୫୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଏତାବ୍ୟତୀତ ୩୧୩ ଚେକ୍ ଡ୍ୟାମ୍ରେ ବଜେଟରେ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆହୁରିମଧ୍ୟ ୧୯୩ କିମି ଲୁଣି ବନ୍ଧ ଯୋଜନା ପାଇଁ ୭୫୭ କୋଟିର ବ୍ୟବସ୍ଥା କରାଯାଇଛି।

## ଏୟାରଷ୍ଟ୍ରିପ୍‌ର ଉନ୍ନୟନ ପାଇଁ 'ବିମାନ' ଯୋଜନା

ଭୁବନେଶ୍ୱର,୧୭ ।୨(ସମିସ): ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଏଭିଏସନ୍ ଆସେଟସ୍ ଆଣ୍ଡ ନେଟୱାର୍କ (ବିମାନ) ନାମରେ ଏକ ନୂତନ ଯୋଜନା ଆରମ୍ଭ କରିବେ। ଏହି ଯୋଜନା ଅଧୀନରେ ପାରାଦ୍ୱୀପଠାରେ ଏକ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପ୍ରତିଷ୍ଠା କରାଯିବ। ଏଥିସହ ଉକ୍ତ ଯୋଜନାରେ ଲୋକଙ୍କ ଆକାଂକ୍ଷା ତଥା ଆବଶ୍ୟକତା ପୂରଣ ପାଇଁ ଏହି ଯୋଜନାରେ ରାଜ୍ୟରେ ଥିବା ପୁରାତନ ଏୟାରଷ୍ଟ୍ରିପ୍‌ଗୁଡ଼ିକର ପୁନରୁଦ୍ଧାର ତଥା ଉନ୍ନୟନ ପାଇଁ ସରକାର ପଦକ୍ଷେପ ନେବେ। ବିମାନ ଯୋଜନାରେ ଓଡ଼ିଶାରୁ ୧୦ ସହରକୁ ଘରୋଇ ବିମାନ ଚଳାଚଳ ଏବଂ ୩ଟି ନୂଆ ଦେଶକୁ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷେ ଓଡ଼ିଶା ନ୍ୟୁ-ଡେଷ୍ଟିନେସନ୍ ପଲିସି-୨୦୨୪ କାର୍ଯ୍ୟାନ୍ୱୟନ ପାଇଁ ସରକାର ବଜେଟରେ ୩୮୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଉକ୍ତ ଯୋଜନାରେ ବିମାନ ସଂସ୍ଥାଗୁଡ଼ିକୁ ସରକାର ସବ୍‌ସିଡି ପ୍ରଦାନ କରିବା ସହ ପର୍ଯ୍ୟଟନ, ବ୍ୟବସାୟ, ନିଯୁକ୍ତି ତଥା ବିମାନ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

### ବଜେଟର ଗତି

| ବିଭାଗ/ବର୍ଷ | ୨୦୨୪ କାମଚଳା* | ୨୦୨୪* | ୨୦୨୫* |
|---|---|---|---|
| ଗୃହ | ୮୬୪୧.୨୭ | ୮୯୯୪ | ୧୦୭୫୯.୯ |
| ସାଧାରଣ ପ୍ରଶାସନ | ୬୯୫.୭୨ | ୭୩୨ | ୭୪୦.୭୮ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୭୫୧.୪୪ | ୧୭୬୯ | ୧୯୧୩.୨୮ |
| ଅର୍ଥ | ୬୬୩୨୧.୮୯ | ୫୯୩୧୨ | ୬୩୫୧୧.୯୧ |
| ବାଣିଜ୍ୟ | ୧୯୫.୮୯ | ୨୦୩ | ୩୦୮.୮୧ |
| ଆଇନ | ୯୧୫.୪୨ | ୧୫୯୦ | ୧୦୫୯.୪୪ |
| ପୂର୍ତ୍ତ | ୧୦୯୫୦ | ୧୦୭୫୦ | ୧୨୦୦୦ |
| ଓଡ଼ିଶା ବିଧାନସଭା | ୮୫.୯୮ | ୮୬ | ୧୪୪.୬୨ |
| ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ | ୧୩୦୭.୭୫ | ୧୩୦୮ | ୧୫୨୭.୭୭ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୪୭୬୪.୨୮ | ୨୬୩୯୧ | ୩୧୧୮୫.୪୭ |
| ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ଓ ସଂଖ୍ୟାଲଘୁ | ୫୫୪୪.୧୮ | ୫୭୫୦ | ୬୪୩୬.୧୦ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୯୭୨୯.୩୩ | ୨୦୮୩୭ | ୨୨୭୪୧.୨୧ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯୮୬୮.୩୮ | ୯୬୦୩ | ୯୯୭୩.୫୭ |
| ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା | ୩୧୦.୨୨ | ୩୧୮ | ୩୭୩.୨୨ |
| କ୍ରୀଡ଼ା ଓ ଯୁବସେବା | ୧୩୦୪.୯୫ | ୧୩୧୫ | ୧୩୧୯.୭୯ |
| ଯୋଜନା ଓ ସମନ୍ୱୟ | ୧୨୦୪୩.୪୪ | ୨୦୧୮ | ୨୮୦୮.୨୨ |
| ପଞ୍ଚାୟତିରାଜ | ୨୨୫୪୩.୩୩ | ୨୬୪୬୬ | ୨୮୪୫୧.୩୧ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ | ୨.୮୦ | ୩ | ୨.୯୬ |
| ଶିଳ୍ପ | ୮୦୭.୬୩ | ୮୦୮ | ୮୦୫.୧୫ |
| ଜଳସମ୍ପଦ | ୧୩୨୬୭.୪୦ | ୧୩୨୭୨ | ୧୪୮୯୪.୨୧ |
| ପରିବହନ | ୩୦୯୬.୯୨ | ୩୭୪୨ | ୩୭୯୪.୮୮ |
| ଜଙ୍ଗଲ ଓ ପରିବେଶ | ୧୨୧୯.୩୧ | ୧୪୧୮ | ୧୪୯୧.୪୯ |
| କୃଷି ଓ କୃଷକ ସଶକ୍ତିକରଣ | ୭୯୨୩.୮୭ | ୧୨୯୨୬ | ୧୪୭୦୦.୭୧ |
| ଇସ୍ପାତ ଓ ଖଣି | ୪୬୪.୪୬ | ୪୫୬ | ୪୦୪.୩୯ |
| ସୂଚନା ଓ ଲୋକସମ୍ପର୍କ | ୧୪୫.୮୦ | ୧୫୬ | ୧୬୦.୭୦ |
| ଅବକାରୀ | ୨୩୦.୨୨ | ୨୪୧ | ୨୪୪.୯୯ |
| ବିଜ୍ଞାନ ଓ ବୈଷୟିକ | ୧୨୬.୦୬ | ୧୨୨ | ୩୫୩.୨୨ |
| ଗ୍ରାମ୍ୟ ଉନ୍ନୟନ | ୯୩୩୦.୦୦ | ୯୪୫୬ | ୧୦୦୨୦.୧୨ |
| ସଂସଦୀୟ ବ୍ୟାପାର | ୮୫.୦୪ | ୮୫ | ୭୪.୭୧ |
| ଶକ୍ତି | ୩୩୫୧.୭୨ | ୩୩୫୫ | ୩୯୬୨.୩୩ |
| ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ | ୨୬୧.୬୧ | ୨୬୨ | ୨୬୬.୫୮ |
| ପର୍ଯ୍ୟଟନ | ୮୧୭.୯୫ | ୮୧୮ | ୮୨୦.୦୮ |
| ମତ୍ସ୍ୟ ଓ ପଶୁସମ୍ପଦ | ୧୯୩୭.୬୫ | ୧୮୯୬ | ୧୯୦୯.୧୨ |
| ସମବାୟ | ୨୧୦୭.୯୯ | ୨୧୧୬ | ୨୨୭୬.୯୬ |
| ସାଧାରଣ ଉଦ୍ୟୋଗ | ୧୧.୫୪ | ୧୨ | ୧୧.୦୪ |
| ମହିଳା ଓ ଶିଶୁକଲ୍ୟାଣ | ୫୦୧୫.୧୫ | ୧୫୧୮୧ | ୧୫୨୨୨.୮୫ |
| ସୂଚନା ଓ ପ୍ରଯୁକ୍ତିବିଦ୍ୟା | ୩୭୩.୮୩ | ୫୦୯ | ୬୮୮.୮୩ |
| ଉଚ୍ଚଶିକ୍ଷା | ୩୪୬୯.୮୩ | ୩୪୭୮ | ୩୬୫୫.୮୩ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୧୫୮୨.୭୬ | ୧୫୮୩ | ୧୭୮୪.୫୪ |
| ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୪୭.୧୫ | ୭୪୭ | ୭୫୮.୮୬ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୪୬୯୮.୯୦ | ୭୭୧୦ | ୯୧୨୦.୬୬ |
| ବିପର୍ଯ୍ୟୟ ପରିଚାଳନା | ୩୯୭୦.୨୯ | ୪୦୨୩ | ୪୦୪୯.୮୫ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୨୧୯.୮୨ | ୪୨୦ | ୪୮୧.୮୩ |
| ମିଶନ ଶକ୍ତି | ୨୭୬୦ | ୨୭୬୨ | ୨୭୭୪.୭୩ |
| ମୋଟ (*କୋଟି ଟଙ୍କା) | ୨୫୫୦୦୦ | ୨୬୫୦୦୦ | ୨୯୦୦୦୦ |

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-233 ♦BHUBANESWAR ♦TUESDAY ♦18 FEBRUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୩୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୮ ଫେବୃଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦


# ଆଜିଠୁ +୨ ପରୀକ୍ଷା

■ **ଭୁବନେଶ୍ୱର, ୧୭ ।୨ (ସମିସ):** ଆସନ୍ତାକାଲି(ମଙ୍ଗଳବାର)ଠାରୁ ଆରମ୍ଭ ହେବ+୨ ପରୀକ୍ଷା । ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଦିନ ୧ଟାରେ ସରିବ । ପ୍ରଥମ ଦିନରେ ବିଜ୍ଞାନ ବିଭାଗର ପରୀକ୍ଷା ହେବ । ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର୍ ପିଲାମାନେ ଏମ୍ଆଇଏଲ୍ (ଓଡ଼ିଆ) ପରୀକ୍ଷା ଦେବେ । ଏହାର ପରଦିନ ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବ ।

ପରୀକ୍ଷାର ସୁପରିଚାଳନା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସମସ୍ତ ହବ୍‌ରୁ ପରୀକ୍ଷା କେନ୍ଦ୍ରକୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ନେବାକୁ ପୁନଃ ସମୀକ୍ଷା କରାଯାଇଛି । ସକାଳ ସାଢ଼େ ୮ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ । କୌଣସି ପରିସ୍ଥିତିରେ ଯେପରି ପ୍ରଶ୍ନପତ୍ର ଲିକ୍ ବା ବିଶୃଙ୍ଖଳା ସୃଷ୍ଟି ନ ହୁଏ, ସେଥିପାଇଁ ସିଏଚ୍ଏସ୍ଇ ଚୂଡ଼ାନ୍ତ ପ୍ରସ୍ତୁତି କରିଛି ।

ପରୀକ୍ଷା ହଲ୍‌ରେ ସିସିଟିଭି ଲାଗିବା ସହ କପି ରୋକିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି । କଲେଜସ୍ତରରେ ▶ପୃଷ୍ଠା-୭

## ୨.୯୦ ଲକ୍ଷ କୋଟିର ବଜେଟ

# ଋଣ ଭରସା

■ **ଭୁବନେଶ୍ୱର, ୧୭।୨ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଜି ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଆଗତ କରିଛନ୍ତି । ୨୦୨୪-୨୫ରେ ବଜେଟ୍ ଆକାର ୨ ଲକ୍ଷ ୬୫ ହଜାର କୋଟି ଥିବା ବେଳେ ଚଳିତ ଥର ରାଜ୍ୟ ସରକାର ଅଧିକ ୨୫ ହଜାର କୋଟି ଟଙ୍କା ବୃଦ୍ଧି କରିଛନ୍ତି । ବଜେଟରେ ମୁଖ୍ୟମନ୍ତ୍ରୀ ମୋଟ ୧୬ଟି ନୂଆ ଯୋଜନା ଘୋଷଣା କରିଛନ୍ତି । ପୁରୁଣା ଯୋଜନା ଏବଂ ନୂଆ ଯୋଜନାକୁ ମିଶାଇ ସରକାରୀ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ମୋଟ ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ବରାଦ କରାଯାଇଛି । ଯାହା ମୋଟ ବଜେଟ ଆକାରର ୫୮.୬୨ ପ୍ରତିଶତ । ସେହିପରି ପ୍ରଶାସନିକ ବ୍ୟୟ ବାବଦରେ ୧ ଲକ୍ଷ ୮ ହଜାର କୋଟି ଟଙ୍କା ବରାଦ ହୋଇଛି । ତେବେ ବିଜେଡି ସରକାର ନିଜ ଶେଷ ପାଳିର ୨ରୁ ୩ ବର୍ଷ ଖୋଲା ବଜାରରୁ ଋଣ କରୁନଥିବା ବେଳେ ମୋହନ ସରକାର କିନ୍ତୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଋଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରାୟ ୪୭୪୦୦ କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଛନ୍ତି ଓ ଆର୍ଥିକ ବର୍ଷ ଶେଷ ବେଳକୁ ରାଜ୍ୟର ଋଣ ଭାର ୧ ଲକ୍ଷ ୩୪ ହଜାର ୯୧୪ କୋଟିରେ ପହଞ୍ଚିବା ଆକଳନ କରାଯାଇଛି ।

ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ବଜେଟ୍ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ବଜେଟ ସମୃଦ୍ଧ ଓଡ଼ିଶା-୨୦୩୬ର ଭିତ୍ତି ସ୍ଥାପନ ପାଇଁ ଉଦ୍ଦିଷ୍ଟ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୩୭ ହଜାର ୮୩୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ଓ ଏହାମଧ୍ୟରୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପାଇଁ ମୋଟ ୧୪ ହଜାର ୭୦୧ କୋଟି ଟଙ୍କା ରହିଛି । ଜଳସେଚନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବାକୁ ଯାଇ ୨୦୨୫-୨୬ରେ ୨.୭୭ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ସରକାର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଛନ୍ତି ।



**୧୬ ନୂଆ ଯୋଜନା ପ୍ରଣୟନ**

**ସଡ଼କ ସଂଯୋଗ, ଗମନାଗମନ, ଭିତ୍ତିଭୂମି ଉନ୍ନୟନ ଓ ନିର୍ମାଣକୁ ଗୁରୁତ୍ୱ**

**ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦକୁ ୨୦୦ କୋଟି ଲେଖାଏଁ ଅନୁଦାନ**

**ବ୍ରହ୍ମପୁର-ଜୟପୁର ୬ ଥାକିଆ ଗ୍ରୀନ୍‌ଫିଲ୍ଡ ଏକ୍ସପ୍ରେସ ୱେ ନିର୍ମାଣ ଘୋଷଣା**

**ମାଲକାନଗିରିର ମୋଟୁରୁ ମୟୂରଭଞ୍ଜର ତିରିଂ ଯାଏ 'ଅଟଳ ଏକ୍ସପ୍ରେସ ୱେ'**

**ବିସ୍ତୃତ ସିଟି ରୋଡ ଡିକଞ୍ଜେସନ୍ ଯୋଜନା ପାଇଁ ୧୩ ହଜାର କୋଟି ଟଙ୍କା**

**କର୍ମଜୀବୀ ମହିଳାମାନଙ୍କ ପାଇଁ ଚଳାଚଳ କରିବ ସ୍ୱତନ୍ତ୍ର ମହିଳା ବସ୍**

ଚଳିତ ବଜେଟରେ ରାଜ୍ୟ ସରକାର ଭିତ୍ତିଭୂମି ବିକାଶ, ଗମନାଗମନ, ଯୋଗାଯୋଗ, କ୍ରୀଡ଼ା, ନଗର ଉନ୍ନୟନ ଆଦି କ୍ଷେତ୍ରକୁ ଗୁରୁତ୍ୱ ।।ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ବଜେଟ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଏକାଧିକ ସଡ଼କ ପ୍ରକଳ୍ପ କାର୍ଯ୍ୟନ୍ୱୟନ ନେଇ ଘୋଷଣା ମଧ୍ୟ କରିଛନ୍ତି । ମାଲକାନଗିରିର ମୋଟୁରୁ ମୟୂରଭଞ୍ଜର ତିରିଂକୁ ଅଟଳ ଏକ୍ସପ୍ରେସ ୱେ ସହ ଝାରସୁଗୁଡ଼ା- ବାଲେଶ୍ୱର, ନୂଆପଡ଼ା-ଅସ୍ତରଙ୍ଗ, ବୃନ୍ଦାବାହାଲ-ଗୋପାଳପୁର, ବ୍ରହ୍ମପୁର-ଜୟପୁର, ଜୟପୁର-ରାଉରକେଲା, ରାଉରକେଲା-ଜଳେଶ୍ୱର ଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ କରିଡର ଅନ୍ତର୍ଭୁକ୍ତ ରହିଛି । ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଭିଡକୁ ଦୃଷ୍ଟିରେ ରଖି ୧୩ ହଜାର କୋଟି ଟଙ୍କା ବିନିମୟରେ ବିସ୍ତୃତ ସିଟି ରୋଡ ଡିକଞ୍ଜେସନ୍ ଯୋଜନାର ପରିକଳ୍ପନା କରାଯାଇଛି । ଏହାବ୍ୟତୀତ ରାଜ୍ୟବ୍ୟାପୀ ସଡ଼କ ନେଟୱାର୍କ ଯୋଜନା, ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗୃହରେ ଘୋଷଣା କରିଛନ୍ତି । ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ମହିଳା ବସ୍ ଚଳାଚଳ ପାଇଁ ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ସମୃଦ୍ଧ ସହର ଯୋଜନାରେ ୪୦୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ବିମାନ ସେବାରେ ପରିଚାଳନା ଖର୍ଚ୍ଚ ଏବଂ ରାଜସ୍ୱ ପ୍ରାପ୍ତିରେ ବ୍ୟବଧାନ ଦୂର ପାଇଁ ଓଡ଼ିଶା ନୂଆ ଗନ୍ତବ୍ୟ ନୀତି-୨୦୨୪ କାର୍ଯ୍ୟକାରୀ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୧୧୦୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ପାଇଁ ୭୯୫ ▶ପୃଷ୍ଠା-୭

### କଟାକ୍ଷ କଲେ ନବୀନ

## ରିଭର୍ସ ଗିୟର୍‌ରେ ଡବଲ ଇଞ୍ଜିନ୍

■ **ଭୁବନେଶ୍ୱର, ୧୭ ।୨ (ସମିସ):** ଓଡିଶାରେ ଡବଲ ଇଞ୍ଜିନ୍ ସରକାର ଆଗକୁ ବଢ଼ିବା ବଦଳରେ ପଛକୁ ପଛକୁ ଚାଲିଛି । ଯଦି ସରକାର ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି ତାହେଲେ ବଜେଟ ଆଣିବାର ଯଥାର୍ଥତା କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବଜେଟକୁ ନେଇ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ଶ୍ରୀ ପଟ୍ଟନାୟକ କହିଛନ୍ତି, ଡବଲ ଇଞ୍ଜିନ୍ ସରକାରରେ ସବୁ ଓଲଟା କାମ ହେଉଛି । ସରକାର ରିଭର୍ସ ଗିୟରରେ ଚାଲିଛି । ଆମ ରାଜ୍ୟର ଆର୍ଥିକ ପ୍ରଗତି ତଳମୁହାଁ ହୋଇଛି । ଶିଳ୍ପ ବିକାଶରେ ମଧ୍ୟ ନୈରାଶ୍ୟଜନକ ସ୍ଥିତି । କ୍ଷେତ୍ର ଉପରେ କାମ ହେଉ ନାହିଁ । ଯନ୍ତ୍ରଣାରେ ଛଟପଟ ହୋଇ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ସାଧାରଣ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଲାଣି । ଗୋଟିଏ ପଟେ ବେରୋଜଗାରୀ ବଢ଼ି ଚାଲିଥିବା ବେଳେ ମିଶନ୍ ଶକ୍ତିର ମା' ମାନେ ଅସହାୟ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ କାମ ମିଳୁ ନାହିଁ । ବଜେଟରେ ଗୁଡିଏ ଟଙ୍କା ଘୋଷଣା କରିଦେଲେ ହେବ ନାହିଁ, ସେହି ଅର୍ଥରେ କେତେ ବିକାଶ କାମ ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ । ସରକାର ଯେଉଁ ବଜେଟ ଆଣିଛନ୍ତି ସେଥିରୁ କେତେ ଟଙ୍କା ଖର୍ଚ୍ଚ ହେଉଛି ତାହା ଉପରେ ଆମର ନଜର ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।



**ଖର୍ଚ୍ଚ କରି ନ ପାରିଲେ ବଜେଟ୍ ନିରର୍ଥକ**

**ମା'ମାନଙ୍କୁ କାମ ମିଳୁନାହିଁ ଶିଳ୍ପ ବିକାଶ ତଳମୁହାଁ**

**ଉତ୍କଟ ହେଲାଣି ରାଜ୍ୟରେ ବେକାରୀ ଓ ଦରଦାମ ବୃଦ୍ଧି**

## ବଢ଼ିଲା କରଜ

# ୨୪ ବର୍ଷରେ ଯେତିକି; ୯ ମାସରେ ସେତିକି

■ **ଭୁବନେଶ୍ୱର, ୧୭ ।୨ (ସମିସ):** ୨୪ ବର୍ଷରେ ବିଜେଡି ସରକାର ଯାହା କରି ପାରି ନ ଥିଲା, ତାହା ୯ ମାସରେ ହୋଇ ପାରିଛି ବୋଲି ବିଜେପି ନେତା, ସରକାରଙ୍କ ମନ୍ତ୍ରୀମାନେ କହୁଥିବା କଥା ବାସ୍ତବତଃ ସତ୍ୟରେ ପରିଣତ ହୋଇଛି । ୨୦୨୪ରେ ବିଜେଡି ସରକାର ଛାଡ଼ିବା ବେଳେ ରାଜ୍ୟର ଋଣ ୯୪ ହଜାର କୋଟିରେ ପହଞ୍ଚିଥିଲା । ମାତ୍ର ବିଜେପି ସରକାର ୯ ମାସରେ ୯୦ ହଜାର କୋଟି ଟଙ୍କା ଋଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ସରକାର ୪୩ ହଜାର କୋଟି ଟଙ୍କା ଋଣ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭ ହଜାର କୋଟି ଋଣ କରିବାକୁ ବଜେଟରେ ଲକ୍ଷ୍ୟ ରଖିଛନ୍ତି । ଏକପକ୍ଷରେ ରାଜସ୍ୱ ଆୟ ବୃଦ୍ଧି ପାଉ ନ ଥିବା ସମୟରେ ଋଣଭାର ବୃଦ୍ଧି ରାଜ୍ୟ ଉପରେ ବୋଝ ହେବାକୁ ଯାଉଛି । ଗତ ଆର୍ଥିକ ବର୍ଷ ଶେଷ ବେଳକୁ ରାଜ୍ୟବାସୀଙ୍କ ମୁଣ୍ଡପିଛା ଋଣ ୨୦ ହଜାର ଥିବାବେଳେ ୯ ମାସରେ ଏହା ବୃଦ୍ଧି ପାଇ ୨୮ ହଜାରରେ ପହଞ୍ଚିଛି ଓ ଆଗାମୀ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୩୫ ହଜାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି ।

୨୦୦୦ ମସିହାରେ ବିଜେଡି ସରକାର କ୍ଷମତାକୁ ଆସିବା ସମୟରେ ଓଡିଶାର ଋଣ ଭାର ୧୮ ହଜାର କୋଟି ଟଙ୍କା ଥିଲା । ୨୪ ବର୍ଷ ଭିତରେ ସରକାର ୭୮ ହଜାର କୋଟି ଟଙ୍କା ଋଣ କରିଥିଲେ । ମାତ୍ର ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର କ୍ଷମତାକୁ ଆସିବାର ୯ ମାସ ଭିତରେ ଆଉ ୯୦ ହଜାର କୋଟି ଟଙ୍କା ଋଣ କରିବାକୁ ଯୋଜନା କରି ସାରିଲେଣି । ଦେଶରେ ଅଧିକାଂଶ ବିଜେପି ଶାସିତ ରାଜ୍ୟରେ ଋଣ ଭାର ଓ ମୁଣ୍ଡ ପିଛା ଋଣ ଯଥେଷ୍ଟ ଅଧିକ ରହିଥିବା ବେଳେ ଓଡିଶା ଏବେ ସେହି ଦିଗରେ ଅଗ୍ରସର ହେଉଛି । ୨୦୦୦ ମସିହାରେ ସରକାରୀ ଟ୍ରେଜେରୀ ଖାଲି ଥିବାରୁ ସରକାର ଋଣ ଉପରେ ଭରସା କରିଥିଲେ; କିନ୍ତୁ ପ୍ରତି ବର୍ଷ ବଜେଟରେ ଋଣ ପରିଶୋଧ ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଏଥିସହ ବିତ୍ତୀୟ ପରିଚାଳନା ମଧ୍ୟ ସମାନ ଆଭିମୁଖ୍ୟ ନେଇ ଚାଲିଥିଲା । ପରିଣାମସ୍ୱରୂପ ରାଜ୍ୟର ଋଣ ଭାର ୧୨୯୩୫୬ କୋଟି ଟଙ୍କାରୁ ହ୍ରାସ ପାଇ ୯୬୩୧୦ କୋଟି ଟଙ୍କାରେ ପହଞ୍ଚିଥିଲା । ବିଜେପି ସରକାରଙ୍କ ଆଗାମୀ ଆର୍ଥିକ ବର୍ଷରେ ବି ପୁଣି ଋଣ କରିବାକୁ ଯୋଜନା କରିଛନ୍ତି । ୨୦୨୪-୨୫ରେ ସରକାରୀ ଋଣ ପରିମାଣ ୪୩୪୯୫ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭୪୦୦ କୋଟି ଟଙ୍କା ଋଣ ଲକ୍ଷ୍ୟ ରହିଛି ।

ଅର୍ଥନୀତି ବିଶାରଦମାନେ ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଯଦି ସରକାର ବଜେଟ ପାଣ୍ଠି ଭଲ ଭାବେ ବ୍ୟୟ କରୁଛନ୍ତି ଏବଂ ତା ସହିତ ଋଣ କରୁଛନ୍ତି ତା ହେଲେ ବିକାଶ ତ୍ୱରାନ୍ୱିତ ହେବ । କିନ୍ତୁ ଚଳିତ ଆର୍ଥିକ ବର୍ଷରେ ବଜେଟ ବ୍ୟୟ ନୈରାଶ୍ୟଜନକ ରହିଥିବା ବେଳେ ପୂର୍ବାପେକ୍ଷା ଅଧିକ ଋଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ବିତ୍ତୀୟ ପରିଚାଳନାରେ ସମଗ୍ର ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଆସୁଥିବା ଓଡିଶା ଏବେ ପଛକୁ ହଟିବା ଆରମ୍ଭ କରିବ । ସୁଭଦ୍ରା ଯୋଜନାରେ ବର୍ଷିକୁ ୧୦ ହଜାର କୋଟି ଟଙ୍କା ବଣ୍ଟା ଯାଉଥିବା ବେଳେ ଦୁଇ ବର୍ଗର ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ଏବଂ ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି । ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ମଧ୍ୟ ବହୁ ନକାରାତ୍ମକ ଦିଗକୁ ଇଙ୍ଗିତ କରାଯାଇଛି । ଶିଳ୍ପ, କୃଷି, ସେବା କ୍ଷେତ୍ର, ନିଯୁକ୍ତିରେ ଅଗ୍ରଗତି ନଥିବା ବେଳେ ବିତ୍ତୀୟ ନିଅଣ୍ଟ ଆହ୍ୱାନ ସୃଷ୍ଟି କରିଛି ।



**ବର୍ଷକରେ ମୁଣ୍ଡପିଛା ଋଣ ୮ ହଜାର ଟଙ୍କା ବୃଦ୍ଧି**

## ଜ୍ଞାନେଶ କୁମାର ନୂଆ ମୁଖ୍ୟ ନିର୍ବାଚନ କମିସନର



■ **ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି):** ନିର୍ବାଚନ କମିସନର ଜ୍ଞାନେଶ କୁମାର ହେବେ ଭାରତର ନୂଆ ମୁଖ୍ୟ ନିର୍ବାଚନ କମିସନର । କେନ୍ଦ୍ର ଆଇନ ବିଭାଗ ପକ୍ଷରୁ ଆଜି ରାତିରେ ଜାରି ଏକ ବିଜ୍ଞପ୍ତିରେ ତାଙ୍କର ନିଯୁକ୍ତି ସଂପର୍କରେ ସୂଚନା ଦିଆଯାଇଛି । ନୂଆ ଆଇନ ଅନୁସାରେ ମୁଖ୍ୟ ନିର୍ବାଚନ କମିସନର ନିଯୁକ୍ତ ହେବାରେ ଜ୍ଞାନେଶ କୁମାର ହେଉଛନ୍ତି ପ୍ରଥମ । ତାଙ୍କୁ ରାଜୀବ କୁମାରଙ୍କ ସ୍ଥାନରେ ନିଯୁକ୍ତି ମିଳିଛି । ୨୬ ଜାନୁଆରୀ ୨୦୨୯ ପର୍ଯ୍ୟନ୍ତ ଜ୍ଞାନେଶ କୁମାର ଏହି ପଦବୀରେ ରହିବେ ।

ଏହା ସହିତ ୧୯୮୯ ବ୍ୟାଚ୍‌ର ହରିଆଣା କ୍ୟାଡର୍ ଆଇଏସ୍ ଅଫିସର ବିବେକ ଯୋଶୀଙ୍କୁ ନୂଆ ନିର୍ବାଚନ କମିସନର ଭାବେ ନିଯୁକ୍ତ କରାଯାଇଛି । ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନ କମିସନ ନିଯୁକ୍ତି କମିଟି ବୈଠକରେ ଏମାନଙ୍କ ନାମର ସୁପାରିସ ରାଷ୍ଟ୍ରପତିଙ୍କୁ କରାଯାଇଥିଲା । ଏହି ନିଯୁକ୍ତି କମିଟିରେ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ଅଛନ୍ତି ।

କେରଳ କ୍ୟାଡର (୧୯୮୮ ବ୍ୟାଚ୍) ର ଏହି ପୂର୍ବତନ ଆଇଏଏସ ଅଧିକାରୀ ପୂର୍ବରୁ ସଂସଦୀୟ ବ୍ୟାପାର ସଚିବ ଭାବେ କାର୍ଯ୍ୟଭାର ତୁଲାଇଥିଲେ । ସେ ସମବାୟ ବିଭାଗର ସଚିବ ଥିବାବେଳେ ଅବସର ଗ୍ରହଣ କରିଥିଲେ । ଗତବର୍ଷ ମାର୍ଚ୍ଚ ମାସରେ ତାଙ୍କୁ ନିର୍ବାଚନ କମିସନର ନିଯୁକ୍ତ କରାଯାଇଥିଲା । ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୬ରେ ତାମିଲନାଡୁ ଏବଂ ▶ପୃଷ୍ଠା-୭

## ପ୍ରତିଶ୍ରୁତି ଦେଇ ଫାଙ୍କିଦେଲେ

## ୭୦ ଲକ୍ଷ ବରିଷ୍ଠ ନାଗରିକ ନିରାଶ

■ **ଭୁବନେଶ୍ୱର, ୧୭ ।୨ (ସମିସ):** ଚଳିତ ବଜେଟରେ ସାମାଜିକ ସୁରକ୍ଷା ହିତାଧିକାରୀ ଜଳକା ହେଲେ । କେବଳ ୮୦ ବର୍ଷରୁ ଅଧିକ ଏବଂ ୮୦%ରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବାଦ୍ ଦେଲେ ଅନ୍ୟ ବର୍ଗର ହିତାଧିକାରୀମାନେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେବେ ।

ଚଳିତବର୍ଷ ଜାନୁଆରୀରେ ରାଜ୍ୟ ସରକାର ଉପରୋକ୍ତ ଦୁଇ ବର୍ଗର ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ପାଇଁ ବର୍ଦ୍ଧିତ ଭତ୍ତା ବଣ୍ଟନ ଆରମ୍ଭ କରିଥିଲେ । ଏହାଦ୍ୱାରା ପ୍ରାୟ ୪ ଲକ୍ଷ ୧୭ ହଜାର ହିତାଧିକାରୀ ମାସିକ ୩୫୦୦ ଟଙ୍କା ଭତ୍ତା ପାଇବା ଆରମ୍ଭ କରିଛନ୍ତି । ତେଣୁ ସବୁବର୍ଗକୁ ମିଶାଇ ଅବଶିଷ୍ଟ ୭୦ ଲକ୍ଷ ହିତାଧିକାରୀଙ୍କ ନଜର ଏହି ବଜେଟ ଉପରେ ଥିଲା । ସରକାର ଗଠନ କଲେ ଆମେ ରାଜ୍ୟର ସମସ୍ତ ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବୁ ବୋଲି ଗତ ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା । ସେହି କ୍ରମରେ ୮୦ବର୍ଷରୁ ଅଧିକ ବୟସ ତଥା ୮୦%ରୁ ଅଧିକ ଭିନ୍ନକ୍ଷମଙ୍କ ଭଳି ବର୍ଦ୍ଧିତ ଭତ୍ତା ମିଳିବା ନେଇ ବେଶ୍ ଆଶାବାଦୀ ଥିଲେ ଅନ୍ୟ ବର୍ଗର ହିତାଧିକାରୀ । ନୂଆ ବଜେଟ୍‌ରେ ସରକାର ସାମାଜିକ ସୁରକ୍ଷା କ୍ଷେତ୍ର ପାଇଁ ୨୪,୨୫୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖିଛନ୍ତି ଯାହା ମୋଟ ବଜେଟର ୮.୪% । ମଧୁବାବୁ ପେନ୍‌ସନ୍ ଯୋଜନା ପାଇଁ ୫୩୭୦ କୋଟି ଟଙ୍କା ଥିବା ବେଳେ ନିଃସହାୟଙ୍କ ପାଇଁ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ବାବଦରେ ୨୧୮୧ କୋଟି, ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ୍ ପାଇଁ ୧୦୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

# ଚିପିଦେଲେ 'ମେଟ୍ରୋ' ତଣ୍ଟି

## କାମଚଳାରେ ମିଳିଥିଲା ହଜାରେ, ପୂର୍ଣ୍ଣାଙ୍ଗରେ ୩୦୦ କୋଟି

■ **ଭୁବନେଶ୍ୱର, ୧୭।୨ (ସମିସ):** ଓଡ଼ିଶାର ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପକୁ ପ୍ରୋତ୍ସାହନ ଦେଇନାହାନ୍ତି ରାଜ୍ୟ ସରକାର । ସୋମବାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଗତ କରିଥିବା ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ମାତ୍ର ୩୦୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଓଡ଼ିଶା ଇତିହାସରେ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ଼ ପ୍ରକଳ୍ପ ଭାବେ ବିବେଚନା କରାଯାଉଥିଲା । ରାଜ୍ୟର ଏହି ସର୍ବବୃହତ ପ୍ରକଳ୍ପ ପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବା ସହ ୪ ବର୍ଷ ମଧ୍ୟରେ ଏହି ପ୍ରକଳ୍ପକୁ ଶେଷ କରିବାକୁ ପୂର୍ବ ନବୀନ ସରକାର ଘୋଷଣା କରିଥିଲେ । ଯାହାର ପରିଣାମ ସ୍ୱରୂପ ନିଜ ସରକାରର ଶେଷ ଅର୍ଥାତ କାମଚଳା ବଜେଟ୍‌ରେ ମଧ୍ୟ ଏହି ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରି ନବୀନ ସରକାର ଉକ୍ତ ପ୍ରକଳ୍ପକୁ ବଳ ଦେଇଥିଲେ । ମାତ୍ର ୨୦୨୫-୨୬ ବର୍ଷ ପାଇଁ ଏହି ପ୍ରକଳ୍ପ ବାବଦକୁ ବ୍ୟୟଅଟକଳ ଯଥେଷ୍ଟ ପରିମାଣରେ ହ୍ରାସ କରି ଦିଆଯାଇଛି । ସାଧାରଣ ନିର୍ବାଚନ ଦୃଷ୍ଟିରୁ ଗତବର୍ଷ ଫେବୃଆରୀ ମାସରେ ତତ୍କାଳୀନ ବିଜେଡି ସରକାର ମେଟ୍ରୋ ପ୍ରକଳ୍ପ ପାଇଁ କାମଚଳା ବଜେଟ୍‌ରେ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ । ଜୁନ୍ ମାସରେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ସହ ଜୁଲାଇରେ ନୂତନ ▶ପୃଷ୍ଠା-୭



**୪ ବର୍ଷରେ ପ୍ରକଳ୍ପ ସାରିବାକୁ ସମୟ ଧାର୍ଯ୍ୟ କରିଥିଲେ ପୂର୍ବ ସରକାର**

**ବ୍ୟୟବରାଦ କମିବା ପରେ ପ୍ରକଳ୍ପ ଭବିଷ୍ୟତକୁ ନେଇ ଅନିଶ୍ଚିତତା**


SIKSHA 'O' ANUSANDHAN

Empowering students for a brighter future

MANAGEMENT PROGRAMMES OFFERED
- MBA
- MBA (Hospital Administration)
- MBA (Hospitality Management)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through CAT 2024, Please visit: www.soa.ac.in

# ଦୁର୍ଘଟଣାରେ ଗଲା ୫ ଜୀବନ

## ଟିପର୍-ଅଟୋ ମୁହାଁମୁହିଁ ଧକ୍କା: ୩ ଶ୍ରମିକ ମୃତ

**ଜୟପୁର, ୧୭।୨ (ସମିସ):** କୋରାପୁଟ ଜିଲ୍ଲା ପଣସପୁଟ ପଞ୍ଚାୟତ ଅନ୍ତର୍ଗତ ବାଗ୍ରା ଗ୍ରାମ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ସୋମବାର ପୂର୍ବାହ୍ନରେ ଏକ ଅଟୋ ଓ ଟିପର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ବୈପାରୀଗୁଡ଼ା ଥାନା ମହୁଲି ପଞ୍ଚାୟତ ଲେଞ୍ଜା ଗ୍ରାମର ଅଭି ପାଙ୍ଗି (୬୦), ଗୁରୁ ମାଝି(୧୮) ଓ ଅଟୋଚାଳକ ଲଇଛନ ଗୋଲରୀ(୫୦)। ଘଟଣାସ୍ଥଳରେ ହିଁ ଅଭିଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ବାକି ୨ଜଣ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି।

**ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ୬ ଗୁରୁତର**

ଅପରପକ୍ଷେ, ୬ ଗୁରୁତରଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟ ଓ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ସୁଅଁମଣି ଖିଲ (୩୫), ଅଭି ମାଛ (୩୬), ଡମ୍ବରୁ ଗୋଲରୀ (୨୮), ଲାଲମଣି ଗୋଲୀ (୫୫), ଧନ ମାଝି(୩୦), ଜଳନ୍ଧର ମାଝି(୨୫), ମୋହନ ମାଝି (୩୨) ଓ ମନିକା ମାଝି (୨୫)।

ସୂଚନାନୁଯାୟୀ, ସୋମବାର ପୂର୍ବାହ୍ନରେ ଲେଞ୍ଜା ଗ୍ରାମରୁ ୧୨ ଜଣ ଶ୍ରମିକଙ୍କୁ ନେଇ ଜୟପୁର ସହରକୁ ଏକ ଅଟୋ (ଓଡି-୧୦କେ-୨୭୬୭) ଆସୁଥିଲା। ବାଗ୍ରା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ୧୦ ଚକିଆ ଏକ ଟିପର୍ ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ଅଟୋଟି ଭାଙ୍ଗିରୁଜି ଚୂରମାର ହୋଇଯାଇଥିବା ବେଳେ ସେଥିରେ ଥିବା ସମସ୍ତ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଜୟପୁର ସଦର ଥାନା ପୁଲିସ୍ ସମସ୍ତଙ୍କୁ ହସ୍ପିଟାଲକୁ ନେଉଥିବା ବେଳେ ବାଟରେ ଅଭି ପାଙ୍ଗିଙ୍କ ମୃତ୍ୟୁ ହୋଇଯାଇଥିଲା।

ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାରଲୋକ ଓ ଗ୍ରାମବାସୀ ଦୁର୍ଘଟଣାସ୍ଥଳରେ ରାଜପଥକୁ ଅବରୋଧ କରିଥିଲେ। ତେବେ ପୁଲିସ୍‌ର ବୁଝାସୁଝା ପରେ ମଧ୍ୟାହ୍ନରେ ରାସ୍ତା ଅବରୋଧ ହଟିଥିଲା। ଏହି ଘଟଣାରେ ପୁଲିସ୍ ଟିପର୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ, ଅଭିଙ୍କ ପରିବାରଲୋକ ମୃତଦେହକୁ ଜୟପୁର ସଦର ଥାନାକୁ ନେଇ କ୍ଷତିପୂରଣ ପାଇଁ ଦାବି କରିଥିଲେ। ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡୀ ଓ ତହସିଲଦାର ସବ୍ୟସାଚୀ ଜେନା ସେମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଏକ ଅଟୋ ଯୋଗେ ମୃତଦେହକୁ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ।

## ସ୍କୁଟିକୁ ଘୋଷାଡ଼ିନେଲା ହାଇୱା; ୨ ମୃତ




**ଅନୁଗୋଳ, ୧୭।୨ (ସମିସ):** ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀମାର୍ଗ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ହାଇୱା ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଟେଣ୍ଟୁଲୋଇ ଗାଁର ସର୍ବେଶ୍ୱର ନାଏକ ଓ ଗୋପାଳପ୍ରସାଦ ପାଟନାସାହିର ଦୁଷ୍ମନ୍ତ ନାଏକ। ସେହିପରି ବଡ଼ଜୋରଡ଼ାର ସୁଜିତ ନାଏକ ଗୁରୁତର ଅବସ୍ଥାରେ ଜିଲ୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ସର୍ବେଶ୍ୱର, ଦୁଷ୍ମନ୍ତ ଓ ସୁଜିତ ଏକ ସ୍କୁଟିରେ ଡିଆଇସି ଛକ ଆଡୁ ଶିମିଳିପଡ଼ା ଅଭିମୁଖେ ଯାଉଥିଲେ। ପେଟ୍ରୋଲ ପମ୍ପ ନିକଟରେ ପଛରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ସର୍ବେଶ୍ୱରଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଷ୍ମନ୍ତ ଓ ସୁଜିତଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଏସ୍‌ସିବିରେ ଶିଶୁ ବଦଳ !

**କଟକ,୧୭।୨(ସମିସ):** କିଛି ମାସର ବ୍ୟବଧାନ ପରେ ପୁଣିଥରେ ବଡ଼ ମେଡିକାଲରେ ଶିଶୁ ବଦଳ ଅଭିଯୋଗ ଆସିଛି। ପୁରୀ ଅଞ୍ଚଳର ଜଣେ ମହିଳା ଏହି ଅଭିଯୋଗ ଉଠାଇଛନ୍ତି। ତାଙ୍କ ଶିଶୁକନ୍ୟାକୁ ଲୁଚାଇ ଦେଇ, ବଦଳରେ ତାଙ୍କୁ ଏକ ମୃତ ଶିଶୁକନ୍ୟା ଧରାଇ ଦିଆଯାଇଥିବା ଅଭିଯୋଗ ଉଠାଇ ସେ ଆଜି ଅଧୀକ୍ଷକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଗ୍ରହଣ କରି ଏସ୍‌ସିବି କର୍ତ୍ତୃପକ୍ଷ ତନାଘନା ଆରମ୍ଭ କରିଥିବା ଜଣାପଡ଼ିଛି।

- ‘ମୋ ଝିଅକୁ ଲୁଚାଇ, ମଲା ଛୁଆ ଧରାଇ ଦେଲେ’
- ଅଧୀକ୍ଷକ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଲେ ମହିଳା

ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳର ରତନା ବେହେରାଙ୍କ ପତ୍ନୀ ଚନ୍ଦ୍ରମା ଗତ ୧୦ ତାରିଖରେ ଏସ୍‌ସିବି ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗରେ ଭର୍ତ୍ତି ହୋଇଥିଲେ। ଏହା ପରଦିନ ଅର୍ଥାତ୍ ୧୧ ତାରିଖରେ ଏଠାରେ ତାଙ୍କର ଶିଶୁକନ୍ୟା ଜନ୍ମ ହୋଇଥିଲା। ନବଜାତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ ନାହିଁ ବୋଲି ଡାକ୍ତର କହିଥିଲେ। ପରେ ଉକ୍ତ ଶିଶୁକନ୍ୟାକୁ ଏସଏନସିୟୁକୁ ନିଆଯାଇଥିଲା। ଝିଅର ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ବୋଲି ଚନ୍ଦ୍ରମା ପଚାରିବାରୁ, ଶିଶୁକନ୍ୟାକୁ ଖୁବଶୀଘ୍ର ଏସଏନସିୟୁରୁ କଢ଼ାଯିବ ବୋଲି ସେଠାରେ ତାଙ୍କୁ ଷ୍ଟାଫ କହିଥିଲେ। ମାତ୍ର ୧୨ ତାରିଖରେ ହଠାତ୍ ତାଙ୍କ ଝିଅର ମୃତ୍ୟୁ ହୋଇଥିବା ଖବର ଦିଆଯାଇଥିଲା। ଚନ୍ଦ୍ରମାଙ୍କ କୋଳକୁ ଏକ ମୃତ ଶିଶୁକନ୍ୟା ବଢ଼ାଇ ଦିଆଯାଇଥିଲା। ରତନା ଏବଂ ଚନ୍ଦ୍ରମା ଘରକୁ ଫେରିବା ବେଳେ ମୃତଦେହକୁ କାଠଯୋଡ଼ି ବାଲିରେ ପୋତି ଦେଇଥିଲେ। ତେବେ ଘରକୁ ଯିବା ପରେ ସେମାନଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ମେଡିକାଲରେ ଦିଆଯାଇଥିବା ମୃତ ଶିଶୁକନ୍ୟାଟି ତାଙ୍କର ନୁହେଁ ବୋଲି ଉଭୟ ପତିପତ୍ନୀ ବିଚାର କରି ପୁଣିଥରେ କଟକ ଆସିଥିଲେ। ଦୁଇଦିନ ପୂର୍ବେ ଉଭୟ କଟକର ଜଣେ ପୂର୍ବତନ ବିଧାୟକଙ୍କ ଘରକୁ ଯାଇ ଏହି ଘଟଣାରେ ସହଯୋଗ ପାଇଁ ନେହୁରା ହୋଇଥିଲେ। ସେଠାରୁ ନିରାଶ ହୋଇ ଆଜି ଉଭୟ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ଏସ୍‌ସିବି ଷ୍ଟାଫ୍‌ଙ୍କ ଦ୍ୱାରା ଶିଶୁ ବଦଳ ହୋଇଛି। ତାଙ୍କ ଝିଅକୁ ଲୁଚାଇ ଦେଇ ବଦଳରେ ତାଙ୍କ ଅନ୍ୟ କାହାର ମୃତ ଶିଶୁକନ୍ୟା ଦିଆଯାଇଛି ବୋଲି ଉଭୟ ଅଭିଯୋଗରେ ଜଣାଇଛନ୍ତି।

## ଶ୍ରୀମନ୍ଦିରରେ ପୁଣି ପଶିଲେ ଅଣହିନ୍ଦୁ



**ପୁରୀ,୧୭।୨(ସମିସ):** ଶ୍ରୀମନ୍ଦିରରେ ପ୍ରବେଶ କଲେ ଅଣହିନ୍ଦୁ। ମନ୍ଦିର ଭିତରକୁ ଯାଇ ଫେରିବା ବେଳେ ତାଙ୍କୁ ଦକ୍ଷିଣ ଦ୍ୱାରରେ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ଅଣହିନ୍ଦୁ ଦକ୍ଷିଣ ଦ୍ୱାର ଦେଇ ବାହାରକୁ ବାହାରୁଥିବାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ତେବେ ସେ କେଉଁ ଅଞ୍ଚଳର ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ସେ ଇସ୍କନ ବିଦେଶୀ ଭକ୍ତ ହୋଇଥିବା ସନ୍ଦେହ କରାଯାଉଛି। ଶ୍ରୀମନ୍ଦିର ଭିତରେ ଜଣେ ସେବାୟତ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଯେତେବେଳେ ସେ ବିଦେଶୀ ବୋଲି ଜାଣିବାକୁ ପାଇଲେ ପ୍ରଶାସନକୁ ଜଣାଇଥିଲେ। ଫେରିବାବେଳେ ତାଙ୍କୁ ଅଟକା ଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ହେଲେ ପରବର୍ତ୍ତୀ ସମୟରେ ସେହି ଅଣହିନ୍ଦୁଙ୍କୁ ଛାଡ଼ି ଦିଆଯାଇଛି। ଏହି ଘଟଣାକୁ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ଶ୍ରୀମନ୍ଦିର ଭିତରକୁ କେବଳ ହିନ୍ଦୁ ହିଁ ପ୍ରବେଶ କରିପାରିବେ ବୋଲି ପରମ୍ପରା ରହିଛି। ହେଲେ ମନ୍ଦିରକୁ ବାରମ୍ବାର ଅଣହିନ୍ଦୁଙ୍କ ପ୍ରବେଶ ନିଶ୍ଚିତ ଭାବେ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଗହୀରମଥାରେ ୨ଶହ ଅଲିଭ୍‌ରିଡଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ

**ରାଜନଗର, ୧୭।୨ (ସମିସ):** ଅଲିଭରିଡଲେ କଇଁଛଙ୍କ ଏନ୍ଦୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ନାସୀ-୨, ପେଣ୍ଠ, ଯଉଡିଆ, ହବାଲିଖଟିରେ ଆଦି ସ୍ଥାନରେ ଅଲିଭରିଡଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୨୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇ ସାରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଣ୍ଡାଗୁଡ଼ିକୁ ସଂଗ୍ରହ କରାଯାଇ ବନ ବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଛି। ଯେଉଁ ଆକୃତିର ଗାତ ଖୋଳି ଏବଂ ଯେତିକି ଗଭୀର ଗାତ ଖୋଳି କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ଘୋଡ଼ାଇ ଦିଆଯାଇଛି। ମା’ କଇଁଛ ଯେପରି ଭାବେ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡ଼ାଇଥିଲା, ଠିକ୍ ସେହିପରି ଭାବେ ବନ ବିଭାଗ କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ଗାତ ଖୋଳି ରଖିଛନ୍ତି। ଫେବୃୟାରୀ ୧୭ ତାରିଖ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠୁଁ ଦେଢ଼ କିଲୋମିଟର ମଧ୍ୟରେ ସାତସଭାୟାରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପାଗ ଅନୁକୂଳ ସହ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।



## ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

**ଆନନ୍ଦପୁର, ୧୭।୨ (ସମିସ):** ଆନନ୍ଦପୁର ନିକଟସ୍ଥ ପଦ୍ମପୁରଠାରେ ନିର୍ମାଣାଧୀନ ମେଗା ୱାଟର୍ ପ୍ରୋଜେକ୍ଟରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ, ପଦ୍ମପୁର ଗ୍ରାମର ଶୁକଦେବ ସାହୁ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଘଟଣାର ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ପୁଲିସ୍ ଅନ୍ୟ ଜଣେ ସୁରକ୍ଷା କର୍ମୀ ତୋଫାନ ନାୟକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଅପରପକ୍ଷେ, ପରିବାରଲୋକ ଶୁକଦେବଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏହାସହ ନିରପେକ୍ଷ ତଦନ୍ତ ଓ ନ୍ୟାୟ ଦାବିରେ ସେମାନେ ଅଞ୍ଚଳବାସୀଙ୍କ ସହ ମିଶି ରାସ୍ତା ଅବରୋଧ କରିଥିଲେ।

- ପାଚେରି କଡ଼ରୁ ରକ୍ତଜୁଡ଼ୁବୁଡ଼ୁ ମୃତଦେହ ଜବତ
- ହତ୍ୟା ଅଭିଯୋଗ ଆଣିଲେ ପରିବାର, ଜଣେ ଅଟକ



ସୂଚନାନୁଯାୟୀ, ଶୁକଦେବ ଗତ ରବିବାର ରାତି ପ୍ରାୟ ୮ଟା ବେଳେ ଡ୍ୟୁଟିକୁ ଆସିଥିଲେ। ଆଜି ସକାଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରିବାରଲୋକେ ସକାଳ ୬ଟାରେ ମୃତଦେହ ଦେଖିଥିବା ବେଳେ ଡ୍ୟୁଟି ରେଜିଷ୍ଟରରେ ସକାଳ ୮ଟାରେ ସେ ସିଫ୍ଟ ହୋଇଛନ୍ତି ବୋଲି ଦର୍ଶାଯାଇଛି। ତେଣୁ ଏହା ଏକ ସୁପରକଳ୍ପିତ ହତ୍ୟାକାଣ୍ଡ ବୋଲି ଶୁକଦେବଙ୍କ ପତ୍ନୀ ତଅପୋଇ ସାହୁ ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ, ଅଟକ ସୁରକ୍ଷା କର୍ମୀ ତୋଫାନ ପୁଲିସ୍ ନିକଟରେ ବିଭିନ୍ନ ମନ୍ତବ୍ୟ ଦେଉଥିବା ଏବଂ ସୁପରଭାଇଜରଙ୍କ ନିର୍ଦ୍ଦେଶରେ ଶୁକଦେବଙ୍କ ନାଁରେ ଦସ୍ତଖତ କରିଥିବା ପ୍ରକାଶ କରିଛନ୍ତି।

## ପ୍ରେମିକାକୁ ଭିଡିଓ କଲ୍ କରି ପ୍ରେମିକର ଆତ୍ମହତ୍ୟା

**ଫିରିଙ୍ଗିଆ,୧୭।୨(ସମିସ):** ପ୍ରେମିକାକୁ ଭିଡିଓ କଲ୍ କରି ଜଙ୍ଗଲ ଭିତରେ ବେକରେ ରଶି ଲଗାଇ ଜୀବନ ହାରିଲା ପ୍ରେମିକ। ଏଭଳି ଏକ ଅଭାବନୀୟ ଘଟଣା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ପଳାବୃଡି ପଞ୍ଚାୟତ ଡମପିଡ଼ିଆ ଗାଁରେ ଘଟିଛି। ମୃତ ଯୁବକଜଣଙ୍କ ସେହି ଗାଁର ସାମନ୍ତ ମଳିକ। ସେ ଜଣେ ଟ୍ରାକ୍ଟର୍ ଚାଳକ।

ସୂଚନା ଅନୁସାରେ, ଶୁକ୍ରବାର ସାମନ୍ତ ତାଙ୍କ ପ୍ରେମିକକୁ ଭିଡିଓ କଲ୍ କରି କୌଣସି ଏକ ଜଙ୍ଗଲରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରୁଛି ବୋଲି କହିଥିଲା। ଭୟରେ ପ୍ରେମିକାଜଣଙ୍କ ଅନ୍ୟ ଜଣେ ସାଙ୍ଗ ସହ ସାମନ୍ତଙ୍କ ପରିବାରକୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ। ପରିବାରଲୋକେ ତାଙ୍କୁ କୌଣସି ଖୋଜ ଖବର ନପାଇବାରୁ ଗୋଚ୍ଛାପଡ଼ା ଥାନାରେ ନିଖୋଜ ଭିଯୋଗ କରିଥିଲେ। ପୁଲିସ୍ ଛାନଭିନ୍ କରି ଯୁବକଙ୍କୁ ତାଙ୍କ ଘର ନିକଟରେ ଥିବା ଜଙ୍ଗଲରୁ ଠାବ କରିଥିଲା। ସେତେବେଳକୁ ଯୁବକଜଣଙ୍କ ଏକ ଗଛରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିସାରିଥିଲେ। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭିତରେ ସେବାୟତଙ୍କ ଖେଳ, ବାହାରେ ବୋମାମାଡ଼

**ପୁରୀ, ୧୭।୨ (ସମିସ):** ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍ ପାଚେରିକୁ ହୋଇଛି ବୋମାମାଡ଼। ସୋମବାର ସନ୍ଧ୍ୟା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବୋମାମାଡ଼ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନ ଷ୍ଟାଡିୟମରେ ଚାଲିଛି ଦିବାରାତ୍ର ସେବାୟତ ପ୍ରିମିୟର୍ ଲିଗ୍ କ୍ରିକେଟ୍। ଷ୍ଟାଡିୟମ୍ ଭିତରେ ମ୍ୟାଚ୍ ଚାଲିଥିବା ବେଳେ ପାଚେରିରେ ବୋମାମାଡ଼ ସମସ୍ତଙ୍କ ମନରେ ଭୟ ସୃଷ୍ଟି କରିଛି। ବାସ୍ତବରେ ଦୁର୍ବୃତ୍ତମାନେ କାହାକୁ ଟାର୍ଗେଟ୍ କରି ଏପରି ବୋମାମାଡ଼ କରିଥିଲେ, ତାହା ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ୍ ତଦନ୍ତ ଚଳାଇଛି।

- ବାଇକ୍‌ରେ ଆସି ପାଚେରିକୁ ଫିଙ୍ଗିଲେ
- ଗୋଟିଏ ଫୁଟିଲା, ୩ଟା ଫୁସୁକିଗଲା
- ପୁଲିସର ତଦନ୍ତ ଜାରି

ଗତ ୧୫ ତାରିଖଠାରୁ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି ସେବାୟତ ପ୍ରିମିୟର ଲିଗ୍। ଶ୍ରୀମନ୍ଦିର ଟ୍ରଫି ନାମରେ ଏହି ପ୍ରତିଯୋଗିତାରେ ୧୪ଟି ସେବାୟତ ନିଯୋଗ ଅଂଶଗ୍ରହଣ କରିଛନ୍ତି। ସୋମବାର ତୃତୀୟ ଦିନରେ ୩ଟି ମ୍ୟାଚ୍ ରହିଥିଲା। ଦଇତାପତି ନିଯୋଗ ସହ ଖୁଣ୍ଟିଆ ନିଯୋଗ, ପୁଷ୍ପାଳକ ନିଯୋଗ ସହିତ ପୂଜାପଣ୍ଡା ନିଯୋଗ ଏବଂ ପାଟରା ବିଶୋଇ ନିଯୋଗ ସହିତ ଗରାବଡୁ ନିଯୋଗ ମ୍ୟାଚ୍ ଥିଲା। ଅତିଥି ଭାବେ ସାଂସଦ ଡ. ସମ୍ବିତ ପାତ୍ର ଯୋଗ ଦେଇଥିଲେ। ତେବେ ପୁଷ୍ପାଳକ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମ୍ୟାଚ୍ ଚାଲିଥିବା ବେଳେ ସନ୍ଧ୍ୟା ସମୟରେ ଷ୍ଟାଡିୟମ ମୁଖ୍ୟ ପ୍ରବେଶ ପଥ ନିକଟ ପାଚେରିରେ ହଠାତ୍ ବୋମାମାଡ଼ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ୪ଟି ବୋମା ଫିଙ୍ଗିଥିଲେ। ଗୋଟିଏ ବୋମା ପାଚେରିରେ ବାଜି ଫୁଟିଥିବା ବେଳେ ୩ଟି ଅଫୁଟା ରହିଥିଲା। ତେବେ ଦୁଇଟି ବୋମା ଷ୍ଟାଡିୟମ ଭିତରୁ ଏବଂ ଗୋଟିଏ ପାଚେରି ବାହାର ପାର୍ଶ୍ୱରୁ ଜବତ କରାଯାଇଛି। ଷ୍ଟାଡିୟମ୍‌ରେ ମ୍ୟାଚ୍ ଚାଲିଥିବା ବେଳେ ଏଭଳି ବୋମାମାଡ଼କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଅନ୍ୟପକ୍ଷରେ ସମୁଦ୍ର କୂଳ ଥାନା ପୁଲିସ୍ ଏବଂ ଟାଉନ୍ ଥାନା ପୁଲିସ ପହଞ୍ଚି ଅଫୁଟା ବୋମାକୁ ଜବତ କରିଥିବା ବେଳେ ତଦନ୍ତ ଚଳାଇଛନ୍ତି। କାହିଁକି ଏବଂ କିଏ କାହାକୁ ଟାର୍ଗେଟ୍ କରି ଏଭଳି ବୋମାମାଡ଼ କରୁଥିଲେ, ତାହାକୁ ନେଇ ଖୋଳତାଡ଼ ଜାରି ରହିଥିବା ବେଳେ ଦୁର୍ବୃତ୍ତଙ୍କ ସୁରାକ୍ ମିଳିପାରି ନାହିଁ। ଏ ସମ୍ପର୍କରେ ସମୁଦ୍ର କୂଳ ଥାନାଧିକାରୀ ମାନସ ଚକ୍ରଙ୍କୁ ପଚାରିବାରେ ବୋଧ ହୁଏ କେହି ଚାଲିଥିବା କ୍ରିକେଟ୍ ଖେଳକୁ ନେଇ ରାଗରେ ଏମିତି କରିଥାଇପାରେ। ତେବେ ଏନେଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## କୁର୍‌କୁରେ ଦେବାକୁ କହି ଶିଶୁକନ୍ୟାକୁ ଦୁଷ୍କର୍ମ

**ରାଉରକେଲା,୧୭।୨(ସମିସ):** କୁରକୁରେ ଦେବାକୁ କହି ୪ ବର୍ଷର ଏକ ଶିଶୁକନ୍ୟାକୁ ଜଣେ ୫୫ ବର୍ଷୀୟ ପଡ଼ୋଶୀ ଦୁଷ୍କର୍ମ କରିବା ଘଟଣା ଏଠାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଦୁଷ୍କର୍ମକାରୀକୁ ସ୍ଥାନୀୟ ଲୋକେ ନିର୍ଘୁମ୍ ଛେଚିବା ପରେ ତାକୁ ଚିକିତ୍ସା ପାଇଁ ରାଉରକେଲାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ କନଷ୍ଟ୍ରକସନ କଲୋନୀ ଅଞ୍ଚଳରେ ଜଣେ ୫୫ ବର୍ଷୀୟ ବ୍ୟକ୍ତି ଏକୁଟିଆ ରହୁଥିଲେ। ଗତକାଲି ଅପରାହ୍ଣରେ ସେ ତା’ର ଘର ନିକଟରେ ରହୁଥିବା ୪ ବର୍ଷର ଶିଶୁକନ୍ୟାକୁ କୁରକୁରେ ଦେବାକୁ ପାଖକୁ ଡାକିଥିଲା। ପରେ ତାକୁ ଘର ଭିତରେ ଦୁଷ୍କର୍ମ କରିଥିଲା। ସେପଟେ ଝିଅକୁ ନ ପାଇ ତା’ର ପିତାମାତା ଏବଂ ଭାଇ ଏଣେ ତେଣେ ଖୋଜିବା ବେଳେ ଚିତ୍କାର ଶୁଣି ଝରକା ବାଟେ ଏପରି ଘୃଣ୍ୟ ଦୃଶ୍ୟ ଦେଖିଥିଲେ। ଏହାପରେ ସେଠାରେ ଉତ୍ତେଜନା ସୃଷ୍ଟି ହେବା ସହ ସ୍ଥାନୀୟଲୋକେ ରୁଣ୍ଡ ହୋଇ କବାଟ ଭାଙ୍ଗି ଘରେ ପଶି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ।

**ଦୁଷ୍କର୍ମକାରୀକୁ ନିର୍ଘୁମ ଛେଚିଲେ ପଡ଼ୋଶୀ**

ଏହାସହ ଦୁଷ୍କର୍ମକାରୀକୁ ନିର୍ଘୁମ୍ ପିଟିଥିଲେ। ଟାଙ୍ଗରପାଲ୍ଲୀ ଥାନା ଇନ୍ସପେକ୍ଟର ନିରଞ୍ଜନ ସେଠୀ ପହଞ୍ଚି ଅଭିଯୁକ୍ତକୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ଏହାସହ ପୀଡ଼ିତା ୪ ବର୍ଷର ଶିଶୁ କନ୍ୟାକୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଇଥିଲା। ଏହି ଘଟଣାରେ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଉପରେ ଏକ ଦୁଷ୍କର୍ମ ଓ ପୋକ୍ସୋ ମାମଲା ରୁଜୁ ହୋଇ ତଦନ୍ତାଧୀନ ରହିଛି।

## ପୂର୍ବତନ ମନ୍ତ୍ରୀଙ୍କୁ ୨ ବର୍ଷ ଜେଲ୍

**ବ୍ରହ୍ମପୁର,୧୭।୨ (ସମିସ):** ପୋଖରୀ କାମରେ ସରକାରୀ ଅର୍ଥ ହେରଫେର୍ ମାମଲାରେ ଗୋଲମୁଣ୍ଡା ବ୍ଲକର ତତ୍କାଳୀନ ମନ୍ତ୍ରୀ ପଦ୍ମନାଭ ରାଉତ(୬୨)ଙ୍କୁ ୨ବର୍ଷ ଜେଲ୍ ଦଣ୍ଡ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ୨୦୦୩ ମସିହାରେ ରୁଜୁ ହୋଇଥିବା ମାମଲାର ଚୂଡ଼ାନ୍ତ ରାୟ ସୋମବାର ପ୍ରକାଶ କରିଛନ୍ତି। ଜେଲ୍ ଦଣ୍ଡ ସହ ତାଙ୍କୁ ୨୫ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଥିବା କଳାହାଣ୍ଡି ଜିଲ୍ଲାର ଡିଆରଡିଏ ପିଡି ଗୋପାଳକୃଷ୍ଣ ଦାସ(୬୪)ଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୪.୨ | ୨୧.୮ |
| ଚାନ୍ଦବାଲି | ୩୪.୪ | ୩୨.୩ |
| କଟକ | ୩୩.୪ | ୧୭.୨ |
| ପାରାଦୀପ | ୩୨.୨ | ୨୪.୬ |
| ଭୁବନେଶ୍ୱର | ୩୪.୪ | ୨୧.୪ |
| ଗୋପାଳପୁର | ୩୧.୫ | ୨୦.୩ |
| ପୁରୀ | ୩୧.୮ | ୨୫.୬ |
| ଅନୁଗୋଳ | ୩୬.୧ | ୧୪.୬ |
| ବାରିପଦା | ୩୫.୦ | ୧୭.୫ |
| ଝାରସୁଗୁଡ଼ା | ୩୬.୨ | ୧୪.୪ |
| କେନ୍ଦୁଝରଗଡ଼ | ୩୨.୫ | ୧୬.୪ |
| ସମ୍ବଲପୁର | ୩୫.୭ | ୧୭.୮ |
| ସୁନ୍ଦରଗଡ଼ | ୩୪.୭ | ୧୫.୭ |
| ହୀରାକୁଦ | ୩୫.୬ | ୧୬.୫ |
| ତାଳଚେର | ୩୩.୮ | ୧୮.୮ |
| ଭବାନୀପାଟଣା | ୩୬.୦ | ୧୮.୦ |
| ବଲାଙ୍ଗିର | ୩୬.୦ | ୧୭.୩ |
| କୋରାପୁଟ | ୩୩.୨ | ୧୪.୦ |
| ଫୁଲବାଣୀ | ୩୩.୫ | ୧୨.୫ |
| ଟିଟିଲାଗଡ଼ | ୩୬.୦ | ୨୦.୦ |
| ମାଲକାନଗିରି | ୩୪.୬ | ୧୯.୦ |
| ସୋନପୁର | ୩୫.୭ | ୧୪.୮ |
| ଦାରିଙ୍ଗବାଡ଼ି | ୨୯.୦ | ୧୪.୫ |
| ନୟାଗଡ଼ | ୩୨.୦ | ୧୬.୦ |
| ବୌଦ୍ଧ | ୩୬.୦ | ୧୯.୫ |
| ଛତ୍ରପୁର | ୩୩.୨ | ୨୧.୪ |
| ପାରଳାଖେମୁଣ୍ଡି | ୩୬.୬ | ୨୦.୦ |
| ରାୟଗଡ଼ା | ୩୩.୦ | ୧୮.୦ |
| ଭଦ୍ରକ | ୩୫.୫ | ୧୭.୮ |
| ଯାଜପୁର | ୩୩.୬ | ୧୭.୮ |
| ଢେଙ୍କାନାଳ | ୩୫.୮ | ୧୮.୪ |
| ବରଗଡ଼ | ୩୩.୧ | ୧୯.୮ |
| ଦେଓଗଡ଼ | ୩୨.୦ | ୧୮.୫ |
| ନୂଆପଡ଼ା | ୩୪.୦ | ୧୬.୦ |
| ନବରଙ୍ଗପୁର | ୩୪.୪ | ୧୪.୬ |
| ଖୋର୍ଦ୍ଧା | ୩୪.୫ | ୧୯.୦ |
| ଜଗତସିଂହପୁର | - | ୧୮.୦ |
| କେନ୍ଦ୍ରାପଡ଼ା | ୩୩.୦ | ୧୭.୪ |
| ରାଉରକେଲା | ୩୩.୮ | ୧୩.୭ |

## ରଥଯାତ୍ରା ଭିଡ଼ ଜଗିବ ଏ.ଆଇ କ୍ୟାମେରା

**ପୁରୀ, ୧୭।୨ (ସମିସ):** ଏଥର ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭିଡ଼ ଜଗିବ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ) କ୍ୟାମେରା। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ପୁରୀ ଏସ୍‌ପି ବିନୀତ୍ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି। ତାଙ୍କ ସୂଚନାନୁଯାୟୀ, ଟ୍ରାଫିକ୍ ଓ ଭିଡ଼ ପରିଚାଳନା ପାଇଁ ବଡ଼ଦାଣ୍ଡରେ ଏଆଇ କ୍ୟାମେରା ଲାଗିବ। ଜାତୀୟ ରାଜପଥ ଓ ବଡ଼ଦାଣ୍ଡରେ କ୍ୟାମେରା ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରୁ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିବା ମଧ୍ୟ ସହଜ ହେବ। ଏହି କ୍ୟାମେରା ଜରିଆରେ କଣ୍ଟ୍ରୋଲ ରୁମ୍‌ରୁ ପୁଲିସ୍ ଚାରିପାର୍ଶ୍ୱରେ କଡ଼ା ନଜର ରଖିପାରିବ। ସହରର ପ୍ରମୁଖ ସ୍ଥାନ, ସାହିଗଳି ଓ ଅନ୍ୟାନ୍ୟ ସ୍ଥାନଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ସେଥିପାଇଁ ପୁରୀ ପୁଲିସ ପକ୍ଷରୁ ସମସ୍ତ ପ୍ରକାରର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଅଧିକାରୀମାନଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି। ସୂଚନାନୁଯାୟୀ, ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏଥରର ରଥଯାତ୍ରାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ତାହାକୁ ନଜରରେ ରଖି ପୁଲିସ ପ୍ରଶାସନ ଆଗୁଆ ବ୍ୟବସ୍ଥା କଲାଣି। ଏସ୍‌ପି ଶ୍ରୀ ଅଗ୍ରୱାଲ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ବିଭିନ୍ନ ସାହିଗଳି ବୁଲି ମୁରବୀଙ୍କ ସହ ଆଲୋଚନା କରୁଛନ୍ତି। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଯାତାୟାତ କରିବେ, ତା’ର ଅନୁଧ୍ୟାନ କରୁଛନ୍ତି। ଭିଡ଼ ଏବଂ ଟ୍ରାଫିକ ନିୟନ୍ତ୍ରଣ କିପରି ସୁଚାରୁରୂପେ ସମ୍ପନ୍ନ କରାଯିବ, ତା’ ଉପରେ ବି ବିଶେଷ ଗୁରୁତ୍ୱ ଦିଆଯାଉଛି।

**ପୁଣି ଜନନୀ ଯନ୍ତ୍ରଣା**

## ଜଙ୍ଗଲ ରାସ୍ତାରେ ପ୍ରସବ କଲେ ମହିଳା

**ବାଲିଗୁଡ଼ା, ୧୭।୨(ସମିସ):** କନ୍ଧମାଳ ଜିଲ୍ଲାରେ ଥମୁନି ଜନନୀ ଯନ୍ତ୍ରଣା। ଜଙ୍ଗଲ ରାସ୍ତାରେ ଜଣେ ମହିଳା ପ୍ରସବ କରିବା ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କୋଟଗଡ଼ ବ୍ଲକ ଗୁଗୁରମାହା ପଞ୍ଚାୟତରେ ଏଭଳି ଏକ ଘଟଣା ଘଟିଛି।

ସୂଚନାନୁସାରେ, ଗୁଗୁରମାହା ପଞ୍ଚାୟତ ଅନ୍ତର୍ଗତ ମ୍ଲାଉଗୁଡ଼ା ଗ୍ରାମର ପାଉଲ ସାନ୍ଧିମାଝୀଙ୍କ ଗର୍ଭବତୀ ସ୍ତ୍ରୀ ମିକିଲିମାଇଁ ସାନ୍ଧିମାଝୀ (୨୬)ଙ୍କ ର ଆଜି ପ୍ରସବ ଯନ୍ତ୍ରଣା ହୋଇଥିଲା। ହେଲେ କୋଟଗଡ ସଦର ମହକୁମାଠାରୁ ପ୍ରାୟ ୪୫କିମି ଦୂର ଏବଂ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଠାରୁ ପ୍ରାୟ ୧୦କିମି ଦୂରରେ ମ୍ଲାଉଗୁଡ଼ା ଗ୍ରାମ ରହିଛି। ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତା ନ ଥିବାରୁ ଯାନବାହାନ ଯାତାୟତ କରପାରୁନାହିଁ। ଏହି କାରଣରୁ ଗର୍ଭବତୀଙ୍କୁ ଗ୍ରାମବାସୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଏକ ଷ୍ଟ୍ରେଚର୍‌ରେ ବୋହି ପ୍ରାୟ ୧୦ କିମି ଦୂର ଅତିକ୍ରମ କରିବାକୁ ପଡ଼ିଥିଲା। ପାହାଡ଼, ପର୍ବତ ଓ ଜଙ୍ଗଲ ରାସ୍ତାରେ ଷ୍ଟ୍ରେଚରରେ ଆଣୁଥିବା ବେଳେ ଗୁଗୁରମାହା ରାସ୍ତାରେ ଗର୍ଭବତୀଜଣଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଆଶାକର୍ମୀ ଗୀତାଞ୍ଜଳି ଦେଶୀ ନାୟକଙ୍କ ସହଯୋଗରେ କୌଣସି ପ୍ରକାର ପ୍ରସବ ହୋଇଥିଲା। କିନ୍ତୁ ପରେ ଉଭୟ ମାଆ ଓ ଶିଶୁ ଗୁରୁତର ହୋଇ ପଡ଼ିଥିଲେ। ଆମ୍ବୁଲାନ୍ସ ପାଇଁ ପରିବାର ଓ ଗ୍ରାମବାସୀ ଏବଂ ଆଶାକର୍ମୀ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ ହେଁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ବାଧ୍ୟ ହୋଇ ପରିବାରଲୋକେ ଅଟୋ ଭଡ଼ା କରି ପ୍ରାୟ ୩୫କିମି ଦୂର କୋଟଗଡ଼ ଡାକ୍ତରଖାନାକୁ ଆଣିଥିଲେ। ବର୍ତ୍ତମାନ ଉଭୟ ମା’ ଏବଂ ପୁଅ ଚିକିତ୍ସାଧୀନ ଥିବା ବେଳେ ଉଭୟ ସାମାନ୍ୟ ସୁସ୍ଥ ଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ପାଇଁ ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ର ଶ୍ରୀରାମପୁର ହୋଇଥିଲେ ମଧ୍ୟ ସେଠାକୁ ମଧ୍ୟ ଯିବାକୁ ଗମନାଗମନର ସୁବିଧା ନ ଥିବାରୁ ଗୁଗୁରମାହା ପଟେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ସମୟରେ ଗୁରୁତର ରୋଗୀ ଓ ଗର୍ଭବତୀ ଭଗବାନଙ୍କ ଭରସାରେ ବୁହା ହୋଇ ରାସ୍ତାରେ ମୃତ୍ୟୁ ହେଉଥିବା ନଜର ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।





# କୁଖ୍ୟାତ ଲୁଟେରା ଅର୍ଜୁନ୍‌କୁ ଏନ୍‌କାଉଣ୍ଟର୍

■ ଖସିଗଲେ ଧର ଗ୍ୟାଙ୍ଗ୍‌ର ଅନ୍ୟ ୪ ସଦସ୍ୟ
■ ରାଜଧାନୀ ଉପକଣ୍ଠ ଆପାର୍ଟମେଣ୍ଟରୁ ଡକାୟତି ଉଦ୍ୟମ କରୁଥିଲା

ଭୁବନେଶ୍ୱର/ହଂସପାଳ,୧୭ ।୨(ସମିସ): ରାଜଧାନୀ ଉପକଣ୍ଠରେ ଥିବା ଆପାର୍ଟମେଣ୍ଟ ଓ ଡୁପ୍ଲେକ୍ସରୁ ଚୋରି କରି ପୁଲିସ୍‌ର ନିଦ ହଜାଇ ଦେଇଥିବା ଧର ଗ୍ୟାଙ୍ଗ୍‌ର ସଦସ୍ୟ ଅର୍ଜୁନ୍ ଅନାରେକୁ ଆଜି କମିସନରେଟ୍ ପୁଲିସ୍ ଏନ୍‌କାଉଣ୍ଟର୍ କରିଛି । ଗତ ରାତିରେ ସେ ଡକାୟତି ପାଇଁ ଉଦ୍ୟମ କରୁଥିବା ବେଳେ ହଂସପାଳ ଛକ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ଦ ମାର୍ଟ ନିକଟରେ ବାଲିଅନ୍ତା ପୁଲିସ୍ ତାକୁ ଏନ୍‌କାଉଣ୍ଟର କରିଛି । ଅର୍ଜୁନର ବାମ ପଟ ଆଣ୍ଠୁରେ ଗୋଟିଏ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାକୁ ପ୍ରଥମେ କ୍ୟାପିଟାଲ ହସପିଟାଲ ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ତେବେ ଅର୍ଜୁନ ସହ ଥିବା ତା'ର ୪ ସହଯୋଗୀ ଫେରାର୍ ହେବାରେ ସଫଳ ହୋଇଛନ୍ତି । ସେମାନଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

କିଛି ଦିନ ହେବ, ଏହି ଧର ଗ୍ୟାଙ୍ଗ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଆପାର୍ଟମେଣ୍ଟ ଓ ଡୁପ୍ଲେକ୍ସରେ କଳାକନା ବୁଲାଉଥିଲେ । ରାଜଧାନୀ ଉପକଣ୍ଠ ପାହାଳ ଏବଂ ବାଲିଅନ୍ତା ଥାନା ଅଧୀନରେ ଥିବା ଆପାର୍ଟମେଣ୍ଟଗୁଡ଼ିକ ଉପରେ ଏମାନଙ୍କର ନଜର ରହିଥିଲା । ତେଣୁ ସେମାନଙ୍କୁ ଧରିବା ପାଇଁ ଡିସିପିଙ୍କ ନେତୃତ୍ୱରେ ବାଲିଅନ୍ତା ଓ ପାହାଳ ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ୨ଟି ବାଇକ୍‌ରେ ୫ଜଣ ଯୁବକ ସନ୍ଦିଗ୍ଧ



ଅବସ୍ଥାରେ କେନାଲ ବନ୍ଧରେ ବୁଲୁଥିବା ଦେଖିବାକୁ ପାଇଥିଲେ । ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଗାଡ଼ିକୁ ଅଟକାଇ ସେମାନଙ୍କ ପରିଚୟ ପଚାରିଥିଲେ । ତେବେ ସେମାନେ ହିନ୍ଦୀରେ କଥାବାର୍ତ୍ତା ହେବାରୁ ପୁଲିସ୍‌ର ସନ୍ଦେହ ବଢ଼ିଥିଲା । ପୁଲିସ୍ ତାଙ୍କୁ ଅଧିକ ପଚରାଉଚରା କରିବାରୁ ହଠାତ୍ ଅର୍ଜୁନ ଓ ତା'ର ସହଯୋଗୀମାନେ ସେଠାରୁ ଖସିଯିବା ପାଇଁ ଚେଷ୍ଟା କରୁଥିଲେ । ପୁଲିସ ତାଙ୍କୁ ଗୋଡ଼ାଇଥିଲା । ସେହି ସମୟରେ କେନାଲ ବନ୍ଧ ଉପରେ ଅର୍ଜୁନ ପୁଲିସ୍ ଉପରକୁ ଗୁଳିମାଡ଼ କରିଥିଲା । ପୁଲିସ ପାଲଟା ଗୁଳି ଚଳାଇବାରୁ ଅର୍ଜୁନର ବାମ ଗୋଡ଼ରେ ଗୁଳି ବାଜିଥିଲା । ଘଟଣାସ୍ଥଳରେ ଅର୍ଜୁନ ଆହତ ହୋଇ ପଡ଼ିଯାଇଥିବା ବେଳେ ଅନ୍ୟ ୪ଜଣ ଲୁଟେରା ଫେରାର୍ ହୋଇଯାଇଥିଲେ । ଗୁରୁତର ଅର୍ଜୁନକୁ ବାଲିଅନ୍ତା ପୁଲିସ ଧରିବା ସହ କ୍ୟାପିଟାଲ ହସ୍ପିଟାଲ ନେଇଥିଲା । ପରେ ତାକୁ ଏମ୍‌ସରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଓ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତ ରହି ଅର୍ଜୁନ ଫୋପାଡ଼ି ଦେଇଥିବା କିଛି ଲୁହା ସରଞ୍ଜାମ, ୧୦୦ ଗ୍ରାମ୍ ସୁନା ଅଳଙ୍କାର, ୫୦୦ଗ୍ରାମ୍ ରୁପା ଅଳଙ୍କାର, ୧୮ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଏବଂ ଖୋକା ସହ ୩ଟି ଅଫୁଟା ଗୁଳି, ୭.୬୬ ଏମ୍‌ଏମ୍ ଦେଶୀ ପିସ୍ତଲ ଜବତ କରିଛି । ଘଟଣାସ୍ଥଳରେ ୪ ରାଉଣ୍ଡ ଗୁଳିଚାଳନା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୂଚନାଯୋଗ୍ୟ, ଏହି ଧର ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କ ଘର ମଧ୍ୟପ୍ରଦେଶ ଧର ଜିଲ୍ଲାରେ । ସେମାନେ ବଂଶାନୁକ୍ରମିକ ଭାବେ ଚୋରି କରନ୍ତି । ସେମାନେ କୌଣସି ଗୋଟିଏ ସହରରେ ରୁହନ୍ତି ନାହିଁ । ଗୋଟିଏ ସହରକୁ ଆସିବା ପରେ ବ୍ରିଜ, ଗଛ, କେନାଲ ଏବଂ ନଈ ପଠାରେ ରହି ଲୁଟ୍ ଯୋଜନା କରିଥା'ନ୍ତି । ଆପାର୍ଟମେଣ୍ଟ, ଡୁପ୍ଲେକ୍ସ ଏବଂ ବଡ଼ ଘରକୁ ଟାର୍ଗେଟ କରନ୍ତି । ପରେ ଉକ୍ତ ଘରକୁ ରେକି କରିବା ପରେ ଘରେ କେହି ନଥିବା ବେଳେ ଘରେ ପଶି ଚୋରି କରନ୍ତି । ପଡ଼ିଆ ନିକଟରେ ଥିବା ଘର, ଇଲେକ୍ଟ୍ରିପୋଲ ଥିବା ଘରକୁ ସେମାନେ ଟାର୍ଗେଟ କରନ୍ତି । ଚୋରି କରିବା ପରେ ସେମାନେ ନିଜ ରାଜ୍ୟକୁ ପଳାଇ ଯାଆନ୍ତି ।

## ସିଏଚ୍‌ଏସ୍‌ଏଲ୍ ପରୀକ୍ଷାରେ ମାଳମାଳ ଭୁଲ୍ ପ୍ରଶ୍ନ

# ଗୁଗଲରୁ କପି ହେଉଛି ପ୍ରଶ୍ନ!

ଭୁବନେଶ୍ୱର,୧୭ ।୨(ସମିସ): ସିଏଚ୍‌ଏସ୍‌ଏଲ୍-୨୦୨୪ ନିଯୁକ୍ତି ପରୀକ୍ଷାରେ ଆସିଛି ମାଳମାଳ ଭୁଲ୍ ପ୍ରଶ୍ନ । ଗତ ରବିବାର ଅନୁଷ୍ଠିତ ଏହି ପରୀକ୍ଷାରେ ବ୍ୟାପକ ତ୍ରୁଟି ଦେଖାଦେଇଛି । କେଉଁଠି ସମ୍ଭାବ୍ୟ ଉତ୍ତର ମଧ୍ୟରେ ସଠିକ୍ ଉତ୍ତର ନାହିଁ ତ କେଉଁଠି ପ୍ରଶ୍ନ ଭୁଲ୍ ରହିଛି । ଡାଟା ଇଣ୍ଟରପ୍ରିଟେସନ୍ (ଡିଆଇ)ରେ ଆସିଥିବା ପ୍ରଶ୍ନ ବୁଝି ପଡୁନଥିବା ବେଳେ ରିଜୋନିଂ, କମ୍ପ୍ୟୁଟର୍ ଓ ଗଣିତ ବିଭାଗରେ ପ୍ରାୟ ୧୧ଟି ଭୁଲ୍ ପ୍ରଶ୍ନ ଆସିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗଣିତରେ ଏକାଧିକ ପ୍ରଶ୍ନ ଇଣ୍ଟରନେଟ୍ ବା ଅନ୍ୟ ଘରୋଇ ୱେବସାଇଟ୍‌ରେ ଥିବା ପ୍ରଶ୍ନ ସହ ମେଳ ଖାଉଛି । କିନ୍ତୁ ସଂଖ୍ୟାରେ ସାମାନ୍ୟ ଏପଟସେପଟ ହୋଇଥିବାରୁ ପ୍ରଶ୍ନ ହିଁ ଭୁଲ୍ ହୋଇଯାଇଛି ବୋଲି ଆଶାର୍ଥୀ ମହଲରେ ଅଭିଯୋଗ ହୋଇଛି ।

ପରୀକ୍ଷାରେ ୪ଟି ଭିନ୍ନ ସେଟ୍ ପ୍ରଶ୍ନପତ୍ର ଆସିଥିଲେ ମଧ୍ୟ ସବୁ ସେଟ୍ ପ୍ରଶ୍ନ ସମାନ ଥିଲା । ସେଟ୍ 'ବି' କୁ ଉଦାହରଣ ଭାବେ ଦେଖିଲେ ଡିଆଇ ବିଭାଗର ପ୍ରଥମ ପ୍ରଶ୍ନ ବୁଝିପଡୁନଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି । ସେହିପରି ରିଜୋନିଂର ୫୧ନମ୍ବର ପ୍ରଶ୍ନର ଉତ୍ତର ମଧ୍ୟ ମେଳ ଖାଉନାହିଁ । କମ୍ପ୍ୟୁଟର୍ ବିଭାଗର ୭୩ ନମ୍ବର ପ୍ରଶ୍ନରେ ୟୁଆର୍‌ଏଲ୍‌ର ଫୁଲ୍‌ଫର୍ମ ପଚାରିଥିଲେ ମଧ୍ୟ ଏହାର ସଠିକ୍ ଉତ୍ତର ହେବାକୁ ଥିବା 'ୟୁନିଫର୍ମ ରିସର୍ଚ୍ଚ ଲୋକେଟର' କୌଣସି ଅପସନ୍‌ରେ ନାହିଁ । ସବୁଠାରୁ ଅଧିକ ଭୁଲ୍ ରହିଛି ଗଣିତ ବିଭାଗରେ । ୧୨୩, ୧୨୭, ୧୩୮ ଓ ୧୩୯ ନମ୍ବରରେ ଥିବା ପ୍ରଶ୍ନର ସଠିକ୍ ଉତ୍ତର ନାହିଁ । ଏସବୁକୁ ଗୁଗୁଲ୍‌ରେ ସର୍ଚ୍ଚ କଲେ ଅବିକଳ ପ୍ରଶ୍ନ ଥିବା ଦେଖାଯାଉଛି । ହେଲେ ସଂଖ୍ୟାରେ ସାମାନ୍ୟ ଏପଟ ସେପଟ ପ୍ରଶ୍ନକୁ ଭୁଲ୍ କରିଦେଇଛି ।

ଅପରପକ୍ଷେ, ମାତ୍ରାଧିକ ଭୁଲ୍‌କୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପରୀକ୍ଷାର୍ଥୀ । ୟୁଟ୍ୟୁବ୍‌ରେ ପରୀକ୍ଷା ପରିଚାଳନା କରିଥିବା ଓଏସ୍‌ଏସ୍‌ସିକୁ ପ୍ରଶ୍ନ କରିବା ସହ ଦାୟିତ୍ୱହୀନ କାର୍ଯ୍ୟ ଆଶାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର କରୁଥିବା ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା କଥା, ପରୀକ୍ଷାରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ ହୋଇଥିବା ବେଳେ ଏପରି ଭୁଲ୍ ପ୍ରଶ୍ନ ପାଇଁ ସେମାନଙ୍କ ବହୁ ସମୟ ଅପଚୟ ହେଉଛି । ସରଳ ପ୍ରଶ୍ନର ଉତ୍ତର ବାହାରୁନଥିବାରୁ ଚେଷ୍ଟା କରି ନିରାଶ ହେଉଛନ୍ତି । ଏହା ମାନସିକ ଚାପ ମଧ୍ୟ ସୃଷ୍ଟି କରୁଛି । ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ କେହି ଅଭିଜ୍ଞ ନଥିବାରୁ ଗୁଗୁଲ୍ ଉପରେ ନିର୍ଭର କରୁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି ।

ଅପରପକ୍ଷେ, ଓଏସ୍‌ଏସ୍‌ସି ସମ୍ପାଦକ ରାଜୀବ ଲୋଚନ ସିଂ କହିଛନ୍ତି ଯେ ଆଜି ଆନ୍‌ସାର-କି' ପ୍ରକାଶ ପାଇବ । ଯଦି କୌଣସି ପ୍ରଶ୍ନ ଭୁଲ୍ ଥାଏ, ତେବେ ପିଲାମାନେ ବିନା ଫି'ରେ ଆପତ୍ତି କରିପାରିବେ । ଏହାପରେ ସେମାନଙ୍କ ଆପତ୍ତିକୁ ବିଚାର କରି ଗ୍ରେସ୍ ମାର୍କ ଦେବା ସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି ।

## ଏଏସ୍‌ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅର ମାଡ଼ ପ୍ରସଙ୍ଗ

# ସରକାର ଜାଣିନାହାନ୍ତି !

ଭୁବନେଶ୍ୱର,୧୭ ।୨(ସମିସ): ୨୦୨୪ ରଥଯାତ୍ରା ସମୟରେ ପୁରୀ ରାଜଭବନରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ କାର୍ଯ୍ୟରତ ସରକାରୀ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କ ଉପରେ ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ଆକ୍ରମଣ ଘଟଣା କଥା ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିଲା । ରାଜ୍ୟ ଆଇନମନ୍ତ୍ରୀ ଗଣମାଧ୍ୟମରେ ଏହି ଘଟଣାକୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଟିପ୍ପଣୀ ଦେଇଥିବା ଦେଖାଗଲା । ରାଜନୈତିକ ଦଳଗୁଡ଼ିକ ଧାରଣା ଦେଲେ । ପୂର୍ବତନ ସେନା କର୍ମଚାରୀମାନେ ବିକ୍ଷୋଭ କଲେ । ତତ୍‌କାଳୀନ ରାଜ୍ୟପାଳ ମାଡ଼ଖାଇଥିବା ସରକାରୀ ଅଧିକାରୀଙ୍କୁ ଡ଼ାକି ଆଶ୍ୱାସନା ଦେଲେ । ଏତେ ସବୁ ଘଟଣା ଘଟଣା ପରେ ସରକାର କହୁଛନ୍ତି ଏ ସମ୍ପର୍କରେ କିଛି ସୂଚନା ନାହିଁ । ଏଏସଓ ବୈକୁଣ୍ଠ ପ୍ରଧାନଙ୍କୁ ରଘୁବରଙ୍କ ପୁଅ ଲଳିତ ଦାସ ମାଡ଼ ମାରିବା ଏବଂ ପୁଲିସଠାରୁ ନ୍ୟାୟ ମାଗି ବୈକୁଣ୍ଠଙ୍କ ପତ୍ନୀ ଘରୁ ଗୋଡ଼ କାଢ଼ିବା ଘଟଣା ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତା ଉପରେ ପାହାର ପକାଇଥିବା ବେଳେ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ସମସ୍ତଙ୍କୁ ଚକିତ କରିଛି ।

ପୁରୀ ରଥଯାତ୍ରା ସମୟରେ କାର୍ଯ୍ୟରତ ସରକାରୀ ଅଧିକାରୀଙ୍କୁ ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ମାଡ଼ ମରା ଘଟଣାର ତଦନ୍ତ କେତେବାଟ ଗଲା ବୋଲି ବିଧାନସଭାରେ ପ୍ରତାପ କେଶରୀ ଦେବ ପ୍ରଶ୍ନ କରିଛନ୍ତି । ଏହାର ଉତ୍ତରରେ ଗୃହବିଭାଗ ଦାୟିତ୍ୱ ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତଥ୍ୟ ସଂଗ୍ରହ କରାଯାଉଛି । ଗତ ଡିସେମ୍ବର ୨ ତାରିଖରେ ବିଧାନସଭାର ଶୀତକାଳୀନ ଅଧିବେସନରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ରଥଯାତ୍ରା ସମୟରେ ଭାରତର ରାଷ୍ଟ୍ରପତି ପୁରୀରେ ଥିଲେ କି ନାହିଁ ସେ ସମ୍ପର୍କରେ ସରକାରଙ୍କ ପାଖରେ ସୂଚନା ନାହିଁ । ସେହିପରି ଉକ୍ତ ମାମଲାରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା ପଚାରି ଥିବା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଥିଲା ତଥ୍ୟ ସଂଗ୍ରହ କରାଯାଉଛି । ୨ ମାସ ପରେ ଆଜି ବିଧାନସଭାରେ ମଧ୍ୟ ମୁଖ୍ୟମନ୍ତ୍ରୀ ସମାନ ଉତ୍ତର ରଖିଛନ୍ତି । ସେହିପରି ଜୁଲାଇ ୧୦ ତାରିଖ ଦିନ ପୁରୀ ସମୁଦ୍ରକୂଳ ଥାନାରେ ଏଏସ୍‌ଓଙ୍କୁ ମାଡ଼ ମରା ଘଟଣା ନେଇ କୌଣସି ଏତଲା ଗ୍ରହଣ କରାଯାଇ ନାହିଁ, କିନ୍ତୁ ଜୁଲାଇ ୧୨ ତାରିଖ ଦିନ ଅଭିଯୁକ୍ତ ବୈକୁଣ୍ଠ ପ୍ରଧାନ ସିସିଟିଏନ୍‌ଏସ୍ ପୋର୍ଟାଲ ଜରିଆରେ ଦେଇଥିବା ଏତଲା କପି ଗ୍ରହଣ କରାଯାଇଛି ବୋଲି ପ୍ରତାପ ଦେବଙ୍କ ଅନ୍ୟଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଗତ ଜୁଲାଇ ୭ ତାରିଖରେ ତତ୍‌କାଳୀନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ଦାସଙ୍କଠାରୁ ମାଡ଼ ଖାଇଥିବା ଏଏସ୍‌ଓ ବୈକୁଣ୍ଠ ପ୍ରଧାନ ତତକ୍ଷଣାତ୍ ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିଲେ । ପରଦିନ ତାଙ୍କ ପତ୍ନୀ ପୁରୀ ସମୁଦ୍ର କୂଳ ଥାନାରେ ଏତଲା ଦେଇଥିଲେ । ପୁଲିସ ପ୍ରଥମେ ଏତଲା ରଖୁ ନ ଥିଲା । ମାତ୍ର ରାଜ୍ୟ ସଚିବାଳୟ ସଂଘର ହସ୍ତକ୍ଷେପରେ ପୁଲିସ ଏତଲାକୁ ଥାନାରେ ରେଜିଷ୍ଟ୍ରି କରିଥିଲା । ଅଭିଯୋଗକାରିଣୀ ବୈକୁଣ୍ଠଙ୍କ ପତ୍ନୀ ନିଜେ ଗଣମାଧ୍ୟମକୁ ଏହା ଜଣାଇଥିଲେ । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଜେ ରଘୁବର ପ୍ରତିଶ୍ରୁତି ଦେଇ ୭ ଦିନ ସମୟ ନେଇଥିଲେ । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ବି ମାମଲା ଅଣାଯାଇଥିଲା ଏବଂ ସେ ମଧ୍ୟ ସମାନ ପ୍ରତିଶ୍ରୁତି ଦେଇଥିଲେ । ପରବର୍ତ୍ତୀ ସମୟରେ ପୁଲିସର ନିରବତାକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଥିଲା । ପରିସ୍ଥିତିକୁ ଦେଖି ୧୫ ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆଇନ୍ ମନ୍ତ୍ରୀ କହିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ତଦନ୍ତ ସରିଲା ନାହିଁ କିମ୍ବା ସରକାରଙ୍କ ନିକଟରେ ସୂଚନା ପହଞ୍ଚିଲା ନାହିଁ । ଇତିମଧ୍ୟରେ ରାଜ୍ୟପାଳ ରଘୁବର ଦାସଙ୍କ ବଦଳରେ ନୂଆ ରାଜ୍ୟପାଳ ଓଡ଼ିଶାରେ ଯୋଗ ଦେଇଛନ୍ତି ଓ ଶନିବାର ଦିନ ବୈକୁଣ୍ଠଙ୍କ ପତ୍ନୀ ନୂଆ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କୁ ଭେଟିବା ପାଇଁ ମାଗି ନିରାଶ ହୋଇଛନ୍ତି । ଏତେ ସବୁଘଟଣା ଘଟିବା ସତ୍ତ୍ୱେ ବିଧାନସଭାରେ ସରକାର ସୂଚନା ନ ଥିବା ଉତ୍ତରଦେବା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ■ ବହୁଚର୍ଚ୍ଚିତ ପ୍ରାଚୀ ଡିଭିଜନ୍ ଡବଲ-ମର୍ଡର୍ ମାମଲା

# ନିମ୍ନ ଅଦାଲତ ରାୟ ହାଇକୋର୍ଟରେ କାଏମ

ଅନୀଲ ଛୋଟରାୟ ସମେତ ୧୬ଅଭିଯୁକ୍ତ ଆଶ୍ୱସ୍ତ

କଟକ,୧୭ ।୨(ସମିସ): ବହୁଚର୍ଚ୍ଚିତ ଭୁବନେଶ୍ୱର ପ୍ରାଚୀ ଡିଭିଜନ୍ ଡବଲ-ମର୍ଡର୍ ଘଟଣାର ଅଭିଯୁକ୍ତ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଅନୀଲ ଛୋଟରାୟ ଓ ଅନ୍ୟ ୧୫ଜଣଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ଏହି ସମ୍ବେଦନଶୀଳ ମାମଲାରେ ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ଗତ ୨୦୧୫ରେ ଅଭିଯୁକ୍ତମାନଙ୍କୁ ନିମ୍ନ ଅଦାଲତ ଦୋଷମୁକ୍ତ କରିଥିବା ବେଳେ ଏହା ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ (କ୍ରିମିନାଲ ଲିଭ ପିଟିସନ) ଦାୟର କରାଯାଇଥିଲା । ତେବେ ରାଜ୍ୟ ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଜଷ୍ଟିସ୍ ଚିତ୍ତରଂଜନ ଦାଶ ଓ ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ହତ୍ୟା ଘଟଣାରେ ଉପଯୁକ୍ତ ତଥା ସମ୍ପୂର୍ଣ୍ଣ ତଥ୍ୟ ପ୍ରମାଣକୁ ତଦନ୍ତକାରୀ ସଂସ୍ଥା ଉପସ୍ଥାପନ କରିବାରେ ଅସମର୍ଥ ହୋଇଥିବା ବେଳେ ନିମ୍ନ ଅଦାଲତ ସଠିକ ଭାବେ ପ୍ରତିପକ୍ଷ ଅଭିଯୁକ୍ତମାନଙ୍କୁ ଦୋଷମୁକ୍ତ କରିଛନ୍ତି । ଏଣୁ ନିମ୍ନ ଅଦାଲତଙ୍କ ରାୟରେ ହସ୍ତକ୍ଷେପ ନକରି ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ଗତ ୨୦୦୫ ଏପ୍ରିଲ ୧୮ ରେ ପ୍ରାଚୀ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିକଟରେ ଠିକାଦାର ସୁବାସ ଚନ୍ଦ୍ର ଦାସ ଓ ତାଙ୍କର ସହଯୋଗୀ ଧୀରେନ ସେଠୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ ।






## ସିଟି କଟକ

# ଲାଗି ରହିଛି 'ମହିଳା ଓ ଶିଶୁ ଡେସ୍କ'ସମସ୍ୟା

■ ଅଧୁରା ରହିଲା 'ଚାଇଲ୍ଡ-ଫ୍ରେଣ୍ଡଲି' ସ୍ୱପ୍ନ

■ ପ୍ରଚାର ପ୍ରସାର ଜୋର୍, ଫଳ ଶୂନ୍

କଟକ,୧୭ ।୨(ସମିସ)

ମହିଳା ଓ ଶିଶୁଙ୍କ ଅଭିଯୋଗକୁ କମିଶନରେଟ୍ ପୁଲିସ ସମ୍ବେଦନଶୀଳ ଭାବେ ଗ୍ରହଣ କରୁଛି ବୋଲି ପ୍ରଚାର ଓ ପ୍ରସାର କରୁଛି । ଥାନାରେ ମହିଳା ଓ ଶିଶୁମାନେ ଯେମିତି ଅବହେଳାର ଶିକାର ନହେବେ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗୀତାରେ ନିଜର ଅଭିଯୋଗ ଜଣାଇ ପାରିବେ, ସେଥିପ୍ରତି ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ଆସୁଛନ୍ତି । ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ସହରର ଥାନା ଗୁଡ଼ିକରେ ମହିଳା ଓ ଶିଶୁ ଡେସ୍କ୍ ଆଦୌ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଏହି ଡେସ୍କରେ ସ୍ୱତନ୍ତ୍ର ଭାବେ ଜଣେ ଅଭିଜ୍ଞ ମହିଳା ଅଫିସରଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଥିଲା । ମାତ୍ର କଟକ ସହରର ଅଧିକାଂଶ ଥାନାରେ ମହିଳା ଶିଶୁ ଡେସ୍କ୍ ଦାୟିତ୍ୱରେ କିଏ ଅଛନ୍ତି, ତାହା ଜଣାପଡିନାହିଁ । ଏହି ସମସ୍ୟା ସମ୍ପର୍କରେ କମିଶନରେଟ୍ ପୁଲିସର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳା ଶିଶୁ ଡେସ୍କ୍ ତାଲା ପଡ଼ିପାରିବ ନାହିଁ । ଏହି ଡେସ୍କ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ । କୌଣସି ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଯେଉଁ ମହିଳା ଅଫିସର ଥାନାର ଏହି ଡେସ୍କ୍ ଦାୟିତ୍ୱରେ ରହିବାର ନିଷ୍ପତ୍ତି ହୋଇଥିଲା ତାହା ଏବେ କାର୍ଯ୍ୟକାରୀ ହୋଇ ପାରୁନାହିଁ । କାରଣ, ଆବଶ୍ୟକ ମହିଳା ଅଫିସର ନାହାନ୍ତି । ପ୍ରତ୍ୟେକ ଥାନାକୁ କୁହାଯାଇଛି, ଡାଏରୀ ଚାର୍ଜ ଅଫିସର ଏହି ଡେସ୍କ୍ ବୁଝିବେ । ତେବେ ସନ୍ଧ୍ୟା ପରେ ଯଦି ଜଣେ ମହିଳା କିମ୍ବା ଶିଶୁଟିଏ ଥାନାକୁ ଯାଏ, ସେ କେଉଁଠି ଅଭିଯୋଗ ଜଣାଇବ ବୋଲି ପ୍ରଶ୍ନ କରିବାରୁ ସମ୍ପୃକ୍ତ ଅଫିସର କହିଛନ୍ତି, ଏ ସମସ୍ୟାକୁ ବହୁତ ଶୀଘ୍ର ସମାଧାନ କରାଯିବ । ଯେଉଁ ଡାଏରୀ ଚାର୍ଜ ଅଫିସର ଦାୟିତ୍ୱରେ ଥିବେ ସେ ମହିଳା ଓ ଶିଶୁଙ୍କ ଅଭିଯୋଗ ଶୁଣିବେ ବୋଲି ସମ୍ପୃକ୍ତ ଏଡିସିପି କହିଛନ୍ତି । ତେବେ କଣ ପାଇଁ ଏହି ମହିଳା ଓ ଶିଶୁ ଡେସ୍କ୍ ଥାନା ଗୁଡ଼ିକରେ ଖୋଲା ଯାଇଛି, ତାହା ସାଧାରଣରେ ପ୍ରଶ୍ନ ଉଠିଛି । ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ଲାଗି ଓଡ଼ିଶା ପୁଲିସ ୨୦୦୫ରେ ଏହି ପଦକ୍ଷେପ ଗ୍ରହଣ କରିଥିଲା । ପ୍ରତ୍ୟେକ ଥାନାକୁ ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସାମିଲ୍ କରାଯାଇ ସ୍ୱତନ୍ତ୍ର ଡେସ୍କ କାର୍ଯ୍ୟକ୍ଷମ ହୋଇଥିଲା । ଏହି ଡେସ୍କର କେବଳ ମହିଳା ଉପନିରୀକ୍ଷକ ଓ ସହକାରୀ ଉପନିରୀକ୍ଷକ ପଦର ଅଧିକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଡେସ୍କର ୨ଜଣ ମହିଳା କନେଷ୍ଟବଳଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା ।

ମିଳିଥିବା ସୂଚନା ଅନୁସାରେ ଗୃହ ବିଭାଗ ପକ୍ଷରୁ ୨୦୧୩ ମସିହା ଅକ୍ଟୋବର ୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯେ, ରାଜ୍ୟର ୫୩୭ଟି ଥାନାରେ ମହିଳା ଓ ଶିଶୁ ଡେସ୍କ୍ ନିମନ୍ତେ ୫୩୭ଟି ଉପ ନିରୀକ୍ଷକ ପଦ ସୃଷ୍ଟି କରାଗଲା । ଏହା ଭିତରେ ୧୩ ବର୍ଷ ବିତିଗଲାଣି । ମାତ୍ର ଏହି ଡେସ୍କ୍ ପାଇଁ ଉପ-ନିରୀକ୍ଷକ ନିଯୁକ୍ତି ହେଲା ନାହିଁ । ପ୍ରଥମତଃ କମିଶନରେଟ୍ ପୁଲିସର କୌଣସି ଥାନାରେ ମହିଳା ଶିଶୁ ଡେସ୍କ୍ କାର୍ଯ୍ୟକ୍ଷମ ହେଉ ନାହିଁ ଏବଂ କର୍ମଚାରୀ ଅଭାବ ଲାଗି ରହିଛି । ଏଭଳି ପରିସ୍ଥିତିରେ ଏହି ଯୋଜନା ବିଫଳ ହେବାକୁ ଲାଗିଛି । ସେମିତି କମିଶନରେଟ୍ ପୁଲିସ ପକ୍ଷରୁ ମହିଳା ଥାନା ଗୁଡ଼ିକରେ ଚାଇଲ୍ଡ ଫ୍ରେଣ୍ଡଲି ମଡେଲ ଥାନା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କୌଣସି ସମସ୍ୟାରେ ଫସି ଥାନାକୁ ଆସୁଥିବା ଶିଶୁଙ୍କୁ ଏଠାରେ କାଉନସିଲିଂ କରାଯିବାର ଯୋଜନା ରହିଥିଲା । ମହିଳାଙ୍କ ସାଥିରେ ଆସୁଥିବା ଶିଶୁ ମଡେଲ୍ ଥାନାରେ ଖେଳିବାର ସୁଯୋଗ ପାଇବେ । ଏହି ମଡେଲ୍ ଥାନାକୁ ଅନ୍ୟ ଥାନା ଗୁଡ଼ିକର ଆଇଆଇସି ଆସି ନିଜ ନିଜ ଥାନାରେ କେମିତି ଶିଶୁ ଓ ମହିଳା ଡେସ୍କକୁ ଅଧିକ କ୍ରିୟାଶୀଳ କରିବେ, ସେ ଜ୍ଞାନ ଆହାରଣ କରିବେ । ହେଲେ ଏସବୁ କେବଳ ଯୋଜନାରେ ଅଟକିଛି । ଥାନାଗୁଡ଼ିକର ଚାଇଲ୍ଡ ଫ୍ରେଣ୍ଡଲି ସ୍ୱପ୍ନ ଅଧାରେ ରହିଛି । ଏହାର ତୁରନ୍ତ ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି ଉଠିଛି ।

## ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ



**କଟକ,୧୭ ।୨(ସମିସ):** ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଆଜି କଟକର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବାହ୍ନରେ ଡ. ମିଶ୍ର କାର୍ଯ୍ୟରେ ଯୋଗଦେବାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ କଟକ ମହାନଗର ନିଗମର ଯୁଗ୍ମ ଆଯୁକ୍ତ ଭାବେ କାର୍ଯ୍ୟରତ ଥିଲେ । ଏହା ପୂର୍ବରୁ ସୋନପୁର ଜିଲ୍ଲାରେ ଉପଜିଲ୍ଲାପାଳ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସୂଚନାଯୋଗ୍ୟ ଡ. ମିଶ୍ର ଓଡ଼ିଶା ପ୍ରଶାସନିକ ସେବା-୨୦୦୬ ବ୍ୟାଚର ଅଧିକାରୀ ଭାବେ ସରକାରୀ ସେବାରେ ଯୋଗଦେଇ ପ୍ରଥମ କରି ଭଦ୍ରକ ଜିଲ୍ଲାରେ ଡେପୁଟି କଲେକ୍ଟର ଏବଂ ପରେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ପଦରେ କାର୍ଯ୍ୟରତ ଥିଲେ ।

## ମାର୍ଚ୍ଚ ୮ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୧୭ ।୨(ସମିସ):** ଆସନ୍ତା ମାର୍ଚ୍ଚ ୮ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉଚ୍ଚ ନ୍ୟାୟାଳୟ ସମେତ କଟକ ଜିଲ୍ଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ୨୦୨୫ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ମଧ୍ୟ ଯୋଗାଯୋଗ କରିବାକୁ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି ।

● ଯୁଗ୍ମ ଜନଅଭିଯୋଗ ଶୁଣାଣି

## ୨୦ଟି ଅଭିଯୋଗର ତ୍ୱରିତ ସମାଧାନ

**କଟକ,୧୭ ।୨(ସମିସ):** କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଡିସିପି ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଓ ଅତିରିକ୍ତ ଜିଲ୍ଲାପାଳ ଡା ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆଜିର ଜନଅଭିଯୋଗ ଶୁଣାଣିରେ ସମୁଦାୟ ୯୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୯୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ସାମୂହିକ ଅଭିଯୋଗ ରହିଛି । ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

## ୨୦ରେ ଲୋକାର୍ପଣ ହେବ ଆଧ୍ୟାତ୍ମିକ ଆର୍ଟ ଗ୍ୟାଲେରୀ

**ଫୁଲନଖରା,୧୭।୨(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ପ୍ରାଙ୍ଗଣରେ ଏକ ଦିବ୍ୟ ଅତୀବ ସୁନ୍ଦର ଶିବ ଜ୍ୟୋତି ଆର୍ଟ ଗ୍ୟାଲେରୀ ଆସନ୍ତା ୨୦ ତାରିଖ ଗୁରୁବାର ୧୦ଟା ।। ସମୟରେ ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି । କଟକ ଆଞ୍ଚଳିକ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି.କେ କମଳେଶ ଦିଦିଜୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବି.କେ. ଜୟନ୍ତୀ ଦିଦିଜୀ ଉକ୍ତ ଆର୍ଟ ଗ୍ୟାଲେରୀକୁ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଡିଜି ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଯୋଗଦେଉଥିବା ବେଳେ ବିଶେଷ ଅତିଥି ଭାବରେ ପ୍ରିନ୍ସପାଲ ଆକାଉଣ୍ଟ ଜେନେରାଲ ଡ. ଡି. ସାହୁ ଓ ଜିନ୍ଦଲ କମ୍ପାନୀର ପରିଚାଳନା ନିର୍ଦ୍ଦେଶିକା ଦୀପିକା ଜିନ୍ଦଲ ଯୋଗଦେବେ ଜଣାପଡ଼ିଛି । ଏହି ଆଧ୍ୟାତ୍ମିକ ଗ୍ୟାଲେରୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଯଥା ସମାଜରେ ପରିବର୍ତ୍ତନ ଆଣିବା ଭଳି ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଷୟବସ୍ତୁ ଉପସ୍ଥାପନା କରାଯାଇଛି ବୋଲି ରାଜଯୋଗୀ ବ୍ରହ୍ମକୁମାର ନଥମଲ ଓ ବ୍ରହ୍ମକୁମାରୀ ଦେବସ୍ମିତା ଭଉଣୀ ପ୍ରେସ୍‌ମିଟ୍ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି ।

## ଦୁର୍ଘଟଣାରେ ବାପା ଗୁରୁତର; ପୁଅ ଆହତ



**କଟକ,୧୭।୨(ସମିସ):** କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଭାଣପୁର ଓଭରବ୍ରିଜ ଉପରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ବାଇକରେ ଯାଉଥିବା ବେଳେ ଦୁର୍ଘଟଣାରେ ବାପ ପୁଅ ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ କଟକ ମଧୁପାଟଣା ଥାନା ଅଧୀନ ନୂଆପଡା ଅଞ୍ଚଳର ବସନ୍ତ କୁମାର ସାହୁ (୬୩) ଓ ତାଙ୍କ ପୁଅ ବିଭୁତି ଭୂଷଣ ସାହୁ ଏକ ବାଇକ ଯୋଗେ କଟକରୁ ଭୁବନେଶ୍ୱର ଦିଗକୁ ଯିବା ସମୟରେ ଭାଣପୁର ଓଭରବ୍ରିଜ ଉପରେ ହଠାତ ଏକ ଷଣ୍ଢ ତାଙ୍କ ସମ୍ମୁଖକୁ ପଶିଆସିବାରୁ ବାଇକଟି ଦେହରେ ପିଟି ହୋଇଯାଇଥିଲା । ଫଳରେ ଉଭୟେ ରାସ୍ତାରେ ପଡ଼ିଯାଇ ଆହତ ହୋଇଥିଲେ । ଘଟଣାସ୍ଥଳରେ ସ୍ଥାନୀୟ ଯୁବକମାନେ ଆମ୍ବୁଲାନ୍ସ ଡକାଇଥିଲେ ହେଲେ ଆମ୍ବୁଲାନ୍ସ ଦୀର୍ଘ ସମୟ ପରେ ପହଞ୍ଚିବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା । ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇ ବାଇକକୁ ଜବତ କରିଛି ।

● ଆଚାର୍ଯ୍ୟ ହରିହର ବିଦ୍ୟାପୀଠରେ ବାର୍ଷିକୋତ୍ସବ 'ଅନ୍ୱେଷା' ଉଦ୍‌ଯାପିତ

## ମୂଲ୍ୟବୋଧ ଓ ଉତ୍କର୍ଷକୁ ଗୁରୁତ୍ୱ ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



**କଟକ,୧୭।୨(ସମିସ):** ଉତ୍ତମାପୁର ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ବାର୍ଷିକ ଉତ୍ସବ 'ଅନ୍ୱେଷା' ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ନିହାରିକା ବଳଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଅଲ ଇଣ୍ଡିଆ ଚେସ ଆସୋସିଏସନ ପ୍ରେସିଡେଣ୍ଟ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ସମ୍ମାନିତ ଅତିଥି ଭାବେ ୫୬ନଂ ୱାର୍ଡର କର୍ପୋରେଟର ଲିପସା ନାୟକ, ଓଡିଇପି ଜୋନାଲ ଅଫିସର ପ୍ରକାଶ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ପାଢୀ, ବିଦ୍ୟାଳୟର ହିତୈଷି ମାନସ ରଞ୍ଜନ ପଟ୍ଟନାୟକ, ଏସଏମସି ଭାଇସ ଚେୟାରମ୍ୟାନ ସୁଶ୍ରୀ ସଙ୍ଗୀତା ନାୟକ, ଏସଏମସି ସଭ୍ୟ ନବ କିଶୋର ନାୟକ, ସମିମ୍ ଖାନ, ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଜୁନିୟର ବାଳକ ଓ ବାଳିକା ବିଭାଗରେ ଯଥାକ୍ରମେ ପାର୍ଥ ପଟ୍ଟନାୟକ, ଆୟୁଷ୍ମତୀ ଲେଙ୍କା ଚାମ୍ପିଅନ ହୋଇଥିବା ବେଳେ ସିନିୟର ବିଭାଗରେ ଅକ୍ଷୟ ବାରିକ ଓ ଅଙ୍କିତା ପ୍ରିୟଦର୍ଶିନୀ ପାଇକରାୟ ଚାମ୍ପିଅନ ହୋଇଥିଲେ । ଏମାନଙ୍କୁ ଅନସୂୟା ପଟ୍ଟନାୟକ ଓ ଶରତଚନ୍ଦ୍ର ପଟ୍ଟନାୟକ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ଓଡିଇପି ଜୋନାଲ ଅଫିସର ଶ୍ରୀ ବେହେରା ମୂଲ୍ୟବୋଧ, ବନ୍ଧୁ ସମ୍ମାନ ଓ ଉତ୍କର୍ଷତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ସଦୃଶ, କ୍ରୀଡ଼ା ପ୍ରତି ଅନୁରାଗ, ଶ୍ରଦ୍ଧା ଓ ଚେଷ୍ଟା ଦ୍ୱାରା ସଫଳତା ମିଳିଥାଏ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଷ୍ଣୁପ୍ରିୟା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ପାର୍ଥସାରଥୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

## ବିଶ୍ୱ ଶିଶୁ କର୍କଟ ଦିବସ



**କଟକ,୧୭ ।୨(ସମିସ):** ବିଶ୍ୱ ଶିଶୁ କର୍କଟ ଦିବସ ଉପଲକ୍ଷେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର କଟକ(ଏଚବିସିଆର) ଏବଂ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଦୀପକ ରାଉତ୍‌ରାୟ, ଆଡମିନଷ୍ଟ୍ରେଟିଭ୍ ଅଫିସର୍ ପ୍ରତିଭା ପୃଷ୍ଟି, ହେଡ୍ ଓ ନେକ ବିଭାଗ ମୁଖ୍ୟ ଡ. ପ୍ରମୋଦଚନ୍ଦ୍ର ପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ରଙ୍ଗୋଲି କାର୍ଯ୍ୟକ୍ରମ, କ୍ୟାନସର ବିଜୟୀ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ କରାଯାଇଥିଲା । ଅଭିଜ୍ଞ ରୋଗୀ ପରାମର୍ଶଦାତା ମନସ୍ୱିନୀ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଆଶୋକ ବେହେରା, ଅରକ୍ଷିତ ସାହୁ, ସମାଜସେବୀ ଅଭିମନ୍ୟୁ ଦାସ, ଏନସିଟିର ସଂପାଦକ ନାରାୟଣ ଭାଇ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ ସଂପାଦକ ପ୍ରିନ୍ସ ନନ୍ଦ, ଟ୍ରଷ୍ଟ ଅଧ୍ୟକ୍ଷ ରକ୍ତଦାତା ଇଂ ବିମଳ ଚନ୍ଦ୍ର ଦାସ, ନରେଶ ବେହେରା, ଏଚବିସିଆର ଟିମର ଶକ୍ତି, ଶୁଭ, ଶର୍ମିଷ୍ଠା ଦିଦି, ଗାୟତ୍ରୀ ଦିଦି, ରମାକାନ୍ତ ପ୍ରମୁଖ ସହଯୋଗ କରିଥିଲେ । ବିସିଟି ପରିବାର ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨ ଜଣ ପିଲାଙ୍କ ଶିକ୍ଷା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆୱେକେନ ଟ୍ରଷ୍ଟ ପକ୍ଷରୁ ପିଲାମାନଙ୍କ ପାଇଁ ମ୍ୟାଜିକ ପରିବେଷଣ କରାଯାଇଥିଲା । ଦି ହ୍ୟୁମାନିଟି ଗ୍ରୁପ୍ ମୁଖ୍ୟ ଦେବୀପ୍ରସାଦଙ୍କ ଦ୍ୱାରା ସମସ୍ତ କର୍କଟ ପିଲାମାନଙ୍କ ମନଲୋଭା ଗିଫ୍ଟ ପ୍ରଦାନ କରାଯାଇଥିଲା । ବିଶିଷ୍ଟ ରୋଗୀ ପରାମର୍ଶଦାତା ସପନ କୁମାର ଜେନା ଧନ୍ୟବାଦ ଦେଇଥିଲେ ।

## ଭେଣ୍ଡିଂ ଜୋନ୍‌ରେ ଅଗ୍ନିକାଣ୍ଡ




**କଟକ,୧୭ ।୨(ସମିସ):** ବିଡାନାସୀ ବନ୍ଧ ଛକରେ ଥିବା ସିଏମସିର ଏକ ଭେଣ୍ଡିଂଜୋନରେ ଅଗ୍ନିକାଣ୍ଡ ଘଟିଛି । ନିଆଁ ଲାଗି ଗୋଟିଏ ସାଇକଲ ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଜଳିଯାଇଛି । ବିଡ଼ାନାସୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସୂଚନା ଅନୁସାରେ, ବିଡାନାସୀ ବନ୍ଧ ଛକରେ ସିଏମସି ପକ୍ଷରୁ ଏକାଧିକ ଭଣ୍ଡିଂଜୋନ ନିର୍ମାଣ ହୋଇଛି । ତନ୍ମଧ୍ୟରୁ ଗୋଟିଏ ଦୋକାନ ଗୃହକୁ ଶ୍ୟାମସୁନ୍ଦର ସାହୁ ଭଡାସୂତ୍ରରେ ନେଇଛନ୍ତି । ସୋମବାର ଦିନ ପ୍ରାୟ ୧ଟାରେ ଭେଣ୍ଡଜୋନ ଉପରେ ଯାଇଥିବା ହାଇଭୋଲେଟଜ ବିଦ୍ୟୁତ ତାରରେ ହଠାତ ଏକ ଚିରା ହୋଡିଂ ଉଡି ଆସି ଲାଗିଯାଇଥିଲା । ସେହି ହୋଡିଂ ବିଦ୍ୟୁତ ତାର ସହିତ ଲୁହା, ଟିଣରେ ନିର୍ମିତ ଭେଣ୍ଡିଂଜୋନ ସଂସ୍ପର୍ଶରେ ଥିବାରୁ ସେଗୁଡିକୁ ଚାର୍ଜ ହୋଇଯାଇଥିଲା । ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ଓ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ । ଏହା ଭିତରେ ବିଦ୍ୟୁତ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ବିଦ୍ୟୁତ ସରବରାହକୁ ବନ୍ଦ କରି ଦିଆଯାଇଥିଲା । ଅଗ୍ନିଶମ କର୍ମଚାରୀମାନେ ପାଣି ମାଡ କରି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ସେତେବେଳକୁ ବହୁ ପରିମାଣର ଖାଦ୍ୟ ସାମଗ୍ରୀ ଓ ଗୋଟିଏ ସାଇକେଲ ଜଳି ଯାଇଥିଲା ।

● କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର

## ଚାପ ପରେ କମିଲା ରକ୍ତ ୟୁନିଟ ଦର

**କଟକ,୧୭।୨(ସମିସ):** କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରରେ ରକ୍ତ ୟୁନିଟ ଦର ହଠାତ ବଢ଼ାଇ ଦିଆଯାଇଥିଲା । ପୂର୍ବରୁ ହୋଲ ବ୍ଲଡ ସେଲ ୪୧୦ ଓ ଧଳା ରକ୍ତ ୟୁନିଟ୍ ପିଛା ୪୦୦ ଟଙ୍କା ରହିଥିଲା । ଏହାକୁ ବୃଦ୍ଧି କରାଯାଇ ଯଥାକ୍ରମେ ୫୧୦ ଓ ୫୦୦ ଟଙ୍କା ନିର୍ଦ୍ଧାରଣ ହୋଇଥିଲା । ଏହାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ଚାପରେ ପଡି ପୁଣି ଦର ହ୍ରାସ କରିଛନ୍ତି ରକ୍ତଭଣ୍ଡାର କର୍ତ୍ତୃପକ୍ଷ । କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ସରକାରଙ୍କ ସହଯୋଗ ପାଇ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ହେଲେ ଏଠାରେ ଦର ବୃଦ୍ଧି କରି ରୋଗୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି । ଦର ବୃଦ୍ଧି ନେଇ କୌଣସି ଅନୁମତି କିମ୍ବା ନିର୍ଦ୍ଦେଶନାମା ନଥାଇ କର୍ତ୍ତୃପକ୍ଷ କିଭଳି ରକ୍ତ ୟୁନିଟ ଦର ବୃଦ୍ଧି କରିଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ: ଆଗ ସରିବ ଆବାସିକ କୋଠା ନିର୍ମାଣ

● ଡିସେମ୍ବର ପୂର୍ବରୁ ନିର୍ମାଣ ଶେଷ ହେବ; ହସ୍ତାନ୍ତର ହୋଇ ନ ପାରେ

● କ୍ଲିନିକାଲ କୋଠା ନିର୍ମାଣ ୪୦% ସରିଛି ବୋଲି ମନ୍ତ୍ରୀଙ୍କ ଉତ୍ତର



**କଟକ,୧୭।୨(ସମିସ):** ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି । ନବୀନ ସରକାର ଅମଳରେ ରୂପାନ୍ତରଣ ପର୍ବରେ ସାମିଲ ହୋଇଥିବା କଟକ ବଡ ମେଡିକାଲ ବିଶ୍ୱସ୍ତରୀୟ ରୂପରେଖ ପାଇବାକୁ ଯାଉଛି । ତେବେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଟାର୍ଗେଟ ରହିଥିଲା । ଉଭୟ କ୍ଲିନିକାଲ ଏବଂ ଆବାସିକ କୋଠା ନିର୍ମାଣ ଶେଷ କରି ମେଡିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ପ୍ରଶାସନିକ ସ୍ତରରେ କୁହାଯାଇଥିଲା । ତେବେ ନିର୍ଦ୍ଧାରିତ ସମୟସୀମା ଭିତରେ ଆବାସିକ କୋଠା ନିର୍ମାଣ ଶେଷ ହେବ ବୋଲି ଓବିସିସିର ଜନୈକ ବରିଷ୍ଠ ଯନ୍ତ୍ରୀ ଦୃଢ଼ୋକ୍ତିର ସହ କହିଛନ୍ତି । ଏହାର କିଛି ଦିନ ଭିତରେ କ୍ଲିନିକାଲ ବ୍ଲକ ନିର୍ମାଣ ଶେଷ ହେବ । ଡିସେମ୍ବରରେ ନିର୍ମାଣ ଶେଷ ହେଲେ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷଙ୍କୁ କୋଠା ହସ୍ତାନ୍ତରରେ ବିଳମ୍ବ ହୋଇପାରେ ବୋଲି ସେ ଜଣାଇଛନ୍ତି ।

ଏ ସ୍ ସି ବି ସମ୍ପ୍ରସାରଣ କାର୍ଯ୍ୟକୁ ନେଇ ଆଜି ବିଧାନସଭାରେ ପ୍ରଶ୍ନ ଉଠିଥିଲା । ବିଧାୟକ ସାରଦା ପ୍ରସାଦ ପ୍ରଧାନ ଏସ୍‌ସିବି ସମ୍ପ୍ରସାରଣର ସ୍ଥିତାବସ୍ଥା ନେଇ ପ୍ରଶ୍ନ କରିଥିଲେ । କେତେ ବ୍ୟୟ ଅଟ୍ଟକଳ ହୋଇଛି ଏବଂ କେବେ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀଙ୍କୁ ପଚାରିଥିଲେ । ଏହାର ଉତ୍ତରରେ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ୪ହଜାର ୪୭୪.୪୯ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଛି । ସାମ୍ପ୍ରତିକ ପରିସ୍ଥିତିରେ କ୍ଲିନିକାଲ କୋଠା ୪୦ ପ୍ରତିଶତ ଏବଂ ଆବାସିକ କୋଠା ନିର୍ମାଣ ୪୨ ପ୍ରତିଶତ ସରିଛି ବୋଲି କହିଥିଲେ । ମାତ୍ର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ତାହାର ସଠିକ ଜବାବ ଦେଇନଥିଲେ । ଓବିସିସିର ବରିଷ୍ଠ ଯନ୍ତ୍ରୀଙ୍କ କହିବା ମୁତାବକ, ଉଭୟ କୋଠା ନିର୍ମାଣ ୬୦ ପ୍ରତିଶତରୁ ଅଧିକ ଶେଷ ହେଲାଣି । ୧୩ଟି ଆବାସିକ କୋଠା ଭିତରୁ ପ୍ରାୟ ୧୧ଟି କୋଠାର ନିର୍ମାଣ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି । କୋଠାର ଆଭ୍ୟନ୍ତରୀଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ ଜଣାଇଛନ୍ତି ।

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳାଯିବ । ଏହି ପରିପ୍ରେକ୍ଷୀରେ ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । କ୍ଲିନିକାଲ କୋଠାଗୁଡିକ ଜି+୯ ମହଲା ବିଶିଷ୍ଟ । ମୋଟ ୪ଟି କ୍ଲିନିକାଲ କୋଠା ନିର୍ମାଣ ହେଉଛି । ସେହିପରି ଡାକ୍ତର ଏବଂ ଅନ୍ୟାନ୍ୟ ଷ୍ଟାଫ ମାନେ ରହିବା ନିମନ୍ତେ ରେସିଡେନ୍ସିଆଲ ବ୍ଲକ ନିର୍ମାଣ କରାଯାଉଛି । ଏହି ବ୍ଲକରେ ମୋଟ ୧୩ଟି କୋଠା ରହିବ । ପ୍ରତ୍ୟେକ କୋଠା ୧୩ ମହଲା ବିଶିଷ୍ଟ ହେବ । ପୂର୍ବରୁ ୨୦୨୫ ଜୁନ ମାସରେ ନିର୍ମାଣ ଶେଷ ହେବ ବୋଲି କୁହାଯାଇଥିଲା । ନିର୍ମାଣ କାର୍ଯ୍ୟରେ ମନ୍ଥରତା ଦେଖା ଦେବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏବେ ନିର୍ମାଣ କାର୍ଯ୍ୟ ସଠିକ ଢ଼ଙ୍ଗରେ ଆଗେଇ ଚାଲିଥିବା ଓବିସିସି ପକ୍ଷରୁ କୁହାଯାଇଛି ।



# ଛାତ୍ରୀ ମୃତ୍ୟୁକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନରେ ଉତ୍ତେଜନା

## ଘଟଣାରେ ହସ୍ତକ୍ଷେପ କଲେ ନେପାଳ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୭।୨(ସମିସ):** ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଗତକାଲି ଜଣେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଘଟଣାକୁ ନେଇ କ୍ୟାମ୍ପସରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ପୁଲିସ ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ତେବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ଘୋଷଣା ପରେ ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍ ଛାଡ଼ିଛନ୍ତି। ତେବେ ସେମାନଙ୍କୁ ଶାନ୍ତି ବଜାୟ ରଖିବା ସହ କ୍ୟାମ୍ପସ୍ ଫେରିଆସିବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମୃତ ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ଉତ୍ତର ପ୍ରଦେଶ ଲକ୍ଷ୍ନୌର ଅଭିକ୍ ଶ୍ରୀବାସ୍ତବଙ୍କୁ ଇନ୍‌ଫୋସିଟି ପୁଲିସ ଗିରଫ କରିଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ମୃତ ଛାତ୍ରୀଙ୍କ ଘର ନେପାଳରେ ଓ ସେ ଉକ୍ତ ଘରୋଇ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ରହି ଶିକ୍ଷାଲାଭ କରୁଥିଲେ। ଗତ ଦୁଇବର୍ଷ ପୂର୍ବେ ଅଭିଯୁକ୍ତ ଅଭିକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଇତିମଧ୍ୟରେ ତାଙ୍କ ଅଗୋଚରରେ ତାଙ୍କର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଏବଂ ଭିଡିଓ ନିଜ ମୋବାଇଲ ଫୋନରେ ଅଭିକ୍ ଉଠାଇଥିଲେ। ଏହି ଫଟୋ ଓ ଭିଡିଓ ଜରିଆରେ ବ୍ଲାକମେଲ କରିବାକୁ ଉଦ୍ୟମ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନ ଅଧୀନରେ ଥିବା ଆଇଆରଓ ବିଭାଗ ସହଯୋଗରେ ଦୁଇ ଦୁଇଥର ଏହି ସମସ୍ୟାର ଆପୋଷ ସମାଧାନ ହୋଇଥିଲା। ମାତ୍ର ଅଭିଯୁକ୍ତ ଜଣକ ତାଙ୍କ ସହ ସମ୍ପର୍କ ରଖିବା ଲାଗି ପୀଡ଼ିତାଙ୍କ ଉପରେ ଚାପ ପକାଇଥିଲେ। ମାତ୍ର ପୀଡ଼ିତା ତାଙ୍କ କଥାରେ ଅସହମତ ହେବାରୁ ସେ ମାନସିକ ଯନ୍ତ୍ରଣା ଦେଇ ଚାଲିଥିଲେ। ଗତକାଲି ସକାଳେ ଉଭୟଙ୍କ ମଧ୍ୟରେ ପୁନର୍ବାର ଝଗଡ଼ା ହୋଇଥିଲା ଓ ଅପରାହ୍ନରେ ସେ ନିଜ କୋଠରୀରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଝୁଲନ୍ତା ଅବସ୍ଥାରେ ଛାତ୍ରୀଙ୍କ ମୃତଦେହ ଦେଖି ସାଙ୍ଗମାନେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

### ଅଭିଯୁକ୍ତ ପ୍ରେମିକକୁ ଗିରଫ କଲା ପୁଲିସ

ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତ ଅଭିକ ରାଜ୍ୟ ବାହାରକୁ ଖସି ପଳାଇବା ଲାଗି ଉଦ୍ୟମ କରୁଥିବା ବେଳେ ଏୟାରପୋର୍ଟ ନିକଟରୁ ପୁଲିସ ଗିରଫ କରିଥିଲା ବୋଲି ପୁଲିସ୍ କମିଶନର୍ ସୂଚନା ଦେଇଛନ୍ତି। ଦୋଷୀ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

ତଦନ୍ତ ସମୟରେ ପୁଲିସ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଏବଂ ଏକ ଲାପଟପ ମଧ୍ୟ ଜବତ କରିଛି। ପ୍ରେମ ବ୍ୟାପାରରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ଶିକ୍ଷାନୁଷ୍ଠାନର କୁଳସଚିବ କହିଛନ୍ତି। ଅନ୍ୟପଟରେ ନେପାଳ ପ୍ରଧାନମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ଦିଲ୍ଲୀ ଦୂତାବାସରୁ ୨ଜଣ ଅଧିକାରୀ ଓଡ଼ିଶା ଆସୁଛନ୍ତି। ସେମାନେ ଏଠାରେ ପହଞ୍ଚି ଉକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ମାମଲାର ଯାଞ୍ଚ କରିବେ।

# ଉପରିସ୍ଥ ଅଧିକାରୀଙ୍କ ରିପୋର୍ଟ ପରେ ହିଁ କର୍ମଚାରୀଙ୍କ ବିରୋଧରେ ମାଜିଷ୍ଟ୍ରେଟ ତଦନ୍ତ ଆଦେଶ ଦେଇପାରିବେ

**କଟକ,୧୭। ୨(ସମିସ):** ଉପରିସ୍ଥ ଅଧିକାରୀଙ୍କ ରିପୋର୍ଟ ପାଇବା ପରେ ତଥା ଅଭିଯୁକ୍ତ ସରକାରୀ କର୍ମଚାରୀଙ୍କ ପକ୍ଷ ଶୁଣିବା ପରେ ହିଁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଏତଲା ରୁଜୁ ସହ ତଦନ୍ତ ଆଦେଶ ଜଣେ ମାଜିଷ୍ଟ୍ରେଟ ପ୍ରଦାନ କରିପାରିବେ। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ)ର ଧାରା ୧୭୫(୪)ରେ ରହିଥିବା ଆବଶ୍ୟକତାକୁ କାର୍ଯ୍ୟକାରୀ କରିବା ପରେ ହିଁ ଏଭଳି ତଦନ୍ତ ଆଦେଶ ପ୍ରଦାନ କରାଯାଇପାରିବ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପ୍ରଜ୍ଞାପ୍ରକାଶ ନାୟକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଏତଲା ରୁଜୁ କରିବା ପାଇଁ ପୁଲିସ ଅଧିକାରୀ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ଇନଫୋସିଟି ଥାନା ଆଇଆଇସିଙ୍କୁ ଏତଲା ରୁଜୁ କରିବା ସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମାଜିଷ୍ଟ୍ରେଟ ତଥା ଭୁବନେଶ୍ୱର ଜେଏମଏଫସି-୨। ଏହି ଆଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଯଦିଓ ଜେଏମଏଫସିଙ୍କ ଦ୍ୱାରା ତଦନ୍ତ ଆଦେଶକୁ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିନଥିଲେ, କିନ୍ତୁ ଏଭଳି ପ୍ରକ୍ରିୟାତ୍ମକ ତ୍ରୁଟି ହାଇକୋର୍ଟଙ୍କ ନଜରକୁ ଆସିଥିଲା। ପ୍ରକାଶଥାଉକି ଆବେଦନକାରୀ ଓ ତାଙ୍କ ପତ୍ନୀ ୬ କୋଟି ଠକେଇର ଶିକାର ହୋଇଥିବା ନେଇ ନିର୍ଦ୍ଦିଷ୍ଟ ଅଭିଯୁକ୍ତଙ୍କ ବିରୋଧରେ ପୁଲିସରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଏତଲା ରୁଜୁ ନକରି ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ ତୁଟାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଏନେଇ ଭୁବନେଶ୍ୱର ଜେଏମଏଫସିଙ୍କ ନିକଟରେ ଆବେଦନ କରିବା ପରେ ଅଦାଲତ ଏହି ଘଟଣାରେ ଏତଲା ରୁଜୁ କରି ତଦନ୍ତ କରିବାକୁ ଆଦେଶ ଦେଇଥିଲେ। ଏହା ସତ୍ତ୍ୱେ ଏତଲା ରୁଜୁ ନହେବା ଓ କିଛି ତଦନ୍ତ ନହେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜେଏମଏଫସିଙ୍କ ଆଦେଶକୁ ଅଦାଲତ ଖାରଜ କରିବା ସହ ଏହି ମାମଲାରେ ବିଏନଏନଏସ ଆଇନ ଅନୁସାରେ ସାନି ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଅବଶିଷ୍ଟାଂଶ...

## ରଣ ଭରସା...

କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ବଜେଟରେ ପର୍ଯ୍ୟଟନର ବିକାଶ ପାଇଁ ଭିତ୍ତିଭୂମି ବିକାଶ, ଗୋଷ୍ଠୀ ସଶକ୍ତୀକରଣ ଏବଂ ସ୍ଥାୟୀ ପର୍ଯ୍ୟଟନ ପାଇଁ ୮୨୦ କୋଟି ଟଙ୍କା ଆବଣ୍ଟନ ପ୍ରସ୍ତାବ ଦିଆଯାଇଛି। ଗରିବ ଭକ୍ତଙ୍କ ଶ୍ରୀଜଗନ୍ନାଥ ଧାମ ଦର୍ଶନ ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗ୍ରାମାଞ୍ଚଳରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୩୪୭୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୧୭୦୦ କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗରିବଙ୍କୁ ପକ୍କାଘର ଦେବା ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏଥିପାଇଁ ୭୫୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅନ୍ୟ ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ବିଧାୟକଙ୍କ ହାତପାଣ୍ଠି ୩ କୋଟି ଟଙ୍କାରୁ ୫କୋଟିକୁ ବୃଦ୍ଧି, ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ, ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ଗଠନ ସହ ଉଭୟ ପରିଷଦ ପାଇଁ ୨ ଶହ କୋଟି ଟଙ୍କା ଲେଖାଏଁ ବ୍ୟୟ ବରାଦ କରାଯାଇଛି।

## ଚିପିଦେଲେ 'ମେଟ୍ରୋ'...

ବିଜେପି ସରକାରର ନିଜର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ପ୍ରକଳ୍ପ ଅର୍ଥରାଶିରେ କୌଣସି ପରିବର୍ତ୍ତନ କରି ନ ଥିଲେ। ବଡ଼ କଥା ହେଉଛି ଯେ ଏହି ପ୍ରକଳ୍ପକୁ ୪ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ତତ୍କାଳୀନ ସରକାର ଯୋଜନା ରଖିଥିଲେ। ଏଥିପାଇଁ କାମ କିପରି ତ୍ୱରିତ ବେଗରେ ଆଗେଇ ପାରିବ ସେନେଇ ୪ ମାସ ପାଇଁ ଅଣାଯାଇଥିବା କାମଚଳା ବଜେଟ୍‌ରେ ବି ସରକାର ୧ ହଜାର କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଯାହାକୁ ଆଧାର କରି ଅତି କମ୍ ସମୟ ମଧ୍ୟରେ ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇପାରିଛି। ପ୍ରକଳ୍ପ ପାଇଁ ମୋଟ୍ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଆକଳନ କରାଯାଇ ଥିବାରୁ ବାର୍ଷିକ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରି ମୋଟ୍ ୪ ବର୍ଷରେ ଏହି ଯୋଜନାକୁ ସାରିବାକୁ ବିଜେଡି ସରକାର ଯୋଜନା କରିଥିଲେ। ଏହାବ୍ୟତୀତ ସରକାର ବଦଳିବା ପରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମେତ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପ ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ ରଖିବା ସହ ପୂର୍ବ ନିଷ୍ପତ୍ତି ଅନୁଯାୟୀ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ଶେଷ କରାଯିବ ବୋଲି କହିଥିଲେ। ହେଲେ ଧୀରେ ଧୀରେ ଏହି ପ୍ରକଳ୍ପ କାମ ଧୀମେଇ ଯିବା ସହ ଏଥିରେ ମନ୍ଥର ପରିଲକ୍ଷିତ ହୋଇଥିଲା। ତେବେ ନୂଆ ବିଜେପି ସରକାର ଉକ୍ତ ପ୍ରକଳ୍ପ ପାଇଁ ବ୍ୟୟବରାଦ ପରିମାଣ ହ୍ରାସ କରିଥିବାରୁ ଏହାର ଭବିଷ୍ୟତ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସୂଚନାଥାଉ କି ୨୦୨୪ ଜାନୁଆରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଆଗାମୀ ଡିସେମ୍ବର ୨୦୨୭ ସୁଦ୍ଧା ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେବ ବୋଲି ସେ ଘୋଷଣା କରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଟର୍ଣ୍ଣ-କି ପରାମର୍ଶଦାତା ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସହ ଚୁକ୍ତି ସ୍ୱାକ୍ଷର କରିଛି। ୨୬ କିମି ଦୂରତା ବିଶିଷ୍ଟ ଏହି ପ୍ରକଳ୍ପରେ ୨୦ ଟି ଷ୍ଟେସନ୍ ବ୍ୟବସ୍ଥା କରାଯାଇଛି। ରାଜ୍ୟର ଏହି ସର୍ବବୃହତ ପ୍ରକଳ୍ପ ପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରହିଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକଳ୍ପର ସମସ୍ତ ଖର୍ଚ୍ଚ ବହନ କରାଯିବାକୁ ଥିବା ବେଳେ ଓଡ଼ିଶା ଇତିହାସରେ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ଼ ନିବେଶ ଭାବେ ପରିଗଣିତ ହୋଇଥିଲା। ଆଗାମୀ ଦିନରେ ମେଟ୍ରୋ ରେଳକୁ ଖୋର୍ଦ୍ଧା, ପୁରୀ ଓ କଟକ ସହରକୁ ସମ୍ପ୍ରସାରଣ କରିବା ପାଇଁ ଯୋଜନା ରହିଥିବା ବେଳେ ଏବେ ମୂଳ ପ୍ରକଳ୍ପର ଭାଗ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଜ୍ଞାନେଶ କୁମାର...

ପଶ୍ଚିମ ବଙ୍ଗ ଓ ଆସାମ ନିର୍ବାଚନ ହେବ। ଧାରା ୩୭୦ ଉଚ୍ଛେଦ ପରେ ସେ ସ୍ୱରାଷ୍ଟ୍ର ବିଭାଗରେ କଶ୍ମୀର ବ୍ୟାପାର ଦାୟିତ୍ୱରେ ଥିଲେ। ସ୍ୱରାଷ୍ଟ୍ର ବିଭାଗରେ ଥିବା ବେଳେ ସେ ରାମ ମନ୍ଦିର ମାମଲାର ମଧ୍ୟ ତଦାରଖ କରୁଥିଲେ। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କର ସୁପାରିସ କ୍ରମେ ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ କମିସନର ଏବଂ ନିର୍ବାଚନ କମିସନରଙ୍କୁ ନିଯୁକ୍ତ କରୁଥିଲେ। କିନ୍ତୁ ସୁପ୍ରିମ କୋର୍ଟ ଏହି ପରମ୍ପରାକୁ ହଟାଇ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ଲାଗି ତିନି ଜଣିଆ କମିଟି କରିବା ଲାଗି ମତ ଦେଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଏବଂ ବିରୋଧୀ ଦଳର ନେତାଙ୍କ ସହିତ ସୁପ୍ରିମ କୋର୍ଟର ପ୍ରଧାନମନ୍ତ୍ରୀ ବିଚାରପତିଙ୍କୁ ରଖିବା ଲାଗି କୁହାଯାଇଥିଲା। କିନ୍ତୁ ସରକାର ନୂଆ ଆଇନ ଆଣି କମିଟିରେ ପ୍ରଧାନ ବିଚାରପତିଙ୍କ ସ୍ଥାନରେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ସଭ୍ୟ କରିଥିଲେ। ଏହାକୁ ବିରୋଧ କରି ସୁପ୍ରିମ କୋର୍ଟରେ ପିଟିସନ ଦାଖଲ ହୋଇଛି ଏବଂ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି କରିବାକୁ ଯାଉଛନ୍ତି। ଏଭଳି ପରିସ୍ଥିତିରେ ଏବେ ନୂଆ ମୁଖ୍ୟ ନିର୍ବାଚନ କମିସନରଙ୍କୁ ନିଯୁକ୍ତି ନଦେଇ କୋର୍ଟ ଆଦେଶକୁ ଅପେକ୍ଷା କରିବା ଲାଗି ଆଜିର ବୈଠକରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମତ ରଖିଥିଲେ।

## ଆଜିଠୁ +୨...

ସୁପରିଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ପ୍ରଥମ ସ୍ତରର ସ୍କ୍ୱାଡ୍ ଯାଞ୍ଚ କରିବେ। ସେହିପରି ହବ୍‌ରୁ ଆସୁଥିବା ପର୍ଯ୍ୟବେକ୍ଷକ, ଜିଲ୍ଲା ପ୍ରଶାସନ ଓ ଜୋନାଲ୍‌ସ୍ତରୀୟ ସ୍କ୍ୱାଡ୍ କପି ଯାଞ୍ଚ କରିବେ। ଚଳିତଥର ପ୍ରଥମଥର ପାଇଁ କରାଯାଇଥିବା ସେଣ୍ଟ୍ରାଲ୍ ସ୍କ୍ୱାଡ୍ ଜିଲ୍ଲା ମୁଖ୍ୟାଳୟରେ ରହି ଅଚାନକ କଲେଜ ଗସ୍ତ କରିବ। ୩୫ଟି ଦଳରେ ୧୨୦ଜଣ ସଦସ୍ୟ କଡ଼ା ନଜର ରଖିବେ। ସେହିପରି ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭିକୁ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ରହି ନିରୀକ୍ଷଣ କରବା ପାଇଁ ୫ଜଣ ବରିଷ୍ଠ ଅଧିକାରୀ ନିୟୋଜିତ ହୋଇଛନ୍ତି। ପୂର୍ବରୁ ଅଭିଯୋଗ ଆସୁଥିବା ୫ଶହ କଲେଜ ପାଇଁ କଣ୍ଟ୍ରୋଲ୍ ରୁମ୍‌ରୁ ପରୀକ୍ଷାକୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ମୋଟ୍ ୧୨୭୬ଟି ପରୀକ୍ଷା କେନ୍ଦ୍ରରେ ସର୍ବାଧିକ ୩ଲକ୍ଷ ୯୩ହଜାର ୬୧୮ ପିଲା ପରୀକ୍ଷା ଦେବେ। କଳାରେ ସର୍ବାଧିକ ୨ଲକ୍ଷ ୪୭ହଜାର ୩୯୧ଜଣ ଫର୍ମପୂରଣ କରିଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୧୪ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ଜଣ ପିଲା ରହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରିଶ୍ରମର ଉଚିତ ଫଳ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦେଇ ଗତି କରିପାରନ୍ତି। ବାଦବିବାଦରୁ ଦୂରେଇ ରହିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହେବ।।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବ୍ୟବସାୟରେ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। ବିରୋଧୀଙ୍କଠାରୁ ସତର୍କ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବେ। ପିଲାମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ବିଛା:** ଦିନଟିରେ କର୍ମଚଞ୍ଚଳ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ପୂଜାପାଠ ପ୍ରତି ରୁଚି ବଢ଼ିବ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ। ଦୂର ସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ପରିବାରରେ ହସଖୁସି ଲାଗି ରହିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ ହେବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ରାଜନୀତିରେ ସକ୍ରିୟ ହୋଇପାରନ୍ତି।


## AFFIDAVIT

**I, Saroj Jena,** S/o.: Gopal Chandra Jena, resident of At: Hanpur, Khandasahi, Nischintakoili, Dist.: Cuttack, PIN-754207, Present Residing at Plot No.: D/1084, CDA, Sector-6, Markat Nagar, Cuttack, PIN-753014, Odisha, declare by this affidavit No.: 72AA316405, dated-15/02/2025, that now onwards I shall be known as **SAROJ KUMAR JENA** for all future purposes.

## AFFIDAVIT

**I, Kamrun Begum,** W/o.: SK Safiullah, of Vill: Jamdhar, PO.: Rekabi Bazar, P.S.:Jajpur Sadar, Dist.: Jajpur, Odisha, declare by this affidavit No.: 1230, dated-12/02/25, that now onwards I shall be known as **KAMRUN NISHA** for all future purposes.

## AFFIDAVIT

I, KRUSHNA CHANDRA PADHI, S/o-Late Babana Padhi, resident of village - Paligaon, Po - S. Mahada, Ps - Birmaharajpur, Dist- Subarnapur, Odisha declare by this affidavit No.124 dt. 29/01/ 2025 that now onwards I shall be known as KRISHNA CHANDRA PADHI for all future purposes.

## AFFIDAVIT

By virtue of an affidavit no. 2496, dtd. 10.02.2025 before the Notary Public, Nabarangpur have changed my minor son's name from Mheghnath Mali to Mahan Mali. Henceforth he will be known as Mahan Mali instead of Mheghnath Mali for all purposes.

**Sd/- Smt. Radhamani Mali**

## AFFIDAVIT

By virtue of an affidavit before the Executive Magistrate, Badasahi C.F. No. 56/25 Dt. 13.02.2025. I Ramita Acharya, W/o- Akshaya Kumar Acharya, At- Jamunadeipur, Po- Patisari, Ps.- Badasahi, Dist.- Mayurbhanj, Pin-757083 declare that my actual name is Ramita Acharya but in my Aadhar Card it is mentioned as Ramita Acharya. Henceforth I will be known as Ramita Acharya for all purposes.

## AFFIDAVIT

By virtue of an affidavit no. 274, dtd. 06.02.2025 in the court of the Executive Magistrate, Angul. I, Mahammad Liyakat Khan have changed my name from Mohammed Liyquit to Mahammad Liyakat Khan. Henceforth I shall be known as Mahammad Liyakat Khan for all purposes.

**Sd/-Mahammad Liyakat Khan**

## AFFIDAVIT

**By virtue of an Affidavit sworn before the Executive Magistrate, Kanas, Dist: Puri, I, Haramohan Mahapatra, S/o Musa Mahapatra, resident of Vill/PO/PS - Kanas, Dist - Puri, Odisha declare by this affidavit No-102, Dated 10/01/2025, that Biranchi Mahapatra S/o Musa Mahapatra & Haramohan Mahapatra, S/o Musa Mahapatra, is the same & one person, now onwards I shall be known as HARAMOHAN MAHAPATRA, S/o Musa Mahapatra for all future purposes.**

## AFFIDAVIT

I,Ranjubala Mohanty,32 years, W/o-Subash Jena, D/o-Sriram Chandra Mohanty of Village-Palasahi, (Kulasahi), Po-Betaligaon, PS- Dhusuri, Dist-Bhadrak, Pin-756119 declare by this Affidavit No.: 3919 Dated 23-09-2024 my Aadhar card No.577449055099, that my name Ranjubala Mohanty, and Sanjana Jena is one and same person being the Wife of Subash Jena, D/o- Sriram Chandra Mohanty for all purposes.

## AFFIDAVIT

By virtue of an affidavit before the Executive Magistrate, Sukinda, Jajpur dtd. 01.01.2025. I, **Mita Rana,** W/o Sri Prakash Ranjan Rana resident of Vill- Jamupasi, PO- Ampolaba, PS- Sukinda, Dist- Jajpur, State: Odisha, Pin-755018 do here declare that **Mita Rana** and **Laxmipriya Rana,** D/O- Baidhar Senapati is same and one person for all future purposes.

**Sd/- Mita Rana**

## AFFIDAVIT

By Virtue of an affidavit sworn before The Notary Public, Bhubaneswar Vide CF No 163, date- 12/02/2025 I , Bhobana Barik, resident of At- Paikanagar, Jaleswar Basti, Baramunda, Khandagiri, Bhubaneswar, declare that I have changed my son' s name from Priyansu Barik to Supriyanshu Barik as per Birth Certificate. Henceforth, he shall be knowN as SUPRIYANSHU BARIK For all future purposes.

## LOST

I Prasanta Kumar Nayak S/O of Basudev Nayak, resident of Kanehipur, Jajpur Road, Jajpur. I have lost original 3 RoR Records of Rights. while travelling from Rajmahal Chowk to AG Square. I tried to locate them but I failed to find. So I registered the FIR at Capital Police Station, BBSR. Lost 3 property documents details -1. Mz - Jadupur tah-bhubaneswar, dist khorda, Kh No-306/546, 2. Mz - Jadupur tah-bhubaneswar, dist khorda, Kh No - 306/545, 3. Mz - Jadupur tah-bhubaneswar, dist khorda,Kh No. 306/573 .

## AFFIDAVIT

I, Kallimuddin Khan, S/o. Naimuddin Khan of Village : Aenda, PO : Sukarapada, PS : Nischintakoili, Dist - Cuttack, Odisha declare by this Affidavit No. 73AA 363446, dtd. 31.01.2025 that now onwards I shall be known as **KALIMUDDIN KHAN** for all future purposes.

## AFFIDAVIT

By virtue of an affidavit no. 39, dtd. 09.01.2025 in the court of Executive Magistrate, Kantabanji, Dist.- Balangir, I, A. Sabita have changed my name from Sabita Mahanandia / Swetha Mahanandia to A. Sabita. Henceforth I shall be known as A. Sabita instead of Sabita Mahanandia / Swetha Mahanandia for all purposes.

**Sd/- A. Sabita**

## LOST

I Prasanta Kumar Nayak S/O of Basudev Nayak, resident of Kanehipur, Jajpur Road, Jajpur. I have lost original 2 Regd. sale Deed 1 Lease deed. while travelling from Rajmahal Chowk to AG Square. I tried to locate them but I failed to find. So I registered the FIR at Capital Police Station, BBSR. Lost 3 property documents details -1. RSD no. 11131004617 dt. 29.04.2010 Executed by SK Azimulla 2. Lease Deed No. 173 dated 18.05.1989 executed by BDA 3. RSD No. 3418 dt 07.07.2004 executed by Pravata Kumar Acharya.

## AFFIDAVIT

I, Siddharth Sankar Bhatta, S/o- Sudarsan Bhatta, resident S-1, Jyotsna Garden Apartment, Sastrinagar, Bhubaneswar, Pin-751001, Odisha declare by this affidavit No. 406, dtd. 16/02/2025 that now onwards I shall be known as **SIDDHARTH SHANKAR BHATTA** for all future purposes.

## AFFIDAVIT

By virtue of an affidavit before the Executive Magistrate, Badasahi C.F. No. 55/25 Dt. 13.02.2025. I Akshaya Kumar Acharya, At- Jamunadeipur, Po- Patisari, Ps.- Badasahi, Dist.- Mayurbhanj, Pin-757083 declare that my actual name is Akshaya Kumar Acharya but in my Aadhar Card it is mentioned as Akshaya Acharya. Henceforth I will be known as Akshaya Kumar Acharya for all purposes.

## PUBLIC NOTICE

Susanta Kumar Sahu intends to create a change via mortgage or otherwise, on behalf of laminated original title deeds for the property Plot No-411/2342, Khata No-703/3132, Area- A 0.179 Dec, Status: Sthitiban, Mouza-Patrapada recorded in the name of Prasanta Kumar Sahu, Susanta Kumar Sahu and Basanta Kumar Sahu.Susanta Kumar Sahu wishes to create for availing a credit facility from State Bank Of India, SME Center, Bhubaneswar, Branch code-05042. In case any party has any claim towards the said relevant property, the same should be lodged with the intending party and also with the above stated branch of State Bank of India, within 15 days from publication of this notice.

*GOVERNEMENT OF ODISHA e-PROCUREMENT NOTICE* B-1008

WORKS DEPARTMENT

**Bid Identification No. S.E. CBT (R&B) 31/ 2024-25**

**charbatiadivision1@gmail.com**

| | | | |
|---|---|---|---|
| i. | Name of the work | : | Civil works-04 Nos El work-01 no |
| ii. | Estimated cost | : | Rs 5,15,606/-to Rs-82,81,985/- |
| iii. | Period of completion | : | 01 months (30 days) to 06 months ( 180 days) |
| iv. | Date & time of availability of Bid documents in the portal: from 10.00 AM of **18.02.2025 to 04.03.2025 up to 5.00 PM for 'online" bidding** | | |
| v. | Last date/ time for receipt of Bids in the portal: **04.03.2025 up to 5.00 PM** | | |
| vi. | Name and address of the officer inviting Bid : **Superintending Engineer Charbatia (R&B) Division, Choudwar** | | |

Further details can be seen from the e-procurement portal **http://www.tendersorissa.gov.in**.

Any addendum/ corrigendum/ cancellation of tender can also be seen in the said website.

Superintending Engineer
Charbatia (R&B) Division
Choudwar

**OIPR-34092/11/0015/2425**

O-1494

**OFFICE OF THE EXECUTIVE ENGINEER RURALWORKS DIVISION, BALLIGUDA**

**Government of Odisha e-Procurement Notice**
**Bid Identification No. Online Tender-08/EERWD BLG/2024-25**
rw_balliguda@yahoo.com

Letter No: 462 **//RWDBLG** Date: **12.02.2025**

| | | | |
|---|---|---|---|
| 1 | Name of the work | :: | **Building Works (04 Nos)** |
| 2 | Estimated cost | :: | Varies from Rs. 2.54 Lakhs to Rs. 15.77 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 18.02.2025 at 10.00 AM to 25.02.2025 up to 5.00 PM |
| 5 | Last Date/ Time for receipt of Bids in the Portal | :: | 25.02.2025 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in** . Any addendum / corrigendum / cancellation of tender can also be seen in the said website only.

Executive Engineer
Rural Works Division
Balliguda

**OIPR-25164/11/0010/2425**

## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/24-25/ E-Tender/107, ତା.12.02.2025ରିଖ

**(1) ଟେଣ୍ଡର ସଂ. e-Tender-CENTKUR-318-2024, ତା.06.02.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଢେଙ୍କାନାଳ ଠାରେ RPF ପୋଷ୍ଟ ଭବନର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 71.67 ଲକ୍ଷ, **EMD :** ₹ 1,43,400/-, ଶେଷ ହେବା ଅବଧି : 11 (ଏଗାର) ମାସ।

**(2) ଟେଣ୍ଡର ସଂ. etenderEastkur 317-2024, ତା.04.02.2025ରିଖ**

**ବିବରଣୀ :** କଟକରେ 50 ଶଯ୍ୟା ବିଶିଷ୍ଟ RPF ବ୍ୟାରେକର ବଳକା ଅଂଶର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 223.89 ଲକ୍ଷ, **EMD :** ₹ 2,62,000/-, ଶେଷ ହେବା ଅବଧି : 09 (ନଅ) ମାସ।

**(3) ଟେଣ୍ଡର ସଂ. e-TenderSouthKUR-316-2024, ତା.04.02.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ଠାରେ 30 ଶଯ୍ୟା ବିଶିଷ୍ଟ RPF ବ୍ୟାରେକର ବଳକା ଅଂଶର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 101.26 ଲକ୍ଷ, **EMD :** ₹ 2,00,600/-, ଶେଷ ହେବା ଅବଧି : 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.02.2025ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଠିକାକୋଣିଆପକ୍ଷ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦଲିଲ ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଛେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିଶିଷ୍ଟ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-988/P/24-25

## AFFIDAVIT

I, Sudhir Mishra, S/o- Dyasankar Mishra, resident of 51L, Near Santoshi Maa Temple, Geetagram, PTC, Angul, Dist- Angul, Pin-759122, Odisha declare by this affidavit No. 399, dtd. 15/02/2025 that now onwards I shall be known as **SUDHIR KUMAR MISHRA** for all future purposes.

## AFFIDAVIT

By virtue of an affidavit sworn before Notary Public, Bhubaneswar dated 15.02.2025, I, Kuni Jena, Address: permanent resident of At: Gunasagar, Patapur, Jagadi Balabhadrapur, Dist,: Ganjam-761013, Odisha currently residing at: Plot No-222/2658, Brundaban Garden, Khandagiri, PS: Khandagiri, Bhubaneswar-751030, Dist : Khordha, Odisha declare that I have changed my daughter's name from Shradharani Jena to Beby Jena. Henceforth she shall be known as **Beby Jena** for all purposes.

**Sd/- Kuni Jena**

## AFFIDAVIT

I, Sanjaya Kumar Singh, S/o- Late Mahendra Prasad Singh, resident of Ward No. 28, Qr No. A/553, Koelnagar, P.S-Jhirpani, P.O-Shaktinagar, Rourkela, Dist-Sundergarh, Pin-769014, Odisha declare by this affidavit No. 029, dtd.15/02/2025 that now onwards I shall be known as **SANJAY KUMAR SINGH** for all future purposes.

## AFFIDAVIT

ମୁଁ ଶ୍ରୀମତୀ ବସନ୍ତ ଲତା ନାୟକ, ବୟସ (୬୧) ସ୍ୱାମୀ- ହରିଶ୍ଚନ୍ଦ୍ର ନାୟକ, ଗ୍ରାମ-କିନତରା, ପୋ-ଗୋଲାଡିଆ, ଥାନା - ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋର ନାମ ଆଧାର କାର୍ଡ ରେ ବସନ୍ତ ଲତା ନାୟକ ଉଲ୍ଲେଖ ଥାଇ ଆରପିଏଲ ପଲିସ ର ବଣ୍ଡ ନଂ ଆର-ଓଆର-ଇଏ-୬୫୫୪୦୮ ରେ ମୋର ନାମ ବସନ୍ତ ଲତା ନାୟକ ପରିବର୍ତ୍ତେ ସନ୍ଧ୍ୟାରାଣୀ ନାୟକ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଭିଟ ନଂ ୭୫୯୩ ତା ୧୬/୧୨/୨୦୨୪ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ବସନ୍ତ ଲତା ନାୟକ ନାମରେ ପରିଚିତ କରି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ।

ସ୍ୱା/- ବସନ୍ତ ଲତା ନାୟକ

ସକାଳ
THE SAKALA

# ସମ୍ପାଦକୀୟ



ଲୋକଙ୍କ ଆଚରଣ ତ୍ରୁଟିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ତ୍ରୁଟିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

## ପୁଣି ଦଳାଚକଟା

ପ୍ରୟାଗରାଜରେ ମହାକୁମ୍ଭ ପବିତ୍ର ସ୍ନାନ ସକାଶେ ଶ୍ରଦ୍ଧାଳୁଙ୍କ ସ୍ୱତନ୍ତ୍ର ଆଗ୍ରହ କିଛି ନୂଆ କଥା ନୁହେଁ। କିନ୍ତୁ ଆୟୋଜକଙ୍କ ପକ୍ଷରୁ ଯେଭଳି ପ୍ରଚାର ଓ ପ୍ରସାର କ୍ରମାଗତ ଭାବେ ଚାଲିଛି, ତାହାକୁ ଦୃଷ୍ଟିରେ ରଖି ଭିଡ଼ ସମ୍ଭାଳିବା ପାଇଁ ବ୍ୟବସ୍ଥିତ ଢଙ୍ଗରେ ଶୃଙ୍ଖଳାରକ୍ଷା ଦିଗରେ ଯେ ଉଚିତ ଧ୍ୟାନ ଦିଆଯାଇନାହିଁ, ତାହା ଘଟଣାକ୍ରମରୁ ସ୍ପଷ୍ଟ ହୋଇଛି। ମୌନୀ ଅମାବାସ୍ୟାରେ ଘଟିଥିବା ଦଳାଚକଟାର ଭୟାବହତା କେବଳ ଏକମାତ୍ର ଘଟଣା ନୁହେଁ। ପ୍ରୟାଗରାଜରେ ପରିଲକ୍ଷିତ ଅବ୍ୟବସ୍ଥା ଏକାଧିକ ଘଟଣାରୁ ସ୍ପଷ୍ଟ ହୋଇଛି। ଭିଡ଼ ପରିଚାଳନାରେ ବ୍ୟବସ୍ଥାଗତ ଦୁର୍ବଳତାକୁ କର୍ତ୍ତୃପକ୍ଷ ସୁଧାରିବା ପରିବର୍ତ୍ତେ ସେଥିପ୍ରତି ଆଖିବୁଜି ଦେଇଥିବା ଭଳି ମନେହୁଏ। ପ୍ରଚାର ମାଧ୍ୟମରେ ମହାକୁମ୍ଭ ପ୍ରତି ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି କରାଯାଉଥିବା ବେଳେ ଯାତ୍ରୀ ପରିବହନ କ୍ଷେତ୍ରରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ତାହା କେବଳ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳରେ ସୀମିତ ରହିଥିବା ଭଳି ମନେହୁଏ। ଦେଶର ସବୁଠାରୁ ଜନଗହଳିପୂର୍ଣ୍ଣ ଦିଲ୍ଲୀ ଷ୍ଟେସନରେ ସ୍ୱାଭାବିକ ଭାବେ ଯାତ୍ରୀ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାର ଗୁରୁତ୍ୱ ରହିଛି। ଅଥଚ ସେଠାରେ ଶନିବାର ରାତିରେ ଯେଉଁ ଦଳାଚକଟା ଘଟିଲା, ତାହାକୁ ବ୍ୟବସ୍ଥାଗତ ବିଫଳତା କୁହାଯାଇପାରେ। ହାତପାହାନ୍ତା ଦୂରରେ ଅବସ୍ଥିତ ମନ୍ତ୍ରାଳୟ ଓ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏଭଳି ଏକ ଘଟଣାକୁ କିଭଳି ଅଣଦେଖା କଲେ, ତାହା ସତରେ ଅଚିନ୍ତନୀୟ।

ସପ୍ତାହନ୍ତ ଶନିବାର ଦିଲ୍ଲୀ ଷ୍ଟେସନରୁ ପ୍ରୟାଗରାଜ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଘୋଷଣା କଲା ବେଳେ କର୍ତ୍ତୃପକ୍ଷ ସମ୍ଭାବ୍ୟ ଭିଡ଼ ନେଇ ପ୍ରସ୍ତୁତି ଆରମ୍ଭ କରିଦେବାର ଥିଲା। ସନ୍ଧ୍ୟାରୁ ଅସମ୍ଭାଳ ଯାତ୍ରୀ ଭିଡ଼। କ୍ରମାଗତ ଭାବେ ଭିଡ଼ ବଢ଼ିଚାଲିଥିବା ବେଳେ ଷ୍ଟେସନ କର୍ତ୍ତୃପକ୍ଷ ସତର୍କ ହେଲେନି କି ପରିସ୍ଥିତି ନିୟନ୍ତ୍ରଣ ସକାଶେ ସୁରକ୍ଷାବାହିନୀର ସହଯୋଗ ଲୋଡ଼ିଲେନି। ପ୍ରତି ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି କ୍ୟାମେରାରୁ ସ୍ଥିତି ଆକଳନ କରିବାରେ କିଛି ଅସୁବିଧା ନଥିଲା। ଏପରିକି ଭିଡ଼ ଆକଳନ ସକାଶେ ସ୍ୱତନ୍ତ୍ର ସଫ୍ଟୱେର ବ୍ୟବସ୍ଥା ମଧ୍ୟ ରହିଛି। ଏତେସବୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଦିଲ୍ଲୀ ଷ୍ଟେସନରେ ଉପଲବ୍ଧ ଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ଦୂର କରା ଯାଇ ନ ପାରିବା ନିଶ୍ଚୟ ଏକ ଅକ୍ଷମଣୀୟ ଅପରାଧ। ଉଲ୍ଲେଖଯୋଗ୍ୟ ଘଟଣା ହେଲା, ରାତି ୧୦ଟାରୁ ଆହତ ରେଳଯାତ୍ରୀଙ୍କୁ ନିକଟସ୍ଥ ଏଲ୍ଏନ୍ଜେପି ହସ୍ପିଟାଲରେ ଚିକିତ୍ସା ଆରମ୍ଭ ହୋଇଥିବା ବେଳେ ରାତି ୧୨ଟା ପର୍ଯ୍ୟନ୍ତ ସମସ୍ତଙ୍କୁ ଘଟଣା ସମ୍ପର୍କରେ ଅନ୍ଧକାରରେ ରଖାଯାଇଥିଲା। ଆମର ଏଠାରେ କହିବାର କଥା ଯେ ଦୁର୍ଘଟଣା ଆଗୁଆ ସୂଚନା ଦେଇ ଘଟେନି। କିନ୍ତୁ ଷ୍ଟେସନରେ ହୋଇଥିବା ଦଳାଚକଟା ତ ଦୁର୍ଘଟଣା ନୁହେଁ, ବରଂ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ଏଭଳି ଏକ ଦୁର୍ଭାଗ୍ୟଜନକ ଦଳାଚକଟା ଘଟିବାକୁ ଦିଆଗଲା। ଅନିୟନ୍ତ୍ରିତ ଯାତ୍ରୀଭିଡ଼ ମଧ୍ୟରେ ଶେଷପର୍ଯ୍ୟନ୍ତ ମହାକୁମ୍ଭଯାତ୍ରୀଙ୍କ ଟିକଟ କଟା ଚାଲିଥିଲା। ଏକଥା ସତ ଯେ ସ୍ୱତନ୍ତ୍ର ଟ୍ରେନ ପହଞ୍ଚିବାରେ ବିଳମ୍ବ ଘଟିଛି। ଏହି ଅସମ୍ଭାଳ ଅବସ୍ଥାରେ କର୍ତ୍ତୃପକ୍ଷ ଶେଷ ମୁହୂର୍ତ୍ତରେ ପ୍ଲାଟଫର୍ମ ବଦଳାଇଦେଲେ। ଟ୍ରେନ୍ ଧରିବା ସକାଶେ ବିକଳରେ ଥିବା ଯାତ୍ରୀ ଏସ୍କାଲେଟରରେ ତରବର ହୋଇ ୧୬ ନମ୍ବର ପ୍ଲାଟଫର୍ମ ଅଭିମୁଖେ ମାଡ଼ିଚାଲିଲେ। ତାହା ହିଁ ଥିଲା ଦଳାଚକଟାର ମୁଖ୍ୟ କାରଣ। ଏଥିରେ ୯ ମହିଳା ଓ ୫ ଶିଶୁଙ୍କ ସମେତ ୧୮ ଜଣଙ୍କ ପ୍ରାଣହାନି ଘଟିଛି। ଆମେ ପୁଣି ଥରେ କହୁଛୁ ଯେ ଏହାକୁ ରୋକାଯାଇ ପାରିଥା'ନ୍ତା। ପରିବର୍ତ୍ତିତ ବ୍ୟବସ୍ଥା ଏପରି ହୋଇଛି ଯେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ଅପାରଗତା ଧରା ପଡ଼ିଯିବା ଭୟରେ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହନ୍ତି, ଯାହା ଘଟୁଛି ଘଟିଯାଉ।

ସବୁଠାରୁ ବଡ଼ କଥା ହେଉଛି, ପ୍ରୟାଗରାଜ ଦଳାଚକଟା ହେଉ କି ଦିଲ୍ଲୀ ଷ୍ଟେସନ ଘଟଣା ହେଉ, ସବୁକଥାରେ ଦୋଷତ୍ରୁଟିକୁ ଲୁଚାଇବା ଓ ଅସଲରେ କେତେ ମଲେ ଗଲେ ତାହାକୁ ଲୋକଲୋଚନକୁ ନ ଆଣିବାରେ ଯେତେ ପ୍ରୟାସ ହେଉଛି, ସ୍ଥିତି ସୁଧାରିବାରେ ସେତିକି ହେଉନି। ମୃତାହତଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିଦେଲେ କାମ ସରିଲା। ଦଳାଚକଟାରେ ଯେଉଁ ଅମୂଲ୍ୟ ଜୀବନ ହାନି ଘଟିଲା ତାହାର ମୂଲ୍ୟ ନିର୍ଦ୍ଧାରଣ କରିବ କିଏ? ସେ କ୍ଷତି କୌଣସି ସରକାର ଭରଣା କରି ପାରିବେନି। ଅତୀତରେ ଉପୁଜିଥିବା ଅନୁରୂପ ଘଟଣାବଳୀ ସମ୍ପର୍କରେ ଉଲ୍ଲେଖକରି ଏବେ ଯାହା ଘଟିଲା, ତାହା କିଛି ନୂଆ ନୁହେଁ ବୋଲି ନିଜ ଦୋଷ ଘୋଡ଼ାଇଲେ କ'ଣ କାମ ସରିଗଲା? ମହାକୁମ୍ଭରୁ ରାଜନୈତିକ ଫାଇଦା ହାସଲ ସକାଶେ ୫୦ ରୁ ଊର୍ଦ୍ଧ୍ୱ କୋଟି ଲୋକ ପବିତ୍ର ସ୍ନାନ କରିବା ସମ୍ପର୍କରେ ତୁହାକୁତୁହା ପ୍ରଚାର କରି ଦେଶବାସୀଙ୍କ ମନରେ ଭାବାବେଗ ସୃଷ୍ଟି କରାଯିବାରେ କିଛି ଆପତ୍ତି ନାହିଁ। ତେବେ ସମସ୍ତଙ୍କ ପାଇଁ ସୁରକ୍ଷିତ ସୁଯୋଗ ସୃଷ୍ଟି କରିବା ଭଳି ବୃହତ୍ତର ଦାୟିତ୍ୱ ମୁଣ୍ଡାଇବାର ଯେଉଁ ଗୁରୁଦାୟିତ୍ୱ ଅଛି, ତାହାକୁ ନିଭାଇ ନପାରିଲେ ଯେ କେହି ଅଙ୍ଗୁଳି ନିର୍ଦ୍ଦେଶ କରିବ। ଅତୀତରେ କ'ଣ ଘଟିଥିଲା ତାହା ବଡ଼କଥା ନୁହେଁ, ଏବେ ତମେ ଯେ ଅସମର୍ଥ ଓ ନିପରବାୟ, ତାହା ପ୍ରମାଣିତ ହୋଇଗଲା। ଏଭଳି ଏକ ଅପ୍ରତ୍ୟାଶିତ ଘଟଣାର ଜନ୍ମଦାତା ନିଜର ଦାୟିତ୍ୱହୀନତାକୁ ସ୍ୱୀକାର ନ କଲେ ସଂଶୋଧନ ଓ ସୁଧାର ପ୍ରକ୍ରିୟା ନେଇ ଉଚିତ ଶିକ୍ଷାଲାଭ କରିପାରିବେନି। କିଛି ଘଟଣା ତା'ବାଟରେ ଘଟିଯାଏ। ଆମକୁ ଆଗାମୀ ଦିନରେ ତାହାର ଯେଭଳି ପୁନରାବୃତ୍ତି ନ ଘଟେ, ସେଥିପାଇଁ ସତର୍କ ହେବାକୁ ପଡ଼ିବ। ଏଠାରେ ମନେ ରଖିବାକୁ ହେବ ଯେ ଦେଶର ବିଭିନ୍ନ ସ୍ଥାନରୁ ଶତାଧିକ ସ୍ୱତନ୍ତ୍ର ଟ୍ରେନ ପ୍ରୟାଗରାଜ ଅଭିମୁଖେ ଏବେ ମଧ୍ୟ ଯାତ୍ରା କରୁଛି। ନୂଆଦିଲ୍ଲୀ ଘଟଣାରୁ ରେଳମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷ ନିଶ୍ଚୟ ଉଚିତ ଶିକ୍ଷାଲାଭ କରିଥିବେ।

ମହାକୁମ୍ଭ ମେଳା ଶେଷ ହୋଇନି। ଏହା ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବ। ଏହି ଶେଷଦିନରେ ପବିତ୍ର ମହାଶିବରାତ୍ରି ପଡୁଥିବାରୁ ପ୍ରୟାଗରାଜରେ ଭକ୍ତଜନତାଙ୍କ ଅସମ୍ଭବ ଭିଡ଼ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଆଶା କରିବା, ଯାହା ଘଟିଗଲାଣି ଏଥିମଧ୍ୟରେ ତାହାକୁ କିଏ ସ୍ୱୀକାର କରୁ ବା ନକରୁ, ଅନ୍ତତଃ ତାହାର ପୁନରାବୃତ୍ତି ନ ହେଉ। ଏହି ପବିତ୍ର ଦିବସର ଗରିମାକୁ ଅକ୍ଷୁର୍ଣ୍ଣ ରଖିବା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଜରୁରୀ। ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଯାତାୟତ ଓ ମହାସ୍ନାନ ପ୍ରତି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇପାରିଲେ ଚଳିତବର୍ଷର ମହାକୁମ୍ଭ ପାଇଁ ଯେଉଁ ସ୍ୱତନ୍ତ୍ର ଆୟୋଜନ ହୋଇଛି, ତାହା ଅନ୍ତତଃ ସାର୍ଥକ ହେବ। ଏଠାରେ ମନେରଖିବାକୁ ହେବ ଯେ ସମୟ ସ୍ଥିର କରିବ, ଆୟୋଜନ କେତେ ସଫଳ ଓ ବିଫଳ ହୋଇଛି। ●

# ମୁଁ 'ଆପ୍'ର ପରାଜୟ ପାଳନ କରିବି ନାହିଁ

**ଯୋଗେନ୍ଦ୍ର ଯାଦବ**

ଜଣେ ଟିଭି ଆଙ୍କର୍ ଏକ ଇସାରା ମାଧ୍ୟମରେ ମୋର ଦୃଷ୍ଟି ଆକର୍ଷଣ କରିବା ସହ ମୋତେ ଉସୁକାଇବା ଉଦ୍ଦେଶ୍ୟରେ ପଚାରିଲେ, 'ବିବାହ ମଣ୍ଡପରେ ପ୍ରତ୍ୟାଖ୍ୟାତ ହୋଇଥିବା ଭଳି ପୂର୍ବତନ 'ଆପ୍' ନେତାମାନଙ୍କ ସମ୍ବନ୍ଧରେ ଏବେ ତ ଖୋଲିକି କହିଦିଅନ୍ତୁ। ତିକ୍ତ-ମଧୁର ବିଜୟର ବାର୍ତ୍ତା, ଯାହାକି କୁମାର ବିଶ୍ୱାସ ଓ ସ୍ୱାତୀ ମାଲିୱାଲଙ୍କ ଆତ୍ମସନ୍ତୋଷର ଲେପ ଅପେକ୍ଷା ଅଧିକ କୋମଳ ଥିଲା, ତାହା ମଧ୍ୟ ପୂର୍ବତନ 'ଆପ୍' ସମର୍ଥକଙ୍କ ହ୍ୱାଟ୍ସଆପ୍ ମାଧ୍ୟମରେ ଘୂରିବୁଲିବା ଆରମ୍ଭ କରିଥିଲା। ମୁଁ ଏହି ମନୋଭାବରେ ଅଂଶଗ୍ରହଣ କରିବାକୁ ମନା କରିବାରୁ ଅନ୍ୟ ଜଣେ ଟିଭି ଆଙ୍କର ଭାବିଲେ ଯେ ମୁଁ ମୋର ପୂର୍ବତନ ସହକର୍ମୀଙ୍କ ସହିତ ପୁନର୍ବାର ଯୋଗଦାନ ପାଇଁ ଦ୍ୱାର ଖୋଲା ରଖିଛି ! ଏହାର କୌଣସି ସମ୍ଭାବନା ନାହିଁ ବୋଲି ମୁଁ ରୋଷଭରା କଣ୍ଠରେ କହିଲି।

ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଆପ୍'ର ପରାଜୟର ଏହି ଉତ୍ସବରେ ମୁଁ ଯୋଗ ଦେଇପାରିବି ନାହିଁ। ମୁଁ ଏପରି ନୁହେଁ ଯେ ଦଶବର୍ଷ ପୂର୍ବେ 'ଆପ୍'ର ଷ୍ଟାଲିନ୍‌ବାଦୀ ଶୁଦ୍ଧକରଣ ପ୍ରକ୍ରିୟାରେ ଆମ ମଧ୍ୟରୁ କେତେକଙ୍କୁ ଯେଉଁ ଅପବାଦ ଏବଂ ଅପମାନ ଦିଆଯାଇଥିଲା ତାହା ମୁଁ ଭୁଲିଯାଇଛି। ଦିଲ୍ଲୀରେ ବିଜେପିର ବିଜୟ ଏବଂ 'ଆପ୍'ର ପରାଜୟର ଆଢୁଆଳରେ ମୋର ବ୍ୟକ୍ତିଗତ ଅନୁଭବକୁ ଡାକିଁ ଦେବାକୁ ଅନୁମତି ଦେଇପାରିବି ନାହିଁ। ଏହା ମୋ ବିଷୟରେ କିମ୍ବା 'ଆମ୍ ଆଦ୍‌ମୀ ପାର୍ଟି (ଆପ୍)' ଏବଂ ଏହାର ନେତାମାନଙ୍କ ବିଷୟରେ ନୁହେଁ, ବରଂ ଏହା 'ଆମ ଆଦ୍‌ମୀ (ସାଧାରଣ ଜନତା)' ବିଷୟରେ ତାତ୍ପର୍ଯ୍ୟପୂର୍ଣ୍ଣ।

ଏହି ନିର୍ବାଚନ ଗତ ଦଶନ୍ଧିର 'ଆପ୍' ଶାସନ ଉପରେ ଏକ ଜନମତ ଥିଲା ଏବଂ ରାୟ ମଧ୍ୟ ଏକ ଜବରଦସ୍ତ 'ନା' ରହିଥିଲା। ବିଜେପି ଏହି ପ୍ରତ୍ୟାଖ୍ୟାନର ଲାଭାର୍ଥୀ ହୋଇଛି। ଏହା ସତ୍ୟ ଯେ ଲୋକପ୍ରିୟ ଭୋଟ୍ ଦୃଷ୍ଟିରୁ 'ଆପ୍'ର ପରାଜୟର ବ୍ୟବଧାନ ମାତ୍ର ୩.୫ ପ୍ରତିଶତ, ଯାହା ଆସନ ସଂଖ୍ୟା ଅପେକ୍ଷା ବହୁତ କମ୍। କେଉଁ ପରିସ୍ଥିତିରେ ଏହାକୁ ଓଲଟା କରାଯାଇ ପାରିଥା'ନ୍ତା ତାହା କଳ୍ପନା କରିବା ମଧ୍ୟ କଷ୍ଟକର ନୁହେଁ। ଯଦି ଗଣମାଧ୍ୟମ 'ଆପ୍'ର ନେତୃତ୍ୱକୁ ଦୁର୍ନୀତି ଅଭିଯୋଗରୁ ରକ୍ଷା କରିଥା'ନ୍ତା, ଯେପରି ଏହା ନିୟମିତ ଭାବରେ ବିଜେପି ନେତୃତ୍ୱ ପାଇଁ କରେ; ଯଦି ବଜେଟ ପୂର୍ବରୁ ଦିଲ୍ଲୀ ନିର୍ବାଚନ ଅନୁଷ୍ଠିତ କରାଇବାକୁ ନିର୍ବାଚନ କମିଶନ ନିଶ୍ଚିତ କରାଇଥା'ନ୍ତେ; କିମ୍ବା ବଜେଟକୁ ଦିଲ୍ଲୀ ଭୋଟରଙ୍କୁ ଟାର୍ଗେଟ କରିବାକୁ ନଦେବା ପାଇଁ ତାଙ୍କ ପ୍ରତିଶ୍ରୁତି ପୂରଣ କରିଥା'ନ୍ତେ; ଯଦି ଉପରାଜ୍ୟପାଳ ଦିଲ୍ଲୀ ସରକାରଙ୍କୁ ମହିଳାମାନଙ୍କୁ ନଗଦ ହସ୍ତାନ୍ତର କରିବାରୁ ରୋକି ନ ଥା'ନ୍ତେ, ଯେପରି ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଦେଖିବାକୁ ମିଳିଥିଲା। ମେଣ୍ଟ ନହେଲେ ମଧ୍ୟ ଯଦି 'ଆପ୍' ଓ କଂଗ୍ରେସ ଏକ ନିର୍ବାଚନୀ ବୁଝାମଣା କରିଥା'ନ୍ତେ, ଏଥିମଧ୍ୟରୁ ଯେକୌଣସି ଗୋଟିଏ (ଆପ) ଆଡ଼କୁ ୨ ପ୍ରତିଶତରୁ ଅଧିକ ଭୋଟ୍ ନେଇପାରିଥା'ନ୍ତେ ଏବଂ ଶିରୋନାମାଗୁଡ଼ିକୁ ଓଲଟାଇ ଦେଇପାରିଥା'ନ୍ତେ।

ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଉଭା ହୋଇଥିବା ଏକ ଦୃଢ଼ 'ପ୍ରଶାସନ ବିରୋଧୀ ଧାରା' ଯାହା ଭୋଟ୍ ଧ୍ରୁବୀକରଣର କାହାଣୀରେ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇନାହିଁ। ସିଏସ୍‌ଡିଏସ୍-ଲୋକନୀତି ସର୍ଭେ ଅନେକ କ୍ଷେତ୍ରରେ ଶାସକ ଦଳ ପ୍ରତି ଗଭୀର ନିରାଶା ପଞ୍ଜିକୃତ କରେ, ଯାହା ଲୋକଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ; ଯେପରିକି ବିକାଶ, ରାସ୍ତା, ପରିମଳ, ନର୍ଦ୍ଦମା ଓ ପାନୀୟ ଜଳ ଇତ୍ୟାଦି। ରାଜ୍ୟ ସରକାରଙ୍କ ପ୍ରତି ଜନତାଙ୍କ ଆସ୍ଥା କେନ୍ଦ୍ର ସରକାରଙ୍କ ତୁଳନାରେ ବହୁତ କମ୍ ଥିଲା ଏବଂ ଅରବିନ୍ଦ କେଜରିୱାଲଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ତାଙ୍କ ଦଳର ଭୋଟଅଂଶ ତୁଳନାରେ କମ୍ ରହିଥିଲା। ଦୁର୍ନୀତି ବିରୋଧୀ ରଣନୀତିରେ କ୍ଷମତାକୁ ଆସିଥିବା ଏକ ଦଳ ପାଇଁ ଆଶ୍ଚର୍ଯ୍ୟଜନକ ଭାବରେ ଦିଲ୍ଲୀର ପ୍ରାୟ ଦୁଇ-ତୃତୀୟାଂଶ ଭୋଟର ବିଶ୍ୱାସ କରୁଥିଲେ ଯେ 'ଆପ୍' ସରକାର 'ସମ୍ପୂର୍ଣ୍ଣ' କିମ୍ବା 'କିଛିମାତ୍ରାରେ' ଦୁର୍ନୀତିଗ୍ରସ୍ତ। 'ଆପ୍'କୁ ଭୋଟ ଦେଇଥିବା ଅନେକ ଦିଲ୍ଲୀବାସୀ ଏହାକୁ ପସନ୍ଦ କରିନଥିଲେ। ବିକଳ୍ପର ଅଭାବ, ବିଜେପିରେ ବଳିଷ୍ଠ ଭାବମୂର୍ତ୍ତିସମ୍ପନ୍ନ ମୁଖ୍ୟମନ୍ତ୍ରୀ ଚେହେରାର ଘୋଷଣା ନହେବା, କଂଗ୍ରେସ ନିଜର ଉପସ୍ଥିତି ଜାହିର୍ ନ କରିପାରିବା ଆଦି ପ୍ରମୁଖ କାରଣ ପାଇଁ 'ଆପ୍' ବିରୁଦ୍ଧରେ ଜନମତ ଅଧିକ ସ୍ପଷ୍ଟ ହୋଇପାରିନାହିଁ।

ଏହା ସତ ଯେ, 'ଆପ୍' ଏହାର ନିର୍ବାଚନୀ ପରାଜୟର ଯୋଗ୍ୟ ଥିଲା। ତଥାପି ଏଠାରେ ଖୁସି ହେବାର କିଛି ନାହିଁ। ପ୍ରକୃତରେ, ସାମ୍ବିଧାନିକ ଗଣତନ୍ତ୍ରର ସମର୍ଥକ ଯେକୌଣସି ବ୍ୟକ୍ତି ପାଇଁ ଏହା ଚିନ୍ତା ଏବଂ ପ୍ରତିଫଳନର ବିଷୟ ନିଶ୍ଚିତ। ମୁଁ ଚିନ୍ତା କରୁଛି, କାରଣ ମୁଁ 'ଆପ୍' ଏବଂ ଏହାର ନେତୃତ୍ୱର ପ୍ରଶଂସକ। ସତ କହିବାକୁ ଗଲେ, ରାଜନୀତିକୁ ପରିବର୍ତ୍ତନ କରିବାକୁ ଆସିଥିବା ଦଳ ପ୍ରଥମ ଦୁଇ ବର୍ଷ ମଧ୍ୟରେ ରାଜନୀତିର ଖେଳର ପ୍ରଦତ୍ତ ନିୟମଗୁଡ଼ିକୁ ଗ୍ରହଣ କରିଥିଲା। ଏହା କହିବା ଯଥାର୍ଥ ଯେ ସର୍ବୋଚ୍ଚ ନେତାଙ୍କ ବ୍ୟକ୍ତିତ୍ୱ ପୂଜା, ଜଣେ ବ୍ୟକ୍ତି ପାଖରେ ସମସ୍ତ କ୍ଷମତାର କେନ୍ଦ୍ରୀକରଣ, ତାଙ୍କ ଗୋଷ୍ଠୀ ଦ୍ୱାରା ଖେଳାଯାଉଥିବା ଗୁପ୍ତ-କୁଚକ୍ରୀ ଖେଳ, ସେମାନଙ୍କର ନିନ୍ଦନୀୟ ଦ୍ୱିଭାଷା ଏବଂ ଜଣେ ସାଧାରଣ କର୍ମୀଙ୍କ ପ୍ରତି ଅବମାନନା, 'ଆପ୍' ପତନର କାରଣ ପାଲଟିଲା। ଏକ ପ୍ରତିକୂଳ ଗଣମାଧ୍ୟମ ମୁଖ୍ୟମନ୍ତ୍ରୀଙ୍କ 'ଶିଶ ମହଲ'କୁ ଅଧିକ ପ୍ରଚାର କରିଥିଲା। କାରଣ ଦଳୀୟ ନେତୃତ୍ୱଙ୍କ ଗାନ୍ଧୀବାଦୀ ହେବାର ଦାବିର ଏହା ପରିପନ୍ଥୀ ଥିଲା।

ଅଦାଲତ ମଦ ଦୁର୍ନୀତିରେ 'ଆପ୍' ନେତାମାନଙ୍କୁ ଅଭିଯୁକ୍ତ କରି ନ ପାରନ୍ତି। କେବେ ଆଇନଗତ ପ୍ରମାଣ ମଧ୍ୟ ପାଇ ନ ପାରନ୍ତି। କିନ୍ତୁ ଏହି ଦୁର୍ନୀତି କୌଣସି କଳ୍ପନାର କାହାଣୀ ନଥିଲା, ବରଂ 'ଆପ୍' ଦ୍ୱାରା ପ୍ରଦର୍ଶିତ ଉଚ୍ଚ ନୈତିକ ଆଧାରକୁ ଭୂଲୁଣ୍ଠିତ କରିଥିଲା। ସବୁଠାରୁ ଖରାପ କଥା ହେଉଛି ଦିଲ୍ଲୀ ଦଙ୍ଗା ସମୟରେ 'ଆପ୍' ସରକାରଙ୍କ ନିରବତା, 'ବୁଲ୍‌ଡୋଜର ରାଜ୍'ରେ ଏହାର ସମ୍ପୃକ୍ତି ଏବଂ ଅସହାୟ ରୋହିଙ୍ଗ୍ୟା ସଂଖ୍ୟାଲଘୁଙ୍କ ପାଇଁ 'ଡଗ୍ ହୁଇସିଲ୍' (ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି; ଯାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ) ନୀତି ଆପଣେଇବା ଏକ ସଚେତନ ରାଜନୈତିକ ରଣନୀତି ଥିଲା ଏବଂ ଏସବୁ ବିଜେପିର ହିନ୍ଦୁ ବହୁସଂଖ୍ୟକତାବାଦକୁ ପଛରେ ପକାଇବା ପାଇଁ ମଧ୍ୟ ଏକ ସୁଚିନ୍ତିତ କାର୍ଯ୍ୟ।

ଏହି ପରିବର୍ତ୍ତିତ ସ୍ଥିତିରେ ମୁଁ ଦିଲ୍ଲୀ ମଡେଲ୍‌ର ଉପଲବ୍ଧି ଓ ଏହାର ବାସ୍ତବତା ପରିପ୍ରେକ୍ଷୀରେ ନିଜର ଉଦ୍‌ବିଗ୍ନତା ପ୍ରକାଶ କରୁଛି। ଏହା ସତ୍ୟ ଯେ, 'ଆପ୍' ସରକାର ସାର୍ବଜନୀନ ଶିକ୍ଷା ଢାଞ୍ଚାରେ ପରିବର୍ତ୍ତନ ଆଣି ରାଜନୈତିକ ଚର୍ଚ୍ଚାର ବଳୟ ମଧ୍ୟକୁ ଆସିଥିଲେ। ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିରେ ପରିବର୍ତ୍ତନ କରିଥିଲେ। କିନ୍ତୁ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ମିଳିଥିବା ସୁଫଳ ଏବେ ବି ବିତର୍କର ବିଷୟ ଅଟେ। 'ମୋହଲ୍ଲା କ୍ଲିନିକ୍'ଗୁଡ଼ିକର ପରିକଳ୍ପନା ଉତ୍ତମ ଭାବସମ୍ପନ୍ନ ହୋଇଥିବା ସତ୍ତ୍ୱେ ଏହାର ପରିଚାଳନା ଓ ସମ୍ପାଦନାକୁ ନେଇ ଢେର୍ ଅଧିକ ଆଶା ରଖାଯାଇଥିଲା।

ମାଗଣା ବିଦ୍ୟୁତ୍ ଓ ମହିଳାଙ୍କ ପାଇଁ ମାଗଣା ବସ୍ ଯାତ୍ରା ଗରିବଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ଏକ ରାଜନୈତିକ ଇଚ୍ଛାଶକ୍ତିର ପ୍ରଦର୍ଶନ ଥିଲା। ତଥାପି ସମାନ ପରିମାଣର ରାଶି ଗରିବଙ୍କ ଜୀବନଧାରଣ ଅବସ୍ଥାରେ ଦୀର୍ଘକାଳୀନ ସଂରଚନିକ ଉନ୍ନତି ପାଇଁ ବ୍ୟବହାର କରାଯାଇପାରିଥିଲେ ଅଧିକ ଉପଯୋଗୀ ଓ ମୂଲ୍ୟଯୁକ୍ତ ହୋଇପାରିଥା'ନ୍ତା। ଏହାବ୍ୟତୀତ, ଦିଲ୍ଲୀ ମଡେଲ ସହରୀ ଭିତ୍ତିଭୂମିର ବିକାଶ, ଦିଲ୍ଲୀ ଗ୍ରାମାଞ୍ଚଳ ଅବସ୍ଥାରେ ଉନ୍ନତି, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳ ଓ ବାୟୁ ପ୍ରଦୂଷଣର ସମାଧାନ ପାଇଁ ଆଖିଦୃଶିଆ ଭାବେ କିଛି କରିନଥିଲା। କିଛିକ୍ଷେତ୍ରରେ ଆଂଶିକ ଉନ୍ନତିକୁ କୌଣସି ପ୍ରକାରେ ଏକ ମଡେଲ କୁହାଯାଇ ପାରିବନାହିଁ।

ମୁଁ ଚିନ୍ତିତ ! କାରଣ 'ଆପ୍'ର ପରାଜୟ 'ନଗର-ରାଜ୍ୟ'ର ନୀତି ଏବଂ ରାଜନୀତିରୁ 'ପିରାମିଡର ଭିତ୍ତି' ରାଜନୈତିକ ସ୍ତରରେ ଥିବା ବର୍ଗକୁ ଚାପଗ୍ରସ୍ତ କରିବା ସହ ପ୍ରଭାବିତ କରିବାର ସଙ୍କେତ ଦେଇପାରେ। 'ଆପ୍' ସରକାରଙ୍କ ନିର୍ଦ୍ଦିଷ୍ଟ ସୀମା ସତ୍ତ୍ୱେ ଅନଧିକୃତ ଜୀବନଯାପନ କରିବାକୁ ବାଧ୍ୟ ହୋଇଥିବା ବହୁସଂଖ୍ୟକ ଦିଲ୍ଲୀବାସୀଙ୍କୁ ସୁରକ୍ଷା ପ୍ରଦାନ କରିଥିଲା। ଏହା ଗରିବ, ସମ୍ପ୍ରତି ପ୍ରବାସୀ ଏବଂ ଦଳିତଙ୍କୁ ଆଶ୍ୱସ୍ତ କରିଥିଲା ଯେ ସେମାନଙ୍କ ସଂଖ୍ୟାକୁ ସମ୍ମାନ ଦିଆଯିବ, ସେମାନଙ୍କର କଥା ଶୁଣାଯିବ। ବିଶ୍ୱସ୍ତରୀୟ ସହର, ନଦୀକୂଳ ବିକାଶ ଏବଂ ଅନ୍ୟ ସମସ୍ତ ପ୍ରସଙ୍ଗ ସହିତ ବିଜେପିର ଆଗମନ ଦିଲ୍ଲୀର ପ୍ରକୃତ ସଂଖ୍ୟାଗରିଷ୍ଠତାର ଅଦୃଶ୍ୟତାକୁ ବୁଝାଇପାରେ। କପିଲ ମିଶ୍ର ଏବଂ ରବିନ୍ଦର ନେଗିଙ୍କ ପରି ବ୍ୟକ୍ତିଙ୍କ ବିଜୟ ଧର୍ମାନ୍ଧତାକୁ ବଳ ଯୋଗାଇବା ସହ ମୁସଲମାନମାନଙ୍କୁ ପୂର୍ବାପେକ୍ଷା ଅଧିକ ଅସୁରକ୍ଷିତ କରିଦେବ।

ମୁଁ ଚିନ୍ତିତ ! କାରଣ ଦିଲ୍ଲୀରେ ବିଜୟ ସମ୍ପୂର୍ଣ୍ଣ ରାଜନୈତିକ ପ୍ରାଧାନ୍ୟ ପାଇଁ ବିଜେପିକୁ ଆଉ ଗୋଟିଏ ପାଦ ଆଗକୁ ନେଇଯିବ। ଏହି ବିଜୟ ବିଜେପିକୁ ହୁଏତ ଆଜ୍ଞାକାରୀ ସରକାରୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରି ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସର୍ବଦା ପରାସ୍ତ କରିବା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିପାରେ। ବିଜେପିର ବିଜୟ ପରେ କେନ୍ଦ୍ର ସରକାର ଉପରାଜ୍ୟପାଳଙ୍କ ମାଧ୍ୟମରେ ଏନସିଟି ସରକାରଙ୍କ କାର୍ଯ୍ୟରେ ଦଶ ବର୍ଷ ଧରି କରିଆସୁଥିବା ଅବୈଧ ହସ୍ତକ୍ଷେପର ଯବନିକା ପକାଇବ। ଏହି ବିଜୟ ନିର୍ବାଚନ ଆୟୋଗଙ୍କ ଦଳୀୟ ଆଚରଣ ଓ ପକ୍ଷପାତିତା ତଥା ନିର୍ବାଚନ ସମୟରେ ସବୁ ରାଜନୈତିକ ଦଳକୁ ସମାନ କ୍ଷେତ୍ର ପ୍ରଦାନ କରା ନ ଯିବା ଅଭିଯୋଗ ମଧ୍ୟ ଚାପି ହୋଇଯିବା ସହ ଲୋକ ଆଢୁଆଳକୁ ଠେଲି ହୋଇଯିବ।

ମୁଁ ମଧ୍ୟ ଚିନ୍ତିତ ! କାରଣ 'ଆପ' ପରୀକ୍ଷଣର ବିଫଳତା ଆଗାମୀ କିଛି ବର୍ଷ ପାଇଁ ବିକଳ୍ପ ରାଜନୀତିର ପ୍ରୟାସ ପାଇଁ ଦ୍ୱାର ବନ୍ଦ କରିପାରେ। କେହି ଜଣେ ଯୁକ୍ତି କରିପାରନ୍ତି ଯେ ସହର ଓ ଦେଶରେ ପ୍ରକୃତ ଲୋକାଭିମୁଖୀ ଓ ଧର୍ମନିରପେକ୍ଷ ରାଜନୀତିର ଉଦୟ ପାଇଁ 'ଆପ୍'କୁ ଧୂଳି ଚାଟିବାର ଆବଶ୍ୟକ ଥିଲା। 'ଆପ୍' ରାସ୍ତା ଛାଡ଼ିବା ପରେ ପ୍ରକୃତରେ ଦିଲ୍ଲୀର ଏକ ବିସ୍ତୃତ ମତଦାତାବର୍ଗ ଅଛନ୍ତି, ଯେଉଁମାନେ ସେମାନଙ୍କର ରାଜନୈତିକ ସ୍ୱର ଖୋଜିବେ। କିନ୍ତୁ ବାସ୍ତବ ଜୀବନରେ ଏହି ସ୍ଥାନ ଯେ ଏକ ବିକଳ୍ପ ଶକ୍ତି ଦ୍ୱାରା ଅର୍ଥପୂର୍ଣ୍ଣ ଭାବରେ ଦଖଲ ହୋଇପାରିବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ସେପର୍ଯ୍ୟନ୍ତ କେହି ଯଦି ସଚ୍ଚୋଟ ରାଜନୀତିର ପ୍ରତିଶ୍ରୁତି ଦେଇ ସାର୍ବଜନୀନ ଜୀବନରେ ପ୍ରବେଶ କରନ୍ତି ସେ ସ୍ନିତହସକୁ ଆମନ୍ତ୍ରଣ କରିବେ। କିନ୍ତୁ ଅର୍ଥପୂର୍ଣ୍ଣଭାବେ ଏହି ଶୂନ୍ୟସ୍ଥାନ ପୂରଣ ହେବା ମହତ୍ତ୍ୱ ରଖେ। ସେଥିପାଇଁ ମୁଁ ଚିନ୍ତିତ ଏବଂ ଆପଣ ମଧ୍ୟ ଏ କ୍ଷେତ୍ରରେ ଚିନ୍ତା କରିବା ଉଚିତ। ●

*(ମୂଳ ଇଂରାଜୀ ଆଲେଖ୍ୟର ମର୍ମାନୁବାଦ)*

**ଜାତୀୟ ଆବାହକ-ଭାରତ ଯୋଡ଼ୋ ଅଭିଯାନ**
**ସଦସ୍ୟ - ସ୍ୱରାଜ ଇଣ୍ଡିଆ, ସ୍ୱରାଜ ଅଭିଯାନ, ଜୟ କିସାନ୍ ଆନ୍ଦୋଳନ**
ମୋ: ୯୮୬୮୮୮୮୯୮୬
Twitter: @_YogendraYadav

# ବିଲୁପ୍ତି ପଥରେ କୋଳି

**ସତ୍ୟଶୋଭନ ଦାସ**

ଏକଦା ଗ୍ରାମୀଣ ଓଡ଼ିଶାର ଜୀବନଶୈଳୀରେ କୋଳି ଏକ ଅଭିନ୍ନ ଅଙ୍ଗ ଭାବରେ ପରିଗଣିତ ହୋଇ ଆସୁଥିଲା। ସ୍ୱାଦ ଓ ପୋଷାକ ତତ୍ତ୍ୱ ପାଇଁ ଏହା ଆମର ଖାଦ୍ୟ ବ୍ୟବସ୍ଥାରେ ଏକ ମୁଖ୍ୟଅଂଶ ଭାବେ ପରିଗଣିତ ହେଉଥିଲା। ଏହି ଛୋଟ ଫଳଗୁଡ଼ିକ ବାଡ଼ି, ହିଡ଼, ପୋଖରୀ ତୁଠ, ନଦୀ କୂଳ, ଉଦ୍ୟାନ ଓ ଜଙ୍ଗଲରୁ ପ୍ରଚୁର ପରିମାଣରେ ମିଳୁଥିଲା, ଯାହା ଉଭୟ ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ରୂପେ ଉପଯୋଗ ହୋଇପାରୁଥିଲା। ଅନେକ ପ୍ରଜାତିର ପ୍ରଜାପତି ଓ ମହୁମାଛି ମଧ୍ୟ କୋଳି ଫୁଲ ପ୍ରତି ଆକର୍ଷିତ ହୁଅନ୍ତି, ଯାହା ଅନ୍ୟ ଉଦ୍ଭିଦଗୁଡ଼ିକୁ ପରାଗ ସଙ୍ଗମ କରିବାରେ ସାହାଯ୍ୟ କରନ୍ତି। ଆମର ଗଳ୍ପ, କାହାଣୀ ଓ ଲୋକକଥାରେ ମଧ୍ୟ କୋଳିର ବର୍ଣ୍ଣନା ଦେଖିବାକୁ ମିଳେ। କୋଣାର୍କ ମନ୍ଦିର ନିର୍ମାଣ ସମୟରେ ଧର୍ମପଦ ବାଡ଼ିରେ ହୋଇଥିବା କୋଳି ନେଇ ପିତା ବିଶୁ ମହାରଣାଙ୍କୁ ଦେଖା କରିବା ହେଉ କିମ୍ବା ଶ୍ରୀରାମଙ୍କ ବନବାସ ସମୟରେ ଶବରୀ କୋଳି ଖୁଆଇଥିବାର କାହାଣୀ କିଏ ବା ନ ଜାଣେ?

ଏବେ କିନ୍ତୁ ଏହା ବିଲୁପ୍ତ ହେବାରେ ଲାଗିଛି। ୮୦ ଦଶକରେ ଜନ୍ମ ନେଇଥିବା ଲୋକ ଏହାକୁ ଭଲ ଭାବରେ ହୃଦୟଙ୍ଗମ କରିପାରିବେ। ଆମ ପିଲା ବେଳେ ୧୪-୧୫ ପ୍ରକାର କୋଳି ମିଳୁଥିଲା। ସ୍କୁଲ ଗଲା ବେଳେ, ମଧ୍ୟାହ୍ନ ଭୋଜନ ଛୁଟିରେ ଓ ଛୁଟି ଦିନରେ ଆମର ବହୁତ ସୁଖଦ ଅନୁଭୂତି ଏହି କୋଳି ସହିତ ଜଡ଼ିତ। ଘରର ବଡ଼ ଅପା, ଖୁଡ଼ି, ଜେଜେ ମା'ଙ୍କ ସହିତ ଅନେକ ସ୍ମୃତି ଅଛି କୋଳି ସଂଗ୍ରହ କରିବାର। ଆମ ସମୟରେ ବେତ, ଆଙ୍କ, ବଇଞ୍ଚ, କୁସୁମ, ଜାମୁ, ବୁଆଳ, ଖଜୁର, କାନ, ବର, ରାଇଲ, ଜାଅଁଳା, ବଉଳ, ପାଣି ସାହାଡ଼ା ଆଦି ଅନେକ କିସମର କୋଳି ମିଳୁଥିଲା। ସେଗୁଡ଼ିକରେ ଭିଟାମିନ୍ ମାଙ୍ଗାନିଜ୍, ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥିଲା। ତେଣୁ ସେଗୁଡ଼ିକୁ ଖାଇବା ଦ୍ୱାରା ହୃଦରୋଗରୁ ମୁକ୍ତି, ମସ୍ତିଷ୍କର ସ୍ୱାସ୍ଥ୍ୟ ସୁରକ୍ଷା ଓ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣରେ ରହୁଥିଲା। ବରକୋଳି, ଜାମୁକୋଳି ଓ କିଛି ମାତ୍ରାରେ ଖଜୁର କୋଳିକୁ ଛାଡ଼ିଦେଲେ ଅଧିକାଂଶ କିସମର କୋଳି ଆଜି ଦୁର୍ଲଭ ହୋଇ ପଡ଼ିଲାଣି।

ଆମ ଅଞ୍ଚଳର ଦୃଶ୍ୟପଟରୁ କୋଳି ଅଦୃଶ୍ୟ ହେବାର ପ୍ରମୁଖ କାରଣଗୁଡ଼ିକ ହେଉଛି, ଗୋଷ୍ଠୀ ସମ୍ବଳର ଅତିକ୍ରମଣ, ଗ୍ରାମ୍ୟ ଶାସନ ବ୍ୟବସ୍ଥା, ଲୋକଙ୍କ ଲୋଭ, ଗ୍ରାମ୍ୟ ଜୀବନର ଚାଲିଚଳଣିରେ ପରିବର୍ତ୍ତନ ଓ ଶିଳ୍ପ କୃଷିର ବୃଦ୍ଧି। ଏକକ ଚାଷର ଆଗମନ ସହିତ, ବୃହତ-ସ୍ତରର କୃଷି ପଦ୍ଧତିଗୁଡ଼ିକ ଅତ୍ୟନ୍ତ ଦକ୍ଷ। କିନ୍ତୁ ଜୈବ ବିବିଧତା ପାଇଁ ଏହା ବିନାଶକାରୀ। ପୂର୍ବରୁ ସାଧାରଣ ଭାବେ ମିଳୁଥିବା କୋଳି ଏବେ ବାଣିଜ୍ୟିକ ଭିତ୍ତିରେ ଏକ ଛୋଟ ପରିସରରେ ପ୍ରତିଯୋଗିତା କରୁଛି। ପ୍ରାକୃତିକ ସ୍ଥାନଗୁଡ଼ିକ, ଯେଉଁଠାରେ ସମୃଦ୍ଧ ଜୈବ ବିବିଧତା ଥିଲା, ଯେଉଁଠାରେ ଅନେକ ପ୍ରଜାତି ପାଇଁ ଖାଦ୍ୟ ଉତ୍ସ ଭାବରେ କୋଳି ଗଛ, ବୁଦା ଓ ଲତା ଅନ୍ତର୍ଭୁକ୍ତ ଥିଲା ସେଗୁଡ଼ିକୁ ଆଜିକାଲି ସୌନ୍ଦର୍ଯ୍ୟକରଣ ଏବଂ ଏକକ ପ୍ରଜାତିର ଉଦ୍ଭିଦ ଭାବେ ଦେଖାଯାଉଛି। କୋଳି ବିନା ପକ୍ଷୀ ଏବଂ ଛୋଟ ସ୍ତନ୍ୟପାୟୀ ପ୍ରାଣୀ ଅତ୍ୟାବଶ୍ୟକ ଖାଦ୍ୟ ସମ୍ପଦ ଓ ବାସସ୍ଥାନ ହରାଉଛନ୍ତି, ଯାହା ସେମାନଙ୍କର ଜୀବନ ଓ ବଂଶବିସ୍ତାରକୁ ପ୍ରଭାବିତ କରୁଛି।

ଅତୀତରେ କୋଳି ଏକ ନିର୍ଦ୍ଦିଷ୍ଟ ଋତୁରେ ହେଉଥିଲା, ଯାହା ସତେଜ ଓ ସ୍ୱାଦିଷ୍ଟ ଥିଲା। କୌଣସି ପ୍ରକାର ରାସାୟନିକ ଔଷଧ କିମ୍ବା ଶୀତଳୀକରଣ ବିନା ଉପଲବ୍ଧ ହେଉଥିଲା। ଆମ ଅଞ୍ଚଳ ଓ ଖାଦ୍ୟ ପ୍ରଣାଳୀରୁ କୋଳି ନଷ୍ଟ ହେବା ଏକ ଚିନ୍ତାଜନକ ବିଷୟ ହୋଇଥିଲେ ମଧ୍ୟ କିଛି ଅଞ୍ଚଳରେ ଏହାକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସ ଚାଲିଛି। ଏହାଦ୍ୱାରା କେବଳ କୋଳି ଗଛର ବଞ୍ଚିବା ସୁନିଶ୍ଚିତ ହେବ ନାହିଁ, ବରଂ ସେମାନଙ୍କ ଉପରେ ନିର୍ଭରଶୀଳ ବନ୍ୟପ୍ରାଣୀଙ୍କ ପାଇଁ ମଧ୍ୟ ସହାୟକ ହୋଇପାରେ। କୃଷି ଅଭ୍ୟାସ ଏବଂ କୋଳି ଗଛଗୁଡ଼ିକୁ ଏକୀକୃତ କରି ଆମେ ହଜିଯାଇଥିବା ଜୈବ ବିବିଧତାକୁ ପୁନର୍ଜୀବିତ କରିପାରିବା। ପ୍ରାକୃତିକ ବାସସ୍ଥାନକୁ ପୁନରୁଦ୍ଧାର କରିବା ଏବଂ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା, ଗୋଷ୍ଠୀ ସମ୍ବଳର ସଂରକ୍ଷଣ ପାଇଁ ସମନ୍ୱିତ ପ୍ରୟାସ ସହିତ ଭବିଷ୍ୟତ ସୁଧାର ପାଇଁ ଆଶା ରହିଛି। ଆମର ଖାଦ୍ୟ ପ୍ରଣାଳୀ ଏବଂ ଏହା ଉପରେ ନିର୍ଭର କରୁଥିବା ବନ୍ୟପ୍ରାଣୀ ଉଭୟ ପାଇଁ କୋଳିର ଗୁରୁତ୍ୱକୁ ହୃଦୟଙ୍ଗମ କରି ଆମେ ଆଗାମୀ ପିଢ଼ି ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦଗୁଡ଼ିକୁ ସଂରକ୍ଷଣ କରିବା ଲାଗି କାର୍ଯ୍ୟ କରିପାରିବା। ●

**କରଞ୍ଜ(ବାଲେଶ୍ୱର), ମୋ: ୭୮୯୪୪୫୬୫୧**

# ମଣିଷ ପରେ କାହାର ରାଜୁତି?

**ଶ୍ରୀନନ୍ଦ**

**ବିଜ୍ଞାନ ବାର୍ତ୍ତା**

ପୃଥିବୀ ପୃଷ୍ଠରେ ଜୀବଜଗତ ସୃଷ୍ଟି ହେବା ପରଠାରୁ ଏଠାରେ ପାଞ୍ଚଥର ମହାବିଲୁପ୍ତି ଘଟିଥିବାର ପ୍ରମାଣ ପାଇଛନ୍ତି ବୈଜ୍ଞାନିକମାନେ। ସେଗୁଡ଼ିକ ଘଟିଛି ଆଜିଠାରୁ ୪୪୦ ନିୟୁତ, ୩୬୫ ନିୟୁତ, ୨୫୦ ନିୟୁତ, ୨୧୦ ନିୟୁତ ଏବଂ ୬୫ ନିୟୁତ ବର୍ଷ ପୂର୍ବେ। ଏଥିରେ ତଦାନୀନ୍ତନ ଜୀବଜାତିମାନଙ୍କ ମଧ୍ୟରୁ ଯଥାକ୍ରମେ ୮୫ ଶତାଂଶ, ୮୦ ଶତାଂଶ, ୯୬ ଶତାଂଶ, ୬୦ ଶତାଂଶ ଏବଂ ୭୫ ଶତାଂଶଙ୍କର ବିଲୋପସାଧନ ହୋଇଛି। ଜଳବାୟୁ ପରିବର୍ତ୍ତନ ହିଁ ଏ ସମସ୍ତ ଘଟଣାରେ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ଏହି ପରିବର୍ତ୍ତନ ସହିତ ଖାପ୍‌ଖୁଆଇ ଯେଉଁଗୁଡ଼ିକ ବର୍ତ୍ତିଯାଇଛନ୍ତି, ସେମାନଙ୍କଠାରେ ଆସିଛି ବ୍ୟାପକ ପରିବର୍ତ୍ତନ। ବିବର୍ତ୍ତନ ହେତୁ ସୃଷ୍ଟି ହୋଇଛନ୍ତି ନୂତନ ନୂତନ ଜୀବଜାତି।

ଏବେ ଷଷ୍ଠ ମହାବିଲୁପ୍ତି ପ୍ରକ୍ରିୟା ଆରମ୍ଭ ହୋଇଗଲାଣି ବୋଲି ବହୁ ବୈଜ୍ଞାନିକ ମତ ଦେଉଛନ୍ତି। ସେଥିପାଇଁ ଦ୍ରୁତରୁ ଦ୍ରୁତତର ଭାବେ ଲୋପ ପାଇବାକୁ ଲାଗିଛନ୍ତି ବିବିଧ ଜୀବଜାତି। ସାଧାରଣ ହାରଠାରୁ ଏହା ଏବେ ୧୦୦୦ ରୁ ୧୦ ହଜାର ଗୁଣ ଅଧିକ। ତେଣୁ ଏଥରର ମହାବିଲୁପ୍ତି ହେବ ଅତ୍ୟନ୍ତ ଧ୍ୱଂସାତ୍ମକ। କାରଣ ମଣିଷ ପରିବେଶର ପ୍ରାକୃତିକତାକୁ ଅଣଲେଉଟା ଭାବେ ଧ୍ୱଂସ କରିଚାଲିଛି। ଅର୍ଥାତ୍ ତା'ର ନୂତନ ବିକାଶ ଆଉ ସମ୍ଭବ ମନେ ହେଉନାହିଁ। ଏପରିସ୍ଥଳେ ଏଥର ବିବର୍ତ୍ତନ ଆଗ ଭଳି ସକାରାତ୍ମକ ହେବ ବୋଲି ମନେ ହେଉନାହିଁ। ପରିଣାମସ୍ୱରୂପ, ମଣିଷ ସ୍ଥାନରେ ତା'ର ଏକ ଉନ୍ନତତର ଦାୟାଦ ଏଠାରେ ସୃଷ୍ଟି ହେବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ ବୋଲି ମନେ କରାଯାଉଛି। ତା'ହେଲେ ପୃଥିବୀରେ ସେତେବେଳେ ତା' ସ୍ଥାନରେ ରାଜୁତି କରିବ କିଏ?

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନୀ ପ୍ରଫେସର ଟିମ୍ କୋଲସନ୍‌ଙ୍କ ମତରେ ମଣିଷର ବିଲୁପ୍ତି ପରେ ଏଠାରେ ଆଧିପତ୍ୟ ବିସ୍ତାର କରିପାରନ୍ତି ବାବୁନ୍ ଭଳି କିଛି ମର୍କଟଜାତୀୟ ପ୍ରାଣୀ, ଡଲ୍‌ଫିନ୍ ଓ ଅକ୍ଟୋପସ୍। ଏ ତିନୋଟି ଜାତିର ଜୀବ ବେଶ୍ ବୁଦ୍ଧିମାନ। ବିବର୍ତ୍ତନ ଫଳରେ ସେମାନେ ଅଧିକ ବୁଦ୍ଧିମାନ ଏବଂ ସେ ସମୟର ପରିବର୍ତ୍ତିତ ପରିବେଶଯୁକ୍ତ ପୃଥିବୀରେ ଦୈହିକ ଓ ମାନସିକସ୍ତରରେ ଅଧିକ ଉପଯୁକ୍ତ ହୋଇପାରନ୍ତି। ଏହାବ୍ୟତୀତ କେତେକ ଶ୍ରେଣୀର ଘୁଷୁରୀ, ମୂଷା, କୋକିଶିଆଳୀ, ହରିଣ, ଭାଲୁ, ପକ୍ଷୀ ଓ କୀଟପତଙ୍ଗ ମଧ୍ୟ ଏଠାରେ ରହିବା ଲାଗି ଉପଯୋଗୀ ହେବାର ସମ୍ଭାବନା ରହିଛି। ଧରାପୃଷ୍ଠରେ ସଂଖ୍ୟାଧିକ ହେବେ ନାନାପ୍ରକାର ଜୀବାଣୁ, ଭୂତାଣୁ ଆଦି ସୂକ୍ଷ୍ମ ଜୀବ। ଏ ସମସ୍ତଙ୍କଠାରେ ଆସିପାରେ ବ୍ୟାପକ ପରିବର୍ତ୍ତନ।

ଉଦ୍ଭିଦଜଗତରେ ମଧ୍ୟ ସେହି ଅନୁରୂପ ପରିବର୍ତ୍ତନ ଆସିବ। ବର୍ତ୍ତମାନର ଅଧିକାଂଶ ଫସଲ ବିଲୋପ ହେବେ ଏବଂ ତିଷ୍ଠି ରହିଥିବା ଅନ୍ୟାନ୍ୟ ଗଛଲତା ଓ ଗୁଳ୍ମର ରୂପରେଖ ମଧ୍ୟ ଭିନ୍ନ ଆକାର ଧାରଣ କରିବ। ତେବେ ଏ ସମସ୍ତଙ୍କ ମଧ୍ୟରେ ମଣିଷର ସ୍ଥାନ ନେବାକୁ ଏବଂ ଜୀବଜଗତରେ ଶ୍ରେଷ୍ଠ ଆସନ ଅଧିକାର କରିବାକୁ ଅକ୍ଟୋପସ ହିଁ ସମର୍ଥ ହେବ ବୋଲି କୋଲସନଙ୍କ ମତ। ତେଣୁ ପ୍ରଥମେ ଏହା ଜଳ ମଧ୍ୟରେ 'ସମ୍ପ୍ରଦାୟ' ସୃଷ୍ଟି କରିପାରେ, ଯାହାଙ୍କୁ ଆମ ସହର ସହିତ ତୁଳନା କରାଯାଇପାରେ। ବର୍ତ୍ତମାନର ଅକ୍ଟୋପସ ଭୂମି ଉପରେ ବାସ କରିବା ସମ୍ଭବ ନୁହେଁ। ତେବେ ବିବର୍ତ୍ତନ ତାଙ୍କୁ ଏ ସାମର୍ଥ୍ୟ ଦେବା ସହିତ ଜଳବାହାରେ ଶ୍ୱାସକ୍ରିୟା ସମ୍ପାଦନ କରିବାକୁ ଏବଂ ସ୍ଥଳଭାଗର ତଦାନୀନ୍ତନ ପରିବେଶ ମଧ୍ୟରେ ବଞ୍ଚିବାକୁ ସମର୍ଥ କରିପାରେ। ଅକ୍ଟୋପସ ସ୍ଥଳଚରମାନଙ୍କୁ ଶିକାର କରିବା ହୁଏତ ସମ୍ଭବ ହୋଇପାରେ।

ବିବର୍ତ୍ତନ ସଦାବେଳେ ଏ ପ୍ରକାର ଅପ୍ରତ୍ୟାଶିତ ପରିଣାମଯୁକ୍ତ ହୋଇଥାଏ। କୋଲସନ 'ଦ ୟୁନିଭରସାଲ ହିଷ୍ଟ୍ରି ଅଫ୍ ଅସ୍' ଶୀର୍ଷକ ପୁସ୍ତକରେ ସୂଚୀତ କରିଛନ୍ତି ଯେ ପୃଥିବୀ ପୃଷ୍ଠରେ ଭବିଷ୍ୟତର ଜୀବନକୁ ନେଇ ରହିଛି ଅସଂଖ୍ୟ ସମ୍ଭାବନା। ଅତଏବ ଏଥି ସମ୍ପର୍କରେ ନିର୍ଦ୍ଦିଷ୍ଟଭାବେ ଆଗତ ସୂଚନା ଦେବା ପ୍ରାୟତଃ ଅସମ୍ଭବ। ଏପରିସ୍ଥଳେ ଡଲଫିନ୍, ବାବୁନ ଭଳି ମର୍କଟ ଶ୍ରେଣୀର ଜୀବ କିମ୍ବା ଅନ୍ୟ କିଛି ଏ ସ୍ଥାନ ନେବା ସମ୍ଭବ ହୋଇପାରେ। ସେମାନଙ୍କଠାରେ ଆସୁଥିବା ବିବର୍ତ୍ତନୀୟ ପରିବର୍ତ୍ତନ ତାଙ୍କୁ ଏଥିପାଇଁ ଅଧିକ ଉପଯୋଗୀ କରିପାରେ। ଅନ୍ୟପକ୍ଷରେ ଇଂଲଣ୍ଡର କେତେକ ଜୀବବିଜ୍ଞାନୀଙ୍କ ମତରେ ଧରାପୃଷ୍ଠରେ ନୂତନ ଶ୍ରେଣୀର ଜୀବନର ଉଦ୍‌ଭବ ତଥା ବିକାଶ ସମ୍ଭବ ହୋଇ ନ ପାରେ। ଅତଏବ ପୃଥିବୀ ପାଲଟି ଯାଇପାରେ ଚନ୍ଦ୍ର ବା ମଙ୍ଗଳ ଭଳି ଏକ ଜୀବଜଗତ ଶୂନ୍ୟ ମୃତ ଗ୍ରହରେ। ●

**ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦**

ସକାଳ
THE SAKALA

## ଯୋଗାଯୋଗ ଠିକଣା

**NEWS & INFO**
news@thesakala.com

**CIRCULATION**
circulation@thesakala.com

**ADVERTISEMENT**
advt@thesakala.com

**THE SAKALA**
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଲ ହିଡ଼ ରାସ୍ତା ଗାଁ ଲୋକଙ୍କ ସାହା ଭରସା

## ସ୍ଥାୟୀ ରାସ୍ତା ନ ଥିବାରୁ ସମସ୍ୟା

ନିଶ୍ଚିନ୍ତକୋଇଲି,୧୭।୨(ସମିସ)



ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ବିତି ଯାଇଥିଲେ ମଧ୍ୟ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେରିଲୋ ପଞ୍ଚାୟତ ଘଣ୍ଟାଲେ ଗ୍ରାମର ଏକ ସାହିକୁ ଏ ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତାଟିଏ ନିର୍ମାଣ ହୋଇପାରି ନାହିଁ। ଫଳରେ ବର୍ଷା ଦିନେ ଲୋକମାନେ ଯାତାୟାତ ପାଇଁ ନାହିଁ ନ ଥିବା ଦହଗଞ୍ଜ ହେଉଥିବା ବେଳେ ଅନ୍ୟ ଦିନରେ ବିଲ ହିଡ଼ ରାସ୍ତା ଗାଁ ଲୋକମାନଙ୍କ ପାଇଁ ସାହା ଭରସା ପାଲଟିଛି। ବିଗତ ଦିନରେ କଂଗ୍ରେସଠାରୁ ଆରମ୍ଭ କରି ବିଜେଡି ଓ ଏବେ ବିଜେପି ଭଳି ବହୁ ରାଜନୈତିକ ଦଳ ରାଜ୍ୟର ଶାସନ ଭାର ନେଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଜରୁରିକାଳୀନ ପରିସ୍ଥିତିରେ ଉକ୍ତ ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯିବା ସମ୍ଭବ ହେଉ ନ ଥିବା ଦେଖାଯାଇଛି। ବର୍ଷାଦିନେ ରୋଗ ବୈରାଗ ହେଲେ ଲୋକମାନେ ରୋଗୀଙ୍କୁ ଡ଼ାକ୍ତରଖାନାକୁ ନେବାକୁ ହେଲେ କାନ୍ଧରେ ବୋହି ନେଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆସୁଥିବା ଦେଖାଯାଇଛି। ନିକଟରେ ଜଣେ ଗର୍ଭବତୀ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦିଆଯାଇଥିଲା। ହେଲେ ଆମ୍ବୁଲାନ୍ସଟି ଉକ୍ତ ଗ୍ରାମ ପର୍ଯ୍ୟନ୍ତ ଯିବା ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ସଂପୃକ୍ତ ଗାଡ଼ିର ଡ୍ରାଇଭର ଏକ ଦୁଃସାହସିକ ପଦକ୍ଷେପ ନେଇ କୌଣସି ପ୍ରକାର ବିଲ ହିଡ଼ ରାସ୍ତାରେ ଗାଡ଼ି ନେବାର ବ୍ୟବସ୍ଥା କରିଥିଲେ। କଷ୍ଟମଷ୍ଟେ ସମ୍ପୃକ୍ତ ଗୁରୁତର ଗର୍ଭବତୀ ମହିଳାଙ୍କୁ ଡ଼ାକ୍ତରଖାନା ନେବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଘଣ୍ଟାଲେ ଗ୍ରାମର ଉକ୍ତ ସାହିକୁ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ରାଜନେତାଙ୍କଠାରୁ ଆରମ୍ଭ କରି ବିଧାୟକ ଓ କଟକ ଜିଲ୍ଲାପାଳଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ରାସ୍ତା ନିର୍ମାଣରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଏହି ରାସ୍ତା ନିର୍ମାଣ କରିବା ପାଇଁ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଣ ପାଇଁ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ମଧ୍ୟ ଉଠିଛି। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରା ନ ଗଲେ ସ୍ଥାନୀୟ ସାହିର ଲୋକମାନେ ଆନ୍ଦୋଳନମୂଖୀ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଖୁଲମଖୁଲା ମାଂସ ବିକ୍ରିକୁ ବିରୋଧ



ଚୌଦ୍ୱାର,୧୭।୨(ସମିସ): ଚୌଦ୍ୱାର ସହରାଞ୍ଚଳରେ ରାସ୍ତାକଡ଼ରେ ଥିବା ମାଂସ ଦୋକାନଗୁଡ଼ିକରେ କଟା ଯାଉଥିବା ମାଂସ ଖୋଲାଖୋଲି ଭାବେ ଟଙ୍ଗା ଯାଉଥିବାରୁ ରାସ୍ତାରେ ଯାଉଥିବା ଛାତ୍ରଛାତ୍ରୀ ଓ ଛୋଟ ପିଲାମାନଙ୍କ ଉପରେ ଏହା କୁପ୍ରଭାବ ପକାଉଛି। ଏହି ସବୁ ମାଂସ ଦୋକାନ ଅବୈଧ କରି ହେଉ ଅବା ସମ୍ମୁଖରେ କପଡ଼ା ଟାଙ୍ଗିବା ପାଇଁ ଦାବି ହେଉଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସବ ଫାଉଣ୍ଡେସନ୍ ତରଫରୁ ଏ ସମ୍ପର୍କିତ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଫାଉଣ୍ଡେସନ୍ର ଉପସଭାପତି କାହ୍ନୁଚରଣ ସେଠୀଙ୍କ ନେତୃତ୍ୱରେ କିରଣବାଳା ନାୟକ, ମୀନା ଚୌଧୁରୀ, ଖୁଲଣା ସାହୁ, ଓମ୍ ପ୍ରକାଶ ନାୟକ, ସୌମ୍ୟ ରଞ୍ଜନ ପରିଡ଼ାଙ୍କ ସମେତ ସଦସ୍ୟ ସଦସ୍ୟାମାନେ ସୋମବାର ପୌର କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୌର ଇଞ୍ଜିନିୟର ପତିତପାବନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ରାସ୍ତା କଡ଼ରେ ଥିବା ମାଂସ ଦୋକାନଗୁଡ଼ିକରେ ଖୋଲାଖୋଲି ଭାବେ ମାଂସ ବିକ୍ରି ହେଉଥିବାରୁ ରାସ୍ତାର ଧୂଳିଧୂଆଁ ଆଦି ମାଂସରେ ପଡ଼ି ତାହା ଅତି ମାତ୍ରାରେ ଦୂଷିତ ହେଉଛି। ଫାଉଣ୍ଡେସନ୍ର ପ୍ରତିନିଧିମାନେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବାରେ ଏ ସମ୍ପର୍କରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରାଯିବା ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଆଞ୍ଚଳିକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



କିଶନନଗର,୧୭।୨(ସମିସ): କଟକ ସଦର ବୋଧପୁର୍ ଲୋକନାଥ ପଞ୍ଚାୟତରେ ଶ୍ରୀ ଶ୍ରୀ ଲୋକନାଥ ଶୈବପୀଠରେ ଆଞ୍ଚଳିକ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସାମ୍ବାଦିକ ବସନ୍ତ କୁମାର ରଥଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ସଦର ବ୍ଲକ ଅଧ୍ୟକ୍ଷା ଭଗ୍ୟଲକ୍ଷ୍ମୀ ରାଉତ, ବାବା ଅଦ୍ୱିତାନନ୍ଦ, ଆମ୍ବା ସଭାପତି ରମାପଦ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଚରଣ ଜେନା, ଶିକ୍ଷାବିତ୍ ବିମଳ ପଣ୍ଡା, ଚୌଧୁରୀ ସତ୍ୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମ୍ବାଦିକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ୍ତ ଆଚାର୍ଯ୍ୟଙ୍କ ପରିଚାଳନାରେ ସାମ୍ବାଦିକ ଦେବେନ୍ଦ୍ର ନାଥ ସେଠୀ, ସରାଫତ ଅଲ୍ଲୀ, ଶାରଦା ପ୍ରସାଦ ସାମଲ, ସଞ୍ଜିତ ଦାସ, ସୂର୍ଯ୍ୟ ନାରାୟଣ ଦାଶ, ରଶ୍ମିରଞ୍ଜନ ମହାପାତ୍ର, ରୋଶନ ରଥ ପ୍ରମୁଖ ସହଯୋଗ କରିଥିଲେ।

## ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ଉତ୍ସବ

# ସ୍ମରଣିକା 'ସୌଦାମିନୀ' ଉନ୍ମୋଚିତ



କଣ୍ଟାପଡା,୧୭।୨(ସମିସ): "ଆହେ ଦୟାମୟ ବିଶ୍ୱ ବିହାରୀ" ପ୍ରାର୍ଥନାର ସ୍ରଷ୍ଟା ପୁଣ୍ୟତ୍ମା ରାମକୃଷ୍ଣ ନନ୍ଦଙ୍କ ୧୧୯ତମ ଜୟନ୍ତୀ ଉତ୍ସବ କଟକ ଜିଲ୍ଲା କଣ୍ଟାପଡା ବ୍ଲକ ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ସଭାଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟସଭା ସାଂସଦ ମୁନା ଖାଁ ମୁଖ୍ୟଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ଡ. ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା, ଅଧ୍ୟାପିକା ଡ. କବିତା ମିଶ୍ର, କବି ମଙ୍ଗଳା ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରକାଶ ନନ୍ଦଙ୍କ ସଂପାଦିତ ପରିଷଦର ସ୍ମରଣୀକା 'ସୌଦାମିନୀ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସେହିପରି କାର୍ତ୍ତିକଚନ୍ଦ୍ର ଷଡଙ୍ଗୀଙ୍କ 'ପ୍ରତୀଟରା ପ୍ରେମଗୀତି', ଡ. କବିତା ମିଶ୍ରଙ୍କ 'ସୃଜନ ପରିକ୍ରମା' ଓ ସଦାନନ୍ଦ ରାଉତରାୟଙ୍କ ଗଳ୍ପ ସଂକଳନ 'ରେବତୀର ଅବସୋସ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ.କବିତା ମିଶ୍ରଙ୍କୁ ରାମକୃଷ୍ଣ ନନ୍ଦ ପ୍ରତିଭା ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯିବା ସହ କୃତି ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରକାଶ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଗ୍ରାମ କେଶରୀ ରାଉତରାୟ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ରାଉତରାୟ, ସନ୍ତୋଷ ରାଉତ, ସୋନାଲି ମିଶ୍ର, ମୋନାଲି ମିଶ୍ର, ସୁମିତ୍ରା ମୁଦୁଲି, ଚିନ୍ମୟ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

କନ୍ଦରପୁର,୧୭।୨(ସମିସ): କଟକ ସଦର ଅନ୍ତର୍ଗତ କନ୍ଦରପୁରରେ ଥିବା ଇଂରାଜୀ ମାଧ୍ୟମିକ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଲିକୁଜ ଜମାନ ଖାନଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ହରିୟା ପରିଡ଼ା, ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ଇଂ ଉମେଶଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ବୈଜୟନ୍ତୀ ଜେନା ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ



ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. କାହ୍ନୁଚରଣ ଧିର୍, ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏଜିଏ ତପନ ଦାଶ, ସେଣ୍ଟ ଜାଭିୟର୍ସ ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଓ ସମ୍ପାଦକ ନରେଶଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମେକାନିକାଲ ମହାସଂଘର ସମ୍ମିଳନୀ



ଚୌଦ୍ୱାର,୧୭।୨(ସମିସ): ଅଲ ଓଡିଶା ମେକାନିକାଲ ମହାସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ବ୍ରାହ୍ମଣୀଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ସଭାପତି ଅରକ୍ଷିତ ରାଉଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ, ଖୋର୍ଦ୍ଧା, ଅନୁଗୋଳ, ଯାଜପୁର, ଜଗତସିଂହପୁର, ଢେଙ୍କାନାଳ ଓ ବ୍ରହ୍ମପୁର ସମେତ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। ମହାସଂଘ ପକ୍ଷରୁ ସମାଜ ବିକାଶ କାର୍ଯ୍ୟକ୍ରମ କରିବା ପାଇଁ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯିବା ସହିତ ଆୟବ୍ୟୟର ହିସାବ ଉପସ୍ଥାପନା କରାଯାଇଥିଲା। ନୂତନ ସଭ୍ୟ ତଥା ଜିଲ୍ଲା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ବୀରପାଲ ସିଂ, ଆଲମ ଖାନ, ଏସ.କେ. ଲୋକମାନ, ଏସ୍.କେ.ସୋହୁର, ବିଜୟ ମହାନ୍ତିଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିତ୍ତରଞ୍ଜନ ରଶ୍ମିରଞ୍ଜନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଶ୍ରୀଜୟଦେବ ସ୍ପୋର୍ଟିଂ କ୍ଲବ୍‌କୁ ହରାଇ ପାରାମାଉଣ୍ଟ ବିଜୟୀ



ଫୁଲନଖରା,୧୭।୨(ସମିସ): ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଚିତ୍ତରଞ୍ଜନ ରଶ୍ମିରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚୂଡାନ୍ତ ମ୍ୟାଚ୍‌ରେ ନହରକଣ୍ଟା ଶ୍ରୀଜୟଦେବ ସ୍ପୋର୍ଟିଂ କ୍ଲବକୁ ଭୁବନେଶ୍ୱର ପାରାମାଉଣ୍ଟ କ୍ରିକେଟ୍ କ୍ଲବ ହରାଇଥିଲା। ସିଦ୍ଧେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ମ୍ୟାଚ୍‌ରେ ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୫୦ରନ୍ ସଂଗ୍ରହ କରିଥିବା ବେଳେ ଶ୍ରୀଜୟଦେବ ସ୍ପୋର୍ଟିଂ ସମସ୍ତ ୱିକେଟ୍ ହରାଇ ମାତ୍ର ୪୪ରନ୍ ସଂଗ୍ରହ କରିଥିଲା। ଉଦ୍‌ଯାପନୀ ସଭାରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ସ୍ୱର୍ଣ୍ଣ ହସ୍‌ପିଟାଲର ସିଏମ୍‌ଡି ଡ. ପ୍ରିୟବ୍ରତ ଧିର, ପେଟାଲ୍ସ ଇଣ୍ଟରନ୍ୟାସନାଲ ସ୍କୁଲର ଟ୍ରଷ୍ଟି ଡ. ପ୍ରିୟଦର୍ଶିନୀ ରଥ, ଉପଦେଷ୍ଟା ଅଶ୍ୱିନୀ ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ, ସମିତିସଭ୍ୟ ସତ୍ୟବ୍ରତ ଜେନା ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଅର୍ଥରାଶି ସହ ୱିନର୍ସ ଟ୍ରଫି ଓ ପରାଜିତ ଦଳକୁ ଅର୍ଥରାଶି ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ବୋଲର ଭାବରେ ରିତେଶ ପ୍ରିୟରଞ୍ଜନ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବରେ ସୁଦର୍ଶନ ସ୍ୱାଇଁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସିଦ୍ଧେଶ୍ୱର କ୍ଲବ୍‌ର ସଭାପତି ଧିରଜ ଜେନା, ସଂପାଦକ ବିଶ୍ୱଜିତ ବେହେରା, ଯୁଗ୍ମ ସଂପାଦକ ମାୟାଧର ରାଉତ, ସାଗର ମହାରଣା ଓ କ୍ରିକେଟ୍ ପ୍ରଶିକ୍ଷକ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୟୁନିୟନ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କନ୍ଦରପୁର,୧୭।୨(ସମିସ): ୪୨ ମୌଜା ବ୍ରହ୍ମପୁରଠାରେ ୟୁନିୟନ ବ୍ୟାଙ୍କ୍‌ର ଶାଖା କାର୍ଯ୍ୟାଳୟ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏବଂ କଟକ ସଦର ବିଧାୟକ ମୌଜା ଶାଖା ପରିଚାଳକ ବିକାଶ ସ୍ୱାଇଁ, ସରପଞ୍ଚ ରବିନ୍ଦ୍ର ପ୍ରଧାନ, ସମବାୟବିତ୍ ମହେନ୍ଦ୍ର ନାୟକ, ସମାଜସେବୀ ସମୀର ପଣ୍ଡା, ସନ୍ତୋଷ ପତି, ଉନ୍ନୟନ ପରିଷଦ ସଭାପତି



ପ୍ରକାଶଚନ୍ଦ୍ର ସେଠୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଏକ ସଭାରେ ଜୋନାଲ ମୁଖ୍ୟ ସର୍ବେସ ରଞ୍ଜନ, ରିଜିଓନାଲ ମୁଖ୍ୟ ସରୋଜ ରାଉତ, ୪୨ ଅନୀଲ ଦାସ, ସନ୍ତୋଷ ସାହାଣୀ, ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଧାୟକଙ୍କ ଜନଶୁଣାଣି ଓ କୃତଜ୍ଞତା ସଭା

ମାହାଙ୍ଗା,୧୭।୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତରେ ଜନଶୁଣାଣି ଓ କୃତଜ୍ଞତା ସଭା ମହିଳା ନେତ୍ରୀ ଯାଜ୍ଞସେନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ମଧୁପୁର ପଞ୍ଚାୟତରେ ମଧୁପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସାହାପୁର ପଞ୍ଚାୟତରେ ସାହାପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଆନନ୍ଦପୁର ପଞ୍ଚାୟତରେ ଆନନ୍ଦପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶୁଭ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଶତପଥୀ, ଭକ୍ତ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, ଅଜୟ ନାୟକ, ପ୍ରଭାତ ନାୟକ, ସଂଯୁକ୍ତା ନାୟକ, ଅରୁଣ ସେଠୀ, ମନୋରଞ୍ଜନ ବିଶ୍ୱାଳ, ରଶ୍ମିକାନ୍ତ ସ୍ୱାଇଁ, ଅମରେନ୍ଦ୍ର ସିଂ, ସୁରେଶ ବଳ, ଅଭିନ୍ନ ଜେନା, ସୁରେନ୍ଦ୍ର ମହାନ୍ତି, ମନୋଜ ନାଥ ପ୍ରମୁଖଙ୍କ ସହ ବହୁ କର୍ମୀ ଯୋଗଦେଇଥିଲେ। କ୍ଷୀରୋଦଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଡାଲିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବ




ଚୌଦ୍ୱାର,୧୭।୨(ସମିସ): ଚୌଦ୍ୱାରସ୍ଥିତ ଡାଲିଯୋଡା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। କେ.ସି.ପ୍ରତାପ ସିଂହଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜଳନ୍ଧର ଜାଲି, ଶରତ ଖୁଣ୍ଟିଆ, ଦିବ୍ୟଜ୍ୟୋତି ପାଣି, ରମାନାଥ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟ ପତ୍ରିକା 'ଡାଲିଯୋଡ଼ା' ଉନ୍ମୋଚିତ ହୋଇଥିଲା। ପ୍ରତିଷ୍ଠାତା ସମ୍ପାଦକ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସମ୍ପାଦକ ଶ୍ରୀନିବାସ ବେହେରା ସଂସଦ ବିବରଣୀ ପାଠ କରିଥିଲେ। ଶୈଳେଶ ମୁଖୀ ଧନ୍ୟବାଦ ଅର୍ପଣ କରିଥିଲେ। କବି ବୈଦ୍ୟନାଥ ଖିଲାର ଓ ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

# ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

ଚୌଦ୍ୱାର,୧୭।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ପାଞ୍ଚ ପରଗଣା ତୈଳିକ ବୈଶ୍ୟ ସମାଜର ୪୫ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ପରଗଣାର ସଭାପତି ଦୟାନିଧି ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭାର ସଭାପତି ରଘୁ ସାହୁ, ଡା.ଉତ୍ତମ ଚରଣ ସାହୁ, ଗୁରୁ କିଙ୍କର ଜେଠୀ, ବିପ୍ରବର ସାହୁ, ବ୍ରଜବନ୍ଧୁ ସାହୁ, ସନ୍ତୋଷ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପାଞ୍ଚପରଗଣାର କର୍ମକର୍ତ୍ତା ପରମାନନ୍ଦ ସାହୁ, ମହେନ୍ଦ୍ର ସାହୁ, ଶିବ ଶଙ୍କର ସାହୁ, ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ମଙ୍ଗରାଜପୁର ତୈଳିକ ବୈଶ୍ୟ ସମାଜର ମୁରବୀ ନରେନ୍ଦ୍ର ସାହୁ, ଅଲେଖ ସାହୁ, ସୁବାସ ସାହୁ, ଈଶ୍ୱର ସାହୁ, ଧର୍ମାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'କୁବେରପୁତ୍ର'କୁ ଅତିଥିମାନେ ଉନ୍ମୋଚନ କରିବା ସହିତ ଗ୍ରାମର ଅସହାୟ ଲୋକଙ୍କୁ ଭତ୍ତା, କୃତୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ଓ ଅସହାୟ ମହିଳାଙ୍କୁ ସିଲାଇ ମେସିନ ପ୍ରଦାନ କରାଯାଇଥିଲା। ମାୟାଧର ସାହୁ ଧନ୍ୟବାଦ ଦେଇଥିଲେ।

# ହରିଅନ୍ତା ଚାମ୍ପିଅନ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

● କ୍ୱାର୍ଟରରେ ମୂଳକୋଦିଣ୍ଡା ଓ ସାଇଁଶୋ



ଫୁଲନଖରା,୧୭।୨(ସମିସ): ବାରଙ୍ଗ ବ୍ଲକ ହରିଅନ୍ତା ଗ୍ରାମ୍ୟ ଖେଳପଡିଆରେ ଉଦୟନାଥ କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ହରିଅନ୍ତା ଚମ୍ପିୟନ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ ସଂପାଦକ ବଂଶୀଧର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପ୍ରଧାନ, ସମିତିସଭ୍ୟ ବୈକୁଣ୍ଠ ବେହେରା, ସମାଜସେବୀ ସୁଶାନ୍ତ ନାୟକ, ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର, ଏସ୍‌ୟୁଜେ କଟକ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଅଜୟ କୁମାର ଦାଶ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ୧୮ଟି କ୍ରିକେଟ୍ ଦଳକୁ ନେଇ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଶଙ୍ଖତ୍ରାସକୁ ହରାଇ ମୂଳକୋଦିଣ୍ଡା ବିଜୟୀ ହେବା ସହ ଦ୍ୱିତୀୟ ମ୍ୟାଚ୍‌ରେ ଉଲାରକୁ ହରାଇ ସାଇଁଶୋ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଲକ୍ଷ୍ମୀଧର ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ଓ ଦେବେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଉଦୟନାଥ କ୍ରିକେଟ୍ ଆସୋସିଏସନ୍‌ର ସମସ୍ତ ସଭ୍ୟ ପରିଚାଳନା କରିଥିଲେ।

# ମାହାଙ୍ଗା ସାହିତ୍ୟ-ସଂସ୍କୃତି ପରିଷଦର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

## ବୈଷ୍ଣବ ଚରଣ ସାମଲଙ୍କୁ ସମ୍ବର୍ଦ୍ଧନା

ମାହାଙ୍ଗା,୧୭।୨(ସମିସ)




ଗତକାଲି ମାହାଙ୍ଗା ସାହିତ୍ୟ-ସଂସ୍କୃତି ପରିଷଦର ରଜତ ଜୟନ୍ତୀ ଉତ୍ସବ ତଥା ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ମେଡିକାଲ ଛକସ୍ଥିତ ଆଦି ନାଟ୍ୟକାର ସ୍ମୃତି ମଣ୍ଡପଠାରେ ପରିଷଦର ସଭାପତି ପ୍ରଫେସର ଭୁବନାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହେଉଥିବା ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ପରିଷଦ ପକ୍ଷରୁ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା 'ସମାଲୋଚନା ସମ୍ରାଟ' ଅର୍ପଣ କରାଯାଇଥିଲା। ପରିଷଦର ବରିଷ୍ଠ ସଦସ୍ୟ ରସରାଜ ବୀରକିଶୋର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ଭାବଗ୍ରାହୀ ଦାଶ ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଆରମ୍ଭରେ ଭୁବନାନନ୍ଦ ସାହୁଙ୍କ ଶ୍ରେଷ୍ଠଗଳ୍ପ, ଶ୍ରୀଧର ଶେଖର ମହାପାତ୍ରଙ୍କ ବାଟରେ ବାଟରେ, ଶାରଦା ପ୍ରସାଦ ମିଶ୍ରଙ୍କ ଛିନ୍ନବୀଣା ଓ ଶ୍ରୀହନୁମାନ ଚାଳିଶା ଭାଷ୍ୟ ଏବଂ ସୁଷମା ବାରିକଙ୍କ ବିବିଧ ବର୍ଣ୍ଣା ପ୍ରଫେସର ସାମଲଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ରାଜ୍ୟର ୨୫ଜଣଙ୍କୁ ସେମାନଙ୍କର ବିଶେଷ ସାହିତ୍ୟ କୃତି ପାଇଁ ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଅଜୟ କୁମାର ମିଶ୍ର, ଅଜିତ୍ କୁମାର ମହାପାତ୍ର, ଇନ୍ଦୁପ୍ରଭା ସାମଲ, ଗିରୀଶ ସାହୁ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଗୌତମ ଜେନା, ଜ୍ଞାନୀ ଦେବାଶିଷ ମିଶ୍ର, ଦିଲୀପ କୁମାର ବେଉରା, ଦିଲ୍ଲୀପ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ବସନ୍ତ କିଶୋର ସାହୁ, ବସନ୍ତ କିଶୋର ସାହୁ, ବସନ୍ତ ଘୋଷ, ବିଜୟ ରାଉତ, ବିଧୁଭୂଷଣ ପଣ୍ଡା, ବିରଞ୍ଚି ସାହୁ, ବୈକୁଣ୍ଠନାଥ ପରିଡ଼ା, ବୈଜୟନ୍ତୀ ମିଶ୍ର, ଭାନୁମତୀ ସାହୁ, ମହେନ୍ଦ୍ର ଘଡେଇ, ମୌସୁମୀ ପରିଡ଼ା, ସୁଧୀର ଚନ୍ଦ୍ର ବେହୁରା, ସୁଷମା ବାରିକ, ଶାରଦା ପ୍ରସାଦ ମିଶ୍ର, ଶ୍ରୀକାନ୍ତ ଦାସ ଓ ଶ୍ରୀଧର ଶେଖର ମହାପାତ୍ର। ମୁଖ୍ୟଅତିଥି ପ୍ରଫେସର ସାମଲ ସାମ୍ପ୍ରତିକ ସାହିତ୍ୟର ରୂପରେଖ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ସତ୍ୟବ୍ରତ ବେହୁରା ସମ୍ବର୍ଦ୍ଧନା ଉତ୍ସବକୁ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଭୂପେନ୍ ଚାଟାର୍ଜୀ ଧନ୍ୟବାଦ ଦେଇଥିଲେ।

# ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ସାଲେପୁର, ୧୭।୨(ସମିସ): ସାଲେପୁର ଏସ୍‌ଡିପିଓ ଭାବେ ଆଜି ବିରଞ୍ଚିନାରାୟଣ ପତି କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି। ସେ ଏହା ପୂର୍ବରୁ ପିପିଲି ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିବାବେଳେ ବଦଳି ହେଲା ପରେ ଆଜି ସାଲେପୁର ଏସ୍‌ଡିପିଓ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି। ସେ ପିପିଲି ଏସ୍‌ଡିପିଓ ଭାବେ କାର୍ଯ୍ୟକରି ବହୁ ସୁନାମ ଅର୍ଜନ କରିଛନ୍ତି। ସେ ମଧ୍ୟ ୧୦ ବର୍ଷ ଧରି କମିଶନରେଟ୍ ପୁଲିସରେ କାର୍ଯ୍ୟକରି ନିଜର ଦକ୍ଷତା ପରିଚୟ ଦେଇଛନ୍ତି। ସେ ଆଜି ଏସ୍‌ଡିପିଓ ଭାବେ କାର୍ଯ୍ୟରେ ଯୋଗଦେବା ପରେ ସାଲେପୁର ଆଦର୍ଶ ଥାନାଧିକାରୀ ମନୋଜ ସ୍ୱାଇଁ, ନିଶ୍ଚିନ୍ତକୋଇଲି ଥାନାଧିକାରୀ ଯୁଗଳ କିଶୋର ଦାଶ, କିଶୋରନଗର ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତି, ମାହାଙ୍ଗା ଥାନାଧିକାରୀ ତପନ ରାଉତ, ନେମାଳ ଥାନାଧିକାରୀ ସୁଶୀଳ ନାୟକ, ଭଦ୍ରେଶ୍ୱର ଥାନାଧିକାରୀ ସନ୍ଧ୍ୟାରାଣୀ ସିଂହ ତାଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି। କାର୍ଯ୍ୟରେ ଯୋଗଦେଲା ପରେ ଶ୍ରୀ ପତି ଲୋକମାନେ ସଠିକ୍ ଭାବେ କିପରି ତ୍ୱରିତ ନ୍ୟାୟ ପାଇବେ ଓ ସାଲେପୁର ସମେତ ବିଭିନ୍ନ ଥାନା ଅଞ୍ଚଳରେ କିପରି ଅସାମାଜିକ କାର୍ଯ୍ୟକୁ ରୋକାଯିବ, ସେ ଦିଗରେ ଗୁରୁତ୍ୱଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ତ୍ରୁଟିପୂର୍ଣ୍ଣ ଆଧାର ଲିଙ୍କ

# ସୁଭଦ୍ରା ଯୋଜନାରୁ ମହିଳା ବଞ୍ଚିତ; ତଦନ୍ତ ଦାବି

ଭଦ୍ରେଶ୍ୱର, ୧୭।୨(ସମିସ)

ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାରୁ ମାହାଙ୍ଗା ଅଞ୍ଚଳର ଜଣେ ମହିଳା ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ମାହାଙ୍ଗା ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ଦୁଲାରପୁର ଗ୍ରାମର ଶଶିରେଖା ପରମାଣିକ ଗତ ସେପ୍ଟେମ୍ବର ୧୨ ତାରିଖ ଦିନ ରାଜ୍ୟ ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପାଇବା ନିମନ୍ତେ ଆବେଦନ କରିଥିଲେ। ମାତ୍ର ଶଶିରେଖାଙ୍କର ଆଧାର ଲିଙ୍କ ନ ଥିଲା। ଆଧାର ଲିଙ୍କ କରିବା ନିମନ୍ତେ ଶଶିରେଖାଙ୍କୁ ସ୍ଥାନୀୟ ଭଦ୍ରେଶ୍ୱର ଠାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କୁ ବାରମ୍ବାର ଯିବା ପାଇଁ ପଡ଼ିଥିଲା। ମାତ୍ର ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ବାରମ୍ବାର ନିରାଶରେ ଫେରାଇଥିଲେ। ୧୭ଥର ବ୍ୟାଙ୍କକୁ ଯିବା ପରେ ଶଶିରେଖାଙ୍କର ଆଧାର ଲିଙ୍କ କରାଯାଇଥିଲା। ମାତ୍ର ବ୍ୟାଙ୍କ କର୍ମଚାରୀମାନଙ୍କର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କରାଯାଇଥିବାର ଶଶିରେଖା ଅଭିଯୋଗ କରିଛନ୍ତି। ବ୍ୟାଙ୍କ କର୍ମଚାରୀ ଆଧାର ଲିଙ୍କ କଲାବେଳେ ଅନ୍ୟଜଣେ ବ୍ୟକ୍ତିଙ୍କ ଜମାଖାତାରେ ଆଧାର ଲିଙ୍କ କରିଥିବାର ଶଶିରେଖା ଅଭିଯୋଗ କରିଛନ୍ତି। ବ୍ୟାଙ୍କର ତ୍ରୁଟିଯୋଗୁଁ ଶଶିରେଖାଙ୍କ ସୁଭଦ୍ରା ସହାୟତା ରାଶି ଅନ୍ୟଜଣେ ବ୍ୟକ୍ତିଙ୍କ ଜମାଖାତାକୁ ଚାଲିଯାଇଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶଶିରେଖା ବ୍ୟାଙ୍କକୁ ଯାଇ କର୍ମଚାରୀଙ୍କୁ ପଚାରିବାରୁ ତାଙ୍କର ୨ଟି ଆଧାର ଥିବାର ଏଭଳି ତ୍ରୁଟି ହୋଇଥିବାର ସଫେଇ ଦିଆଯାଇଥିଲା। ତେବେ ଏହି ଟଙ୍କା କାହା ଜମାଖାତାକୁ ଯାଇଛି ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅପରପକ୍ଷରେ ବ୍ୟାଙ୍କ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଶଶିରେଖା ସୁଭଦ୍ରା ଯୋଜନାର ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷରେ ଶଶିରେଖାଙ୍କ ମୋବାଇଲକୁ ବାର୍ତ୍ତା ଆସିଥିଲା ବେଳେ ତାଙ୍କ ଜମାଖାତାକୁ କୌଣସି ଅର୍ଥ ଆସି ନ ଥିବାର ଶଶିରେଖା ଅଭିଯୋଗ କରିଛନ୍ତି। ତେବେ ସରକାର ଆଧାର ଲିଙ୍କ ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏଭଳି ତ୍ରୁଟି ନିମନ୍ତେ କିଏ ଦାୟୀ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଶଶିରେଖା ଦାବି କରିଛନ୍ତି।

## ମଦ ଜବତ, ଜଣେ ଗିରଫ

ଆଠଗଡ଼, ୧୭।୨(ସମିସ): ଆଠଗଡ଼ ପୁଲିସ ପକ୍ଷରୁ ରବିବାର ରାତିରେ ପାଟ୍ରୋଲିଂ ସମୟରେ ପୁରୁଣା କଟକ ସମ୍ବଲପୁର ରାସ୍ତାର ନଡ଼ୁଆପଡ଼ା ବ୍ରିଜ ନିକଟରେ ବାଇକରେ ଦେଶୀ ମଦ ଚୋରାରେ ନେଉଥିବା ଜଣଙ୍କୁ ପୁଲିସ କାବୁ କରି ଥାନାକୁ ଆଣିଥିଲେ। ସମ୍ପୃକ୍ତ ଯୁବକଙ୍କୁ ସୋମବାର କୋର୍ଟ ଚାଲଣ କରାଯାଇଛି। ଆସାମୀ ଜଣକ ହେଲେ ବଡମ୍ବା ଥାନା ଅନ୍ତର୍ଗତ ବିଶ୍ୱମ୍ବରପୁର ଗ୍ରାମର ରବି ନାଏକ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ପୁଲିସ ଗାଡିକୁ ଜବତ କରିଥିବା ବେଳେ ଶହେ ଲିଟର ଦେଶୀମଦ ଜବତ କରିଛି।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ

ସାଲେପୁର, ୧୭।୨(ସମିସ): ରଟିଲୋ ବଜାରର ସର୍ବପୁରାତନ ବ୍ୟବସାୟୀ ଫକିର ଚରଣ ସାହୁଙ୍କର ଗତକାଲି ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଅସୁସ୍ଥ ଥିଲେ। ଗତକାଲି ତାଙ୍କ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନଭାଇ, ପୁତୁରା, ଭଣଜା, ଝିଅଜ୍ୱାଇଁ, ବୋହୂ, ନାତିନାତୁଣୀ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା।



ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଶମ୍ଭୁନାଥ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ରଟିଲୋ ସରପଞ୍ଚ ମନମୋହନ ସ୍ୱାଇଁ, ପ୍ରମୋଦ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଡ. ଅଜିତ ମହାପାତ୍ରଙ୍କୁ ଗଣକବି ସମ୍ମାନ

ନିଶ୍ଚିନ୍ତକୋଇଲି, ୧୭।୨(ସମିସ): ଟ୍ରିମସ୍ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ଅଜିତ କୁମାର ମହାପାତ୍ରଙ୍କୁ ଗଣକବି ବୈଷ୍ଣବ ପାଣି ଗବେଷଣା ସମ୍ମାନ ପ୍ରଦାନ କରାଯାଇଛି। ପାଣି ସାହିତ୍ୟର ଜଣେ ବିଶିଷ୍ଟ ଗବେଷକ ଭାବେ ନିଜକୁ ନିୟୋଜିତ କରିବା ସହିତ ବହୁ ପ୍ରବନ୍ଧ, ଆଲୋଚନା, ସୃଜନାତ୍ମକ ରଚନା, ମହାପୁରୁଷଙ୍କ ଜୀବନୀ ରଚନା କରି ଓଡ଼ିଆ ଭାଷା ସାହିତ୍ୟକୁ ପରିପୃଷ୍ଟ କରିବାରେ ଉଦ୍ୟମ ଜାରି ରଖି ବେଶ ଆଦୃତ ଲାଭ କରିଥିବାରୁ ଶ୍ରୀ ମହାପାତ୍ର ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।



ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦର ରଜତ ଜୟନ୍ତୀ ଉତ୍ସବ ଅବସରରେ ସଭାପତି ଡ. ଭୁବନାନନ୍ଦ ସାହୁଙ୍କ ପୌରୋହିତ୍ୟରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଶ୍ରୀ ମହାପାତ୍ରଙ୍କୁ ଉପଢୌକନ, ସ୍ମୃତିଫଳକ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ବହୁ ଅଧ୍ୟାପକ ଅଧ୍ୟାପିକା, ସାହିତ୍ୟିକ ଓ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକ

କଟକ, ୧୭।୨(ସମିସ): ବରିଷ୍ଠ ଫଟୋ ସାମ୍ବାଦିକ ହୃଦୟନାଥ ଦାସଙ୍କ ପରଲୋକରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକ ପାଳନ କରାଯାଇଛି। ପରଲୋକ ଖବର ପାଇବା



ପରେ ସଂଘର କର୍ମକର୍ତ୍ତାମାନେ ସୂତାହାଟସ୍ଥିତ ବାସଭବନକୁ ଯାଇ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ କମିଟି ସଭ୍ୟ ମନୋଜ ପାଲ, କେ ବେଣୁ ରାଓ, ହାଡିବନ୍ଧୁ ବେହେରା ଓ କାର୍ତ୍ତିକ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ସିପିଆଇ-ଏମ୍‌ର ଶୋକ

ରାଜ୍ୟର ପ୍ରଥମ ପ୍ରେସ ଫୋଟୋଗ୍ରାଫର୍ ହୃଦୟନାଥ ଦାସଙ୍କ ବିୟୋଗରେ ସିପିଆଇ (ଏମ୍) କଟକ ଜିଲ୍ଲା କମିଟି ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସାମାଜିକ ପରିବର୍ତ୍ତନ ପାଇଁ ଅଙ୍ଗୀକାର ବଦ୍ଧତା ବିନା ଜୀବନ ସାରା ସାମାଜିକ କାର୍ଯ୍ୟରେ ଦୁଃଖ କଷ୍ଟକୁ ସହି ଶେଷ ଜୀବନ ପର୍ଯ୍ୟନ୍ତ ରହିବା ଅତ୍ୟନ୍ତ କଷ୍ଟକର କରିଥିଲା ବୋଲି ପାର୍ଟି ତରଫରୁ କୁହାଯାଇଛି। ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଶ୍ରୀ ଦାଶଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଛି।

# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା



ବଡମ୍ବା, ୧୭।୨(ସମିସ): ବଡମ୍ବା ମଣ୍ଡଳସ୍ତରୀୟ ନିପୁଣ ମେଳା ସୋମବାର ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ବଡମ୍ବାଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମଉଗଜ ସିଂହଙ୍କ ପୌରୋହିତ୍ୟ ଏବଂ ସାଧନ ସଂଯୋଜକ ବୈଦ୍ୟନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସହ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସହ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ରଥ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର କରଣ ଏବଂ ସହ ଶିକ୍ଷା ଅଧିକାରୀ ନିର୍ମଳା ବେହେରା ପ୍ରମୁଖ ଯୋଗଦେଇଥିଲେ। ବଡମ୍ବା ବ୍ଲକର ସମସ୍ତ ସିଆରସିଙ୍କ ତତ୍ତ୍ୱାବଧାନରେ ଇଚ୍ଛାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ଏଫ୍‌ଏଲଏନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ। ଶିକ୍ଷକ ସମୀର କୁମାର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବୀରବର ବାରିକ ଧନ୍ୟବାଦ ଦେଇଥିଲେ।

# ଉତ୍କୃଷ୍ଟ ମୁଗ ଓ ବିରି ବିହନ ବଣ୍ଟନ



ଫୁଲନଖରା, ୧୭।୨(ସମିସ): ଉରାଳୀ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନଙ୍କୁ ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଦ୍ୱାରା ପ୍ରଦତ୍ତ ଉତ୍କୃଷ୍ଟ ଧରଣର ମୁଗ ଓ ବିରି ବିହନ ବଣ୍ଟନ କରାଯାଇଛି। ସରପଞ୍ଚ ଅଭିଷେକ ବେହେରା ଓ ସମିତିସଭ୍ୟ ଶୁକଦେବ ମଲ୍ଲିକ ଉପସ୍ଥିତ ରହି ପଞ୍ଚାୟତର ସଇନ୍ଧା, ନଛିପୁର, ଉରାଳୀ ଓ ଜରିପଡ଼ା ଗ୍ରାମର ପ୍ରାୟ ୨ଶହ ଚାଷୀଙ୍କୁ ଏହି ବିହନ ବଣ୍ଟନ କରିଥିଲେ। ରାଜ୍ୟରେ ଡାଲି ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉକ୍ତ ବିହନକୁ କିଭଳି ଚାଷୀମାନେ ନିଜ ଚାଷଜମିରେ ବିନିଯୋଗ କରି ଅଧିକ ଅମଳକ୍ଷମ ହୋଇପାରିବେ ସେ ବିଷୟରେ ମଧ୍ୟ ବୈଷୟିକ ପରାମର୍ଶ ଗ୍ରାମ୍ୟ କୃଷି ଅଧିକାରୀ ଶ୍ରୀନିବାସ ଦାଶ ଚାଷୀମାନଙ୍କୁ ଦେଇଥିଲେ। ବିହନ ସହିତ କୀଟନାଶକ, ଘାସମରା ଓ ବିଭିନ୍ନ ଔଷଧ ମଧ୍ୟ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା। କୃଷକ ସାଥୀ ପ୍ରକାଶଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ଟ୍ରିମ୍‌ସରେ ଶୋକସଭା



କଟକ, ୧୭।୨(ସମିସ): ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରୀକ୍ଷା ପରିଚାଳନା ବିଭାଗରେ କାର୍ଯ୍ୟରତ କର୍ମଚାରୀ ମଧୁସୂଦନ ମାରାଣ୍ଡି (୨୬)ଙ୍କ ଅକାଳ ବିୟୋଗରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ପୌରୋହିତ୍ୟରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର ଡ. ଭକ୍ତଚରଣ ପ୍ରଧାନ, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରଫେସର ରାଜୀବ ଅଗ୍ରୱାଲ, ଡ. ବିଶ୍ୱରଞ୍ଜନ ମହାନ୍ତି, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ମଧୁସୂଦନଙ୍କ ଘର କେନ୍ଦୁଝର ଜିଲ୍ଲାରେ। ଗତ ଶନିବାର ଅପରାହ୍ନରେ ସେ ବାଇକ ଯୋଗେ କରଞ୍ଜିଆ ଯିବାବେଳେ ଭଗାମୁଣ୍ଡା-ହରିଚନ୍ଦପୁର ରାସ୍ତାର ମଙ୍ଗଳପୁର ଛକରେ ଏକ ବୁଲେଟ ମୋଟର ସାଇକଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ମଧୁସୂଦନଙ୍କ ମୃତ୍ୟୁ ହୋଇଥିଲାବେଳେ ତାଙ୍କ ସାଙ୍ଗ ଗୁରୁତର ଆହତ ହୋଇଥିଲେ। ମଧୁସୂଦନଙ୍କ ଅକାଳ ବିୟୋଗରେ ତାଙ୍କ ଗ୍ରାମ ଭଗାମୁଣ୍ଡା ଓ କର୍ମସ୍ଥଳୀ ଟ୍ରିମ୍‌ସରେ ଶୋକର ଛାୟା ଖେଳିଯାଇଛି।

# ଅବସରପ୍ରାପ୍ତ ସୈନିକ ସଂଘର ସଭା



ସାଲେପୁର, ୧୭।୨(ସମିସ): ସାଲେପୁରସ୍ଥିତ ଅବସରପ୍ରାପ୍ତ ସୈନିକ ସଂଘର ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ତେନ୍ତୋଳସ୍ଥିତ ଲିମ୍ବଗାଦୀ ପୀଠରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ୬୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନିକ ତାଙ୍କ ପରିବାର ସହିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ସଂଘର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅନ୍ତାକ୍ଷରୀ, ତବଲା, ମ୍ୟୁଜିକ ଚେୟାରରେ ସମସ୍ତ ଭେଟେରାନ୍ ଅଂଶଗ୍ରହଣ କରିଥିଲେ। ମହିଳାଙ୍କ ଦ୍ୱାରା ଆଳୁଚାମଚ ଦୌଡ଼ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଭାଗର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଭାପତି ସରୋଜ ରାଉଳ, କାର୍ଯ୍ୟକାରିଣୀ ସଭାପତି ଯଯାତି କେଶରୀ କର, ପ୍ରିୟନାଥ ପରିଡ଼ା, ଶୁଭେନ୍ଦୁ ରଣା, ଶଶିକାନ୍ତ ଦାଶ, ଜୟଦେବ ଦାସ, ବିଜୟ ବରାଳ, ଆର୍ତ୍ତତ୍ରାଣ ନନ୍ଦ, ରବିନାରାୟଣ ବେହେରା, ଉମାକାନ୍ତ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ଶିଖର କବିଙ୍କ କବିତା ସଂକଳନ ଲୋକାର୍ପିତ

ନିଶ୍ଚିନ୍ତକୋଇଲି, ୧୭।୨(ସମିସ): ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାହିତ୍ୟ ସଂଗଠନ ନବଉତ୍କଳ ଲେଖକ ପରିଷଦର ସଭାପତି, ଉର୍ବୀ ପତ୍ରିକାର ସମ୍ପାଦକ ତଥା ଶିଖର କବି ଶ୍ରୀଧରଶେଖର ମହାପାତ୍ରଙ୍କ 'ବାଟରେ ବାଟରେ' କବିତା ସଂକଳନ ଲୋକାର୍ପିତ ହୋଇଛି। ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ପ୍ରଫେସର ଡ଼ଃ ଭୁବନାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଉକ୍ତ କବିତା ପୁସ୍ତକଟିକୁ ଲୋକାର୍ପଣ କରି ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧ ପାଇଁ ଏହା ଉପଯୋଗୀ ହେବା ସହିତ ସାଧାରଣରେ ଆଦୃତ ହେବା ପାଇଁ ପ୍ରକାଶ କରିଥିଲେ। ନାଟ୍ୟକାର ଭାବଗ୍ରାହୀ ଦାସ, କବି ରସରାଜ ବୀରକିଶୋର ସ୍ୱାଇଁ, ସାରସ୍ୱତ ସଂଗଠନ ଭୂପେନ ଚାଟାର୍ଜୀଙ୍କ ସମେତ ବହୁ ସାହିତ୍ୟିକ, କବି, ସମୀକ୍ଷକ, ସ୍ତମ୍ଭକାର ଓ ପ୍ରାବନ୍ଧିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କବିତା ପୁସ୍ତକଟି ପ୍ରକାଶକ ଦିଲ୍ଲୀପ ଦାସଙ୍କ ଦ୍ୱାରା ସଂକଳନ କରାଯାଇଥିଲା।

# ଶ୍ରୀବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଯାପିତ

ସାଲେପୁର, ୧୭।୨(ସମିସ)

ପାଟପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାନାଥଜୀଉ ମନ୍ଦିର ପରିସରରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ଯଥା ରୀତିନୀତିରେ ସମାପନ ହୋଇଥିଲା। ପୂର୍ଣ୍ଣାହୁତି ସମୟରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହ ଜୟ ଜଗନ୍ନାଥ, ଜୟ ରାଧାକାନ୍ତଜୀଉ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ସେହିପରି ଆଜି ସନ୍ଧ୍ୟାରେ ରାଧାକାନ୍ତଜୀଉ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱରର ସୁନାମଧନ୍ୟ ମେଲୋଡ଼ି ସୁରତାଲ୍ କ୍ରିଏଟିଭ୍‌ର କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଙ୍ଗୀତ ପରିବେଷଣ କରାଯିବା ସହ ଓଡ଼ିଶାର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, କ୍ରିଷ୍ଣା ମିଶ୍ର ସୁମଧୁର ଭଜନ ଗୁଡିକ ବେଶ ଚିତ୍ତାକର୍ଷକ ହେବା ସହ ଦର୍ଶକମାନଙ୍କୁ ପ୍ରୀତ କରିଥିଲା। ଅଭିନେତ୍ରୀ ପ୍ରୀତି ଜେନା, ଶିଶୁ କଳାକାର ତେଜ୍ ତନ୍ମୟ ଓ ଆଏଶାର ସଂଳାପ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ




ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ସାଲେପୁରର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଦିଲ୍ଲୀପ ଦାଶଙ୍କ ତତ୍ତ୍ୱାବଧାନରେ ୩ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ସାହୁ, ଜୟନ୍ତ ଦାଶ, ଶରତ ପ୍ରଧାନ, ହିମାଂଶୁ ଦାଶ, ବିଜୟ ଦାଶ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାଶ, ଜଗମୋହନ ଦାଶ, ହେମନ୍ତ କୁମାର, ବବ୍ରୁବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ସଞ୍ଜିତ୍ କୁମାର ଦାଶ, ଚଗଲା ଭୋଇ, ଦୁର୍ଯ୍ୟୋଧନ ବେହେରା, ଆଲୋକ ସାମଲଙ୍କ ସମେତ ପାଟପୁର ଓ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସହଯୋଗ କରିଥିଲେ।

# 'ବାଟରେ ବାଟରେ' କବିତା ସଙ୍କଳନ ଲୋକାର୍ପିତ

ଭଦ୍ରେଶ୍ୱର, ୧୭।୨(ସମିସ): ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶିଖର କବି ଶ୍ରୀଧର ଶେଖର ମହାପାତ୍ରଙ୍କ ରଚିତ 'ବାଟରେ ବାଟରେ' କବିତା ସଙ୍କଳନ ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦର ରଜତ ଜୟନ୍ତୀ ଉତ୍ସବରେ ଲୋକାର୍ପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଭୁବନାନନ୍ଦ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ ବୈଷ୍ଣବ ଚରଣ ସାମଲ ଯୋଗଦାନ କରି ଏହି ସଙ୍କଳନଟିକୁ ଲୋକାର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନାଟ୍ୟକାର ଭାବଗ୍ରାହୀ ଦାସ, କବିରସରାଜ ବୀରକିଶୋର ସ୍ୱାଇଁ, ସାରସ୍ୱତ ସଂଗଠକ ଭୂପେନ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟିକୁ ପ୍ରକାଶ କରିଛନ୍ତି ବିଶିଷ୍ଟ ପ୍ରକାଶକ ଦିଲ୍ଲୀପ କୁମାର ଦାସ ଏବଂ ଏଥିରେ ୧୩୬ ପୃଷ୍ଠା ରହିଛି। ଉର୍ବୀ ସାହିତ୍ୟ ପତ୍ରିକାର ସମ୍ପାଦକ ଶ୍ରୀଧର



ଶେଖର ମହାପାତ୍ରଙ୍କୁ ଏହି ଅବସରରେ ବିଶ୍ୱନାଥ କର ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପରିବାର ସମ୍ପାଦକ ପ୍ରମୋଦ ନାୟକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ପ୍ରବଚକ ସାରଦା ପ୍ରସାଦ ମିଶ୍ର, କବି ଖଗେଶ୍ୱର ମହାନ୍ତି, ବିଶେଶ୍ୱର ମହାନ୍ତି ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଖରାରେ ସିଝିଲେ ମିଶନ୍ ଶକ୍ତି ମା'

■ ୫ ଦିନ ଧରି ରାଜରାସ୍ତାରେ ଦାବି ପାଇଁ ଲଢୁଛନ୍ତି
■ ଇସି ସଂଘ ମହିଳାଙ୍କୁ ଭେଟିଲା ବିଜେଡି ପ୍ରତିନିଧି

**ଭୁବନେଶ୍ୱର, ୧୭।୨(ସମିସ):** ଦୀର୍ଘ ୫ ଦିନ ଧରି ଲୋୟର୍ ପିଏମ୍‌ଜିରେ ନିଜ ହକ୍ ପାଇଁ ଲଢୁଛନ୍ତି ମିଶନ ଶକ୍ତି ମା'। ହଜାରହଜାର ସଂଖ୍ୟାରେ ନିଖିଳ ଓଡ଼ିଶା ଜୀବିକା ମିଶନ୍‌ର ଇସି ସଂଘର ମହିଳା ୪ଦଫା ଦାବିରେ ଡହଡହ ଖରାରେ ଧାରଣାରେ ବସିଛନ୍ତି। ଏହି ଅବସରରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି ଇସି ସଦସ୍ୟାଙ୍କୁ ଭେଟି ଆଲୋଚନା କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାକୁ ଏହି ମା'ମାନେ ଲୋକଙ୍କ ପାଖରେ ପହଞ୍ଚାଇ ନିରବଚ୍ଛିନ୍ନ ସେବା ଯୋଗାଇ ଦେଉଥିବା ବେଳେ ସରକାର କାହିଁକି ସେମାନଙ୍କ କଥା ଶୁଣୁନାହାନ୍ତି ବୋଲି ବିଜେଡି ନେତାମାନେ କହିଛନ୍ତି। ସଂଘର ଦାବି ପୂରଣ ନ ହେବା ଯାଏଁ ବିଜେଡି ସମର୍ଥନ ସେମାନଙ୍କ ସହ ରହିଥିବ ବୋଲି ସେ କହିଛନ୍ତି। ଏହି ପ୍ରତିନିଧିଦଳରେ ବିଧାୟକ ଗଣେଶ୍ୱର ବେହେରା ଉପସ୍ଥିତ ରହି ସଂଘକୁ ନିଜ ସମର୍ଥନ ଜଣାଇବା ସହ ସରକାରଙ୍କ ଏପରି ଆକ୍ରୋଶ ମନୋଭାବ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବର୍ଷା ସିଂ ବରିହା, ବିଧାୟକ ଅରବିନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ରାଜଧାନୀ ରାସ୍ତାରେ ଭିଡ଼ କମାଇବାକୁ ୧୩ ହଜାର କୋଟି

**ଭୁବନେଶ୍ୱର,୧୭।୨(ସମିସ):** ଭୁବନେଶ୍ୱରରେ ଯାନବାହନର ପ୍ରବାହକୁ ସହଜ ଓ ସୁଗମ କରିବା ପାଇଁ ବଜେଟ୍‌ରେ ଏକ "ବିସ୍ତୃତ ସିଟି ରୋଡ୍ ଡିକଞ୍ଜେସନ୍ ଯୋଜନା" ପରିକଳ୍ପନା କରାଯାଇଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୩ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳ କରାଯାଇଛି। ଏଥିରେ ଭୁବନେଶ୍ୱରର ଆଉଟର ରିଙ୍ଗରୋଡ୍ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯିବ। ଏହାବ୍ୟତୀତ ସମଗ୍ର ଓଡ଼ିଶାରେ ଯୋଗାଯୋଗକୁ ସୁଦୃଢ଼ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟବ୍ୟାପୀ ସଡ଼କ ନେଟୱାର୍କ ଉନ୍ନତି ଯୋଜନା ପ୍ରସ୍ତୁତ କରାଯାଇଛି।

## ନଗର ଉନ୍ନୟନକୁ ୯୯୮୫ କୋଟି

**ଭୁବନେଶ୍ୱର,୧୭।୨(ସମିସ):** ରାଜ୍ୟରେ ବଜେଟ୍ ଭାଗୀଦାରି ଦୃଷ୍ଟିରୁ ଶ୍ରେଷ୍ଠ ୧୫ ବିଭାଗର ତାଲିକା ଜାରି କରାଯାଇଛି। ଏଥିରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗକୁ ୧୦ ନମ୍ବର ସ୍ଥାନରେ ସ୍ଥାନୀତ କରାଯାଇଛି। ବିଭାଗ ପାଇଁ ୯୯୮୫କୋଟି ଟଙ୍କାର ବଜେଟ୍ ଅଟକଳ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୬୧୬ କୋଟି ଟଙ୍କା ବଜେଟ୍ ଅଟକଳ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୧ଶହ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ସେହିପରି ସୁଜଳା ଯୋଜନାରେ ୭୩୨ କୋଟି ଟଙ୍କା, ସ୍ୱଚ୍ଛ ଓଡ଼ିଶା ଯୋଜନାରେ ୨୬୧ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ ୬୦୦କୋଟି ଏବଂ ନୂତନ ସହର ଉନ୍ନତୀକରଣ ପାଇଁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

## ବଜେଟ୍ ପ୍ରତିକ୍ରିୟା

### ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୧୭।୨(ସମିସ):** ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଉପସ୍ଥାପନ କରିଥିବା ବଜେଟ୍ ଐତିହାସିକ ଓ ଭବିଷ୍ୟତବାଦୀ । ୨୦୩୬ ଓ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ଏକ ସାମଗ୍ରିକ ବଜେଟ୍ ବୋଲି 'ଏକ୍ସ' ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଆଜିର ଲୋକକଲ୍ୟାଣକାରୀ ବଜେଟ୍ ଡବଲ ଇଞ୍ଜିନ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ। ଆଜିର ବଜେଟରୁ ରାଜ୍ୟର ଗରିବ, ଚାଷୀ, ମହିଳା, ଯୁବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ବଞ୍ଚିତ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ । ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାର ଅଭିବୃଦ୍ଧି ହେବ । ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ ଅଭିବୃଦ୍ଧି ଅଧିକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଆତ୍ମବିଶ୍ୱାସ କମ୍, ଆତ୍ମପ୍ରଚାର ଅଧିକ: ଭକ୍ତ



**ଭୁବନେଶ୍ୱର,୧୭।୨(ସମିସ):** ଓଡ଼ିଶା ସରକାର ଏହି ଆଠ ମାସ ଭିତରେ ୪୪୪୦୦ କୋଟି ଟଙ୍କାର ଋଣ ହାର ବୃଦ୍ଧି କରି ରାଜ୍ୟବାସୀଙ୍କୁ ଋଣଯନ୍ତାରେ ହନ୍ତସନ୍ତ କରିଛନ୍ତି। ଦଶଟି ଆଦିବାସୀ ଜିଲ୍ଲାରେ ଆଞ୍ଚଳିକ ବୈଷମ୍ୟତା ହ୍ରାସରେ ସରକାର ଅକ୍ଷମ ହୋଇଛନ୍ତି। ମିଶନ ଶକ୍ତିର ମାଆ ଓ ଭଉଣୀଙ୍କ ପ୍ରତି ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। କ୍ଷୁଦ୍ର ମଧ୍ୟମ ଶିଳ୍ପ, କୃଷି କ୍ଷେତ୍ରରେ ଅଭିବୃଦ୍ଧି ଦ୍ରୁତ ହାରରେ ନିମ୍ନଗାମୀ ହୋଇଛି। ସୁଭଦ୍ରା ଯୋଜନା, ଶ୍ରୀଅନ୍ନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ବରାଦ କମ୍ କରିବା ଶୁଭ ସଂକେତ ନୁହେଁ। ଏହି ବଜେଟ୍‌ରେ ଆତ୍ମବିଶ୍ୱାସ କମ୍ ମାତ୍ର ଆତ୍ମପ୍ରଚାର ଅଧିକ ରହିଛି। ରାଜ୍ୟର ମୁଦ୍ରାସ୍ଫୀତି ୬.୫ ପ୍ରତିଶତରେ ପହଞ୍ଚିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ରୋଜଗାର ସୃଷ୍ଟି କରିବା ଓ ବେକାର ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ଲାଗି ନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ଉପରେ ଆଖିଦୃଶିଆ ପଦକ୍ଷେପ ନ ନେବା ପ୍ରମାଣିତ କରୁଛି ଯେ ରାଜ୍ୟ ବଜେଟ ଜନ ବିରୋଧୀ ଓ ଦୁର୍ବଳ ବଜେଟ୍। ଡବଲ୍ ଇଞ୍ଜିନ୍ ସରକାର୍ ଓଡ଼ିଶା ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ଦୂରଦୃଷ୍ଟିସମ୍ପନ୍ନ ବଜେଟ: ମନମୋହନ



**ଭୁବନେଶ୍ୱର,୧୭ ।୨(ସମିସ):** ବିକଶିତ ଓଡିଶା ଗଠନ ପାଇଁ ଏହା ଏକ ଐତିହାସିକ, ଦୂରଦୃଷ୍ଟିସମ୍ପନ୍ନ ବଜେଟ ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଶ୍ରୀ ସାମଲ କହିଛନ୍ତି ଯେ ଓଡିଆ ଅସ୍ମିତାର ପ୍ରଚାର ପ୍ରସାର ସହିତ ସମାଜର ସବୁ ବର୍ଗଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ବଜେଟରେ ଆର୍ଥିକ ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଗ୍ରାଧିକାର ବିଶେଷ ଭାବେ ମଧ୍ୟବିତ୍ତ, ଅନ୍ନଦାତା, ମହିଳା, ଯୁବକ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଉନ୍ନତ ଜୀବନ ଧାରଣକୁ ଗୁରୁତ୍ୱ ଦେବା ସହିତ ରାଜ୍ୟର ସାମଗ୍ରିକ ଭିତ୍ତଭୂମିର ବିକାଶକୁ ନେଇ ସମୃଦ୍ଧ ଓଡିଶା ଗଠନର ଆକାଂକ୍ଷାକୁ ବାସ୍ତବ ରୂପାୟନ ପାଇଁ ଏହି ବଜେଟରେ ଖସଡା ପ୍ରସ୍ତୁତ କରାଯାଇଛି। ଗମନାଗମନ, କୃଷି, ଗ୍ରାମିଣ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ ଓ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ଏହା ବିକଶିତ ଓଡିଶା ଗଠନ ପାଇଁ ପଥ ପ୍ରସ୍ତୁତ କରିବ।

### ଡବଲ ଇଞ୍ଜିନ୍‌ର ଡ଼ବଲ ଧୋକା: ସିପିଏମ୍

**ଭୁବନେଶ୍ୱର,୧୭।୨(ସମିସ):** ରାଜ୍ୟର ବଜେଟ୍‌ର ଆକାର ୨ଲକ୍ଷ ୯୦ ହଜାର କୋଟି ଟଙ୍କା ରହିଛି। କିନ୍ତୁ ଯେଉଁ ଭଳି ଭାବେ ମୂଲ୍ୟବୃଦ୍ଧି ଏବଂ ମୁଦ୍ରାସ୍ଫୀତି ଘଟୁଛି ସେ ଦୃଷ୍ଟିରୁ ଏହା ବସ୍ତୁତଃ ଏକ ସଙ୍କୁଚିତ ବଜେଟ୍। ଦରବୃଦ୍ଧି ଓ ବେକାରୀ ସମସ୍ୟାର ସମାଧାନ ପାଇଁ କିଛି ନାହିଁ ବୋଲି ଓଡ଼ିଶା ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଦରବୃଦ୍ଧିକୁ ଲଗାମ ଲଗାଇବା ପାଇଁ କୌଣସି ପଦକ୍ଷେପ ନାହିଁ। ବେକାର ରହିଥିବା ଯୁବଶକ୍ତିଙ୍କ ନିଯୁକ୍ତି ପାଇଁ କୌଣସି ଯୋଜନା ନାହିଁ। ବନ୍ଦ କଳକାରଖାନା ଖୋଲିବା ପାଇଁ କୌଣସି ପ୍ରସ୍ତାବ ନାହିଁ .ଷୀକୂଳର ଋଣଛାଡ଼ ଉପରେ ରାଜ୍ୟ ବଜେଟ୍‌ରେ କୌଣସି ପ୍ରସ୍ତାବ ନାହିଁ। ପ୍ରତ୍ୟେକ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେବେ ବୋଲି ନିର୍ବାଚନୀ ପ୍ରତିଶୃତି କେବଳ ପ୍ରତିଶୃତିରେ ରହିଯାଇଛି। ଏହି ବଜେଟ୍ ରାଜ୍ୟର ଡବଲ ଇଞ୍ଜିନ୍ ସରକାରଙ୍କର ବ୍ୟର୍ଥତାକୁ ପ୍ରତିପାଦିତ କରୁଛି। ବୋଲି ଓଡ଼ିଶା ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି।

### ଉଚ୍ଚଶିକ୍ଷା ବିକାଶ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ

**ଭୁବନେଶ୍ୱର, ୧୭ ।୨(ସମିସ):** ବଜେଟରେ ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ପ୍ରସ୍ତାବ ଥିଲାବେଳେ ଦାଦନ ରୋକିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଶିଳ୍ପର ବିକାଶ ବିଶେଷକରି ମଧ୍ୟମ ଓ କ୍ଷୁଦ୍ର ଶିଳ୍ପର ବିକାଶ, କୃଷି ଓ ଉଚ୍ଚଶିକ୍ଷାର ବିକାଶ ପାଇଁ ବଜେଟରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ରାଜ୍ୟ ରାଜପଥର ଅଭିବୃଦ୍ଧି, ଶୀତଳ ଭଣ୍ଡାର ପ୍ରସ୍ତାବ, ଡ୍ରପ୍ ଆଉଟ୍ ରୋକିବା ପରି ଅନେକ ଭଲ ପ୍ରସ୍ତାବ ରହିଛି। କୃଷି ପାଇଁ ବ୍ୟୟବରାଦ ଗତ ବଜେଟ ଠାରୁ ଏଥର ଅଧିକ ଥିଲେ ମଧ୍ୟ ଛୋଟ ଚାଷିଙ୍କ ପାଇଁ ଅଧିକ ଋଣ ବ୍ୟବସ୍ଥାର ଆବଶ୍ୟକତା ଥିଲା। ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ସମାଧାନ ପାଇଁ ଅଧିକ ବଜଜେଟର ଆବଶ୍ୟକ ଥିଲା। ଜିଇଆର୍ ବୃଦ୍ଧି ପାଇଁ ବିଶେଷକରି ଅକାଂକ୍ଷୀ ବର୍ଗ ଓ ଅଞ୍ଚଳ ପାଇଁ ଆବଶ୍ୟକ ପଦକ୍ଷେପ ବଜେଟରେ ନାହିଁ ବୋଲି କହିଛନ୍ତି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ମୁଖ୍ୟ ଡ଼. ମାନସ ବେହେରା।

## ଖରା ପାଇଁ ସକାଳୁଆ କଲେଜ

**ଭୁବନେଶ୍ୱର, ୧୭ ।୨(ସମିସ):** ଖରା ପାଇଁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ସକାଳୁଆ ହେବ । ସାମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ବିସ୍ତୃତ ଏସ୍‌ଓପି ମଧ୍ୟ ଜାରି କରାଯାଇଛି। ହେଲେ ସକାଳୁଆ କ୍ଲାସ୍ କେବେ ଠାରୁ ହେବ ସେନେଇ ଏସ୍‌ଓପିରେ ଉଲ୍ଲେଖ କରାଯାଇ ନାହିଁ। ପରବର୍ତ୍ତୀ ସମୟରେ ଉଚ୍ଚ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ମଧ୍ୟାହ୍ନ ପରେ ବାହ୍ୟ କାର୍ଯ୍ୟକ୍ରମକୁ ବାରଣ କରିବା ସହ ପୂର୍ବ ନିର୍ଦ୍ଧାରିତ ସେସନ୍‌କୁ କମାଇବାକୁ କହିଛି। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରଚୁର ପରିମାଣର ପାନୀୟ ଜଳ ଓ ଓଆର୍‌ଏସ୍ ମହଜୁଦ ରଖିବେ। ନଳକୂପ ବା ପାଣି ପମ୍ପ ଖରାପ ହୋଇଥିଲେ ମରାମତି କରିବେ। ଏସ୍‌ଓପି ପାଳନକୁ ସୁନିଶ୍ଚିତ କରିବା ପାଇଁ ଏକ କମିଟି ଗଠନ କରିବାକୁ ମଧ୍ୟ କୁହାଯାଇଛି। ପ୍ରତିବର୍ଷ ମାର୍ଚ୍ଚ ପହିଲାରେ ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଉଥିବାବେଳେ ଚଳିତଥର ଫେବୃଆରୀ ମଧ୍ୟ ଭାଗରୁ ଏଥିପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ସମେତ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି।

## ରାଜ୍ୟରେ ଆଇଏଏସ୍-ଆଇପିଏସ୍ ମରୁଡ଼ି

**ଭୁବନେଶ୍ୱର,୧୭।୨(ସମିସ):** ରାଜ୍ୟରେ ପ୍ରଶାସନିକ ସେବା ଓ ପୁଲିସ୍ ସେବାର ବିଭିନ୍ନ କ୍ଷେତ୍ରରେ ବିପୁଳ ସଂଖ୍ୟକ ପଦ ଖାଲି ପଡ଼ିଛି। ଆଜି ଗୃହରେ ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି। ରାଜ୍ୟରେ ଓଡ଼ିଶା କ୍ୟାଡର୍‌ର ୨୪୮ ଆଇଏଏସ୍ ପଦ ଥିବା ବେଳେ ବର୍ତ୍ତମାନ ୧୪୨ଜଣ ଆଇଏଏସ୍ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ସେହିପରି ୧୯୫ ଆଇପିଏସ୍ ପଦ ରହିଥିବା ବେଳେ ବର୍ତ୍ତମାନ ୧୧୬ଜଣ ଆଇପିଏସ୍ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ୬୬ ଆଇଏଏସ୍ ଓ ୬୯ ଆଇପିଏସ୍ ଅଫିସର୍ ପଦ ଖାଲି ପଡ଼ିଛି। ୨ଜଣ ଆଇଏଏସ୍ ଅନ୍ତଃରାଜ୍ୟ ଡେପୁଟେସନ୍‌ରେ ଥିବା ବେଳେ କେନ୍ଦ୍ରୀୟ ଡେପୁଟେସନ୍‌ରେ ୨୨ ଆଇଏଏସ୍ ଅଧିକାରୀ ଓ ୫ବର୍ଷ ଧରି ୧୦ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନ୍‌ରେ ଅଛନ୍ତି।

## ଶଳା-ଭିଣୋଇକୁ ଗୁଳି

**ଅନୁଗୋଳ, ୧୭।୨(ସମିସ):** ସୋମବାର ରାତି ୧୦ଟାରେ ଅନୁଗୋଳ ଜିଲ୍ଲା ବନ୍ତଳା ଥାନା କହ୍ନେଇନଗରରେ ପୂର୍ବ ଶତ୍ରୁତାରୁ ଗୁଳିମାଡ଼ କରାଯାଇଛି। ଏଥିରେ ଗ୍ରାମର ଶିବରାମ ନାଏକ ଓ ବିଷ୍ଣୁଚରଣ ନାଏକ ଗୁରୁତର ଆହତ ହୋଇଛନ୍ତି। ଏମାନେ ସମ୍ପର୍କରେ ଶଳା-ଭିଣୋଇ ବୋଲି ଜଣାପଡ଼ିଛି। ଦୁଇଟି ବାଇକ୍‌ରେ ୫ ଦୁର୍ବୃତ୍ତ ଆସି ଏମାନଙ୍କୁ ଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଶିବରାମଙ୍କ ପେଟରେ ଗୁଳି ବାଜିଥିବା ବେଳେ ବିଷ୍ଣୁଙ୍କ ଦୁଇ ଜଙ୍ଘରେ ଗୁଳି ବାଜିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ କିଏ ଏବଂ କାହିଁକି ଏମାନଙ୍କୁ ଗୁଳିମାଡ଼ କଲା ତାହା ସ୍ପଷ୍ଟ ହୋଇନାହିଁ।

## ୯୦ ଲକ୍ଷ ବଟି ନଦେବାରୁ ବ୍ୟବସାୟୀଙ୍କୁ ହତ୍ୟା !



**ରାଉରକେଲା, ୧୭।୨ (ସମିସ):** ରାଉରକେଲା ସିଭିଲ ଟାଉନସିପ୍ ଅଞ୍ଚଳର କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କୁ ଅପହରଣ କରାଯିବା ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାକାରୀମାନେ କୁତ୍ରା ଥାନା ଅନ୍ତର୍ଗତ ଗମାରଡିହ ଅଞ୍ଚଳରେ ଶବ ଫିଙ୍ଗି ଦେଇଥିଲେ। ପୁଲିସ୍ ହତ୍ୟାକାଣ୍ଡର ଦୁଇଦିନ ପରେ ଶବ ଚିହ୍ନଟ କରି ତଦନ୍ତକୁ ଜୋରଦାର କରିଛି। ସେପଟେ, ଦାଦାବଟି ବାବଦକୁ ୯୦ ଲକ୍ଷ ଟଙ୍କା ନଦେବାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ସୂଚନାଯୋଗ୍ୟ, ରଘୁନାଥପାଲୀ ଥାନା ଅନ୍ତର୍ଗତ ସିଭିଲ ଟାଉନସିପ୍ ଅଞ୍ଚଳରେ ରହୁଥିବା ବିନୋଦ ଗତ ୧୪ ତାରିଖ ଦିନ ଘରୁ ନିଜ ବ୍ୟବସାୟିକ କାମରେ ଯାଇ ଆଉ ଘରକୁ ଫେରିନଥିଲେ। ତାଙ୍କ ଫୋନ ସୁଇଚ ଅଫ୍ ରହିବାରୁ ପରିବାରଲୋକ ତାଙ୍କୁ ଖୋଜିବା ପରେ ପୁଲିସକୁ ଜଣାଇଥିଲେ। ସେପଟେ କୁତ୍ରା ଥାନା ଅନ୍ତର୍ଗତ ଗମାରଡିହ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଅଚିହ୍ନା ଶବ ମିଳିବା ପରେ ପୁଲିସ୍ ସୋସିଆଲ ମିଡିଆରେ ତାଙ୍କ ଫଟୋ ଜାରି କରିବାରୁ ପରିବାରଲୋକ ଶବ ଚିହ୍ନଟ କରିଥିଲେ। ଆଜି ତାଙ୍କର ଦୁଇ ଝିଅ-ଜ୍ୱାଇଁ ଆସିବା ପରେ ରାଜଗାଙ୍ଗପୁର ଡାକ୍ତରଖାନାରେ ବିନୋଦଙ୍କ ଶବ ଚିହ୍ନଟ କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଆଜି ପରିବାରବର୍ଗ ବିନୋଦଙ୍କ ଶବକୁ ସମ୍ବଲପୁରସ୍ଥିତ ତାଙ୍କ ଘରକୁ ନେଇ ସେଠାରେ ଅନ୍ତିମ ସଂସ୍କାର କରିଥିବା ସୂଚନା ମିଳିଛି। ସେପଟେ କୁତ୍ରା ପୁଲିସ୍ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

■ ଭୀମସାର ନାଁରେ ସାଂଘାତିକ ଅଭିଯୋଗ

## ଦେଲେନି ଆଇସିୟୁ; ମହିଳା ମୃତ

**ବୁର୍ଲା, ୧୭।୨(ସମିସ):** ରୋଗୀ ସେବା କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ଭୀମସାର ନାଁରେ ପୁଣି ଆସିଛି ସାଂଘାତିକ ଅଭିଯୋଗ। ଜଣେ ଡାକ୍ତର ଓ ବିଭାଗୀୟ କର୍ମଚାରୀ ନିଜସ୍ୱ ସ୍ୱାର୍ଥ ଆଗରେ ଜଣେ ରୋଗୀଙ୍କ ଜୀବନ ବଳି ପକାଇ ଦେଇଛନ୍ତି। ଭୀମସାରୁ ଏମ୍ସ କିମ୍ବା ପ୍ରତିଷ୍ଠିତ ସରକାରୀ ଡାକ୍ତରଖାନା ରେଫର୍ କରି ନେଇଗଲେ, ପରେ ଆଉ ଚିକିତ୍ସା କରିବେନି ବୋଲି ଡାକ୍ତର ଧମକ ଦେଇଥିବା ରୋଗୀ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। ଏହାସହ ଭୀମସାର ବଦଳରେ ବୁର୍ଲାରେ ଏକ ପ୍ରତିଷ୍ଠିତ ଘରୋଇ ନର୍ସିଂ ହୋମକୁ ନିଅ, ସେଠାରେ ନିଜେ ଡାକ୍ତର ଯାଇ ଚିକିତ୍ସା କରିବେ ବୋଲି କହିବା ସହ ରେଫର ମଧ୍ୟ କରିଥିବା ଅଭିଯୋଗ ହୋଇଛି। ହେଲେ ଭୀମସାରରେ ଦୀର୍ଘ ସମୟ ଧରି ଆଇସିୟୁ ନ ମିଳିବା ଫଳରେ ରୋଗୀଙ୍କର ମୃତ୍ୟୁ ହୋଇଥିବା ରୋଗୀ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।



ସୂଚନାନୁସାରେ, ସମ୍ବଲପୁର ମୁଦିପଡ଼ା ସମଲେଶ୍ୱରୀ କଲୋନୀର ଜୟନ୍ତ ବାରିକଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ବାରିକ (୪୬) କିଡ୍‌ନୀ ସମସ୍ୟା ଯୋଗୁଁ ଭୀମସାରରେ ଭର୍ତ୍ତି ହୋଇଥିଲେ। ବିଜୟଲକ୍ଷ୍ମୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁର ଆବଶ୍ୟକତା ରହିଥିଲା। ତେବେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କୁ ବିଜୟଲକ୍ଷ୍ମୀଙ୍କ ସ୍ୱାମୀ ନେହୁରା ହେବା ସହ ଆଇସିୟୁ ପାଇଁ ଅନୁରୋଧ କରିଥିଲେ। ତେବେ ଡାକ୍ତର ନକହିଲେ ଆମେ ଆଇସିୟୁ ଦେବୁ ନାହିଁ ବୋଲି କହିଥିଲେ କର୍ମଚାରୀ। ଏହା ପୂର୍ବରୁ ଭୀମସାରରେ ଭର୍ତ୍ତି ଥିବା ସମୟରେ ସ୍ତ୍ରୀଙ୍କ ଅବସ୍ଥା ଦେଖି ସ୍ୱାମୀ ଏମ୍ସ ନେଇଯିବା ପାଇଁ ଡାକ୍ତରଙ୍କୁ କହିବା ପରେ ଡାକ୍ତର ରାଗିଯିବା ସହ ଏମ୍ସ ନେଲେ ଭବିଷ୍ୟତରେ କେବେ ଆଉ ସମ୍ପୃକ୍ତ ରୋଗୀଙ୍କୁ ଦେଖିବେ ନାହିଁ ବୋଲି ଧମକ ଦେବା ସହ ସ୍ଥାନୀୟ ନର୍ସିଂ ହୋମରେ ରଖ ଭଲ ଚିକିତ୍ସା ପାଇବ ବୋଲି କହିଥିଲେ। ହେଲେ ସେ କଥା ମାନି ନ ଥିବାରୁ ସେ ଆଇସିୟୁ ପାଇଁ ଲେଖୁ ନଥିଲେ। ଫଳରେ ୧୪ ତାରିଖ ରାତିରେ ବାଧ୍ୟ ହୋଇ ଆଇସିୟୁ ପାଇଁ ଡାକ୍ତରଙ୍କୁ ୧୫ ଥର ଫୋନ କରିବା ସତ୍ତ୍ୱେ ସେ ଫୋନ ଉଠାଇ ନ ଥିଲେ। ବାଧ୍ୟ ହୋଇ ରୋଗୀଙ୍କୁ ଡାକ୍ତର କହିଥିବା ନର୍ସିଂହୋମକୁ ନେଇ ପହଞ୍ଚିଥିଲେ। ହେଲେ ସେଠାରେ କାର୍ଯ୍ୟରତ ଥିବା ଅନ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନି।

ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ

## ହାଇକୋର୍ଟଙ୍କ ଜବାବ ତଲବ

**କଟକ,୧୭ ।୨(ସମିସ):** ସିଜିମାଳି ବକ୍ସାଇଟ୍ ଖଣିରୁ ଖଣିଜଦ୍ରବ୍ୟ ଉତ୍ତୋଳନ ପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମ ପରିବର୍ତ୍ତନ ପାଇଁ ଗ୍ରାମସଭାରେ ଗୃହୀତ ପ୍ରସ୍ତାବକୁ ବେଆଇନ ଦର୍ଶାଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ରାୟଗଡ଼ା ଜିଲ୍ଲାର ସୁଙ୍ଗେର ଓ କଳାହାଣ୍ଡି ଜିଲ୍ଲାର ତଳଆମ୍ବପଦର ପଞ୍ଚାୟତ ବାସିନ୍ଦାଙ୍କ ତରଫରୁ ୨୦୨୩, ଡିସେମ୍ବର ୮ ରେ ଗୃହୀତ ଗ୍ରାମସଭା ପ୍ରସ୍ତାବକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାରେ ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୋବିନ୍ଦ ମାଝୀ ଓ ଅନ୍ୟ ୯ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନରେ ଦର୍ଶାଯାଇଛି ଯେ ତଞ୍ଚକତା କରି ଜଙ୍ଗଲ ଜମିର କିସମ ପରିବର୍ତ୍ତନ ନେଇ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ବକ୍ସାଇଟ ଖନନ ପାଇଁ ଜଙ୍ଗଲ ଜମିର କିସମ ଅଣଜଙ୍ଗଲ ଜମିକୁ ପରିବର୍ତ୍ତନ ପାଇଁ ଏପରି ପ୍ରସ୍ତାବ ଗୃହୀତ କରାଯାଇଥିଲା। ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ବନ ନିବାସୀ(ବନ ଅଧିକାରକୁ ସ୍ୱୀକୃତି) ଆଇନ, ୨୦୦୬ରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରି ଗ୍ରାମସଭାରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ଲାଗି ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ୨୦୨୩, ଡିସେମ୍ବର ୮ ରେ ଗ୍ରାମସଭାରେ ଗୃହୀତ ପ୍ରସ୍ତାବକୁ ରଦ୍ଦ କରାଯାଉ ବୋଲି ଆବେଦନରେ ଦର୍ଶାଯାଇଛି। ମାମଲାରେ କେନ୍ଦ୍ର, ରାଜ୍ୟ ସରକାର, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାପାଳ, ବେଦାନ୍ତ ଲିମିଟେଡ୍ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଜେଲ୍ ଗଲେ ଲେଫ୍ରିପଡ଼ା ତହସିଲ କିରାଣି, ମଧ୍ୟସ୍ଥି

**ସୁନ୍ଦରଗଡ଼,୧୭।୨(ସମିସ):** ଏକ ଜମି ଚିହ୍ନଟ ଆବେଦନର ଫାଇଲ କାମ ଲାଗି ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ଅଧିକାରୀଙ୍କ ଦ୍ୱାରା ଲେଫ୍ରିପଡ଼ା ତହସିଲର କନିଷ୍ଠ କିରାଣି ଗୋଲେଖ ନାଏକ ଏବଂ ଜଣେ ମଧ୍ୟସ୍ଥି ଗିରଫ ହୋଇଛନ୍ତି। ମଶାବିରା ଗ୍ରାମର ଅନନ୍ତ ପ୍ରଧାନ ତାଙ୍କ ଜମି ଚିହ୍ନଟ ପାଇଁ ଲେଫ୍ରିପଡ଼ା ତହସିଲରେ ମାସକ ତଳେ ଆବେଦନ କରିଥିଲେ। କନିଷ୍ଠ କିରାଣି ଶ୍ରୀ ନାଏକ ଉକ୍ତ ଜମି ଚିହ୍ନଟ ପାଇଁ ୨୦ ହଜାର ଟଙ୍କା ଦାବି କରିଥିଲେ। ଉକ୍ତ ଲାଞ୍ଚ କାରବାରରେ ଲଇକେରା ଗ୍ରାମର ଅରୁଣ ସେଠ ମଧ୍ୟସ୍ଥି ସାଜିଥିଲେ।

ଡବଲ ଇଂଜିନ ସରକାରର ଯୋଜନା ବଦଳ ନୀତିର କୁପରିଣତି

## ଯାଜପୁର ଜିଲ୍ଲା ହରାଇଲା ୧୧୪ କୋଟି

**ଯାଜପୁର,୧୭ ।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ଡବଲ ଇଂଜିନ୍ ସରକାର ବନ୍ଦ୍ କରିବା ପରେ ରାଜ୍ୟବାସୀ ଆଶା କରିଥିଲେ, ବିଜେପି ସରକାର ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମାଂଚଳର ବିକାଶ ଡବଲ ଗୁଣ ପାଣ୍ଠି ଯୋଗାଇ ଦେବେ। ଶେଷରେ ଡବଲ ଇଂଜିନ୍ ସରକାର ରାଜ୍ୟବାସୀଙ୍କୁ ବିଜେଡି ସରକାରର ପାଣ୍ଠିର ୩ ଭାଗରୁ ଭାଗେ ବରାଦ କରିବାକୁ ସମର୍ଥ ହୋଇଛନ୍ତି। ନବୀନ ସରକାରଙ୍କ ଯୋଜନାର ନାଁ ବଦଳାଇବା ପଛରେ ବିଜେପି ସରକାର ଓଡ଼ିଶାର ବିନାଶ ପାଇଁ ବାଟ ଫିଟାଇଛନ୍ତି।

ଗ୍ରାମାଂଚଳର ବିକାଶ ପାଇଁ ବିଜେଡି ସରକାର ଆମ ଓଡ଼ିଶା-ନବୀନ ଓଡ଼ିଶା ଯୋଜନା ପ୍ରଣୟନ କରିଥିଲା। ଏହି ଯୋଜନାର ନାମ ବଦଳାଇ ବିଜେପି ସରକାର ବିକଶିତ ଗାଁ-ବିକଶିତ ଓଡ଼ିଶା ନାଁରେ ଯୋଜନା କାର୍ଯ୍ୟକାରୀ କରିଛି। ବିଜେଡି ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା(ଆ.ଓ.ନ.ଓ)ରେ ଫଂଚାୟତ ପିଛା ବାର୍ଷିକ ୫୦ ଲକ୍ଷଟଙ୍କାର ଅନୁଦାନ ବରାଦ କରିଥିଲେ। ଏହି ବାବଦକୁ ଯାଜପୁର ଜିଲ୍ଲାର ୩୧୧ ଗୋଟି ଗ୍ରାମ ଫଂଚାୟତକୁ ଗତ ଆର୍ଥିକ ବର୍ଷରେ ୧୫୫ କୋଟି ୫୦ ଲକ୍ଷଟଙ୍କାର ଅନୁଦାନ ମିଳିଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା(ବି.ଗାଁ.ବି.ଓ)ରେ ଯାଜପୁର ଜିଲ୍ଲାପାଇଁ ଚଳିତ ବର୍ଷ ୪୧ କୋଟି ୩ ଲକ୍ଷଟଙ୍କା ଅନୁଦାନ ବରାଦ ହୋଇଛି। ବିଜେଡି ସରକାରଙ୍କ ଗ୍ରାମ୍ୟ ବିକାଶ ଯୋଜନାରେ ଫଂଚାୟତ ପିଛା ବାର୍ଷିକ ୫୦ ଲକ୍ଷଟଙ୍କା ଅନୁଦାନ ମଂଜୁର କରିଥିବା ବେଳେ, ଚଳିତ ବର୍ଷ ବିଜେପି ସରକାର ସମ୍ପୃକ୍ତ ଯୋଜନାର ନାମ ବଦଳାଇ ଫଂଚାୟତ ପିଛା ବାର୍ଷିକ ୧୩ ଲକ୍ଷଟଙ୍କା ଅନୁଦାନ ଦେବାକୁ ସମର୍ଥ ହୋଇଛନ୍ତି।

ଜିଲ୍ଲା ପ୍ରଶାସନର ତଥ୍ୟ ମୁତାବକ, ଆମ ଓଡ଼ିଶା-ନବୀନ ଓଡ଼ିଶା ତୁଳନାରେ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ଯାଜପୁର ଜିଲ୍ଲା ୧୧୪ କୋଟି ଟଙ୍କାର କମ୍ ଅନୁଦାନ ପାଇଛି। ବିଜେଡି ସରକାରଙ୍କ ଅମଳରେ ଯାଜପୁର ଜିଲ୍ଲାର ଗ୍ରାମାଂଚଳ ବିକାଶ ପାଇଁ ମିଳୁଥିବା ଅନୁଦାନର ୭୪% ପାଣ୍ଠି ହ୍ରାସ ପାଇଛି। ୨୦୧୧ ଜନଗଣନା ତୁଳନାରେ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ଅନୁଦାନ ବରାଦ କରାଯାଇଛି। ୧୪ବର୍ଷ ତଳର ଜନଗଣନା ତଥ୍ୟକୁ ଆଧାର କରି ସରକାର ପାଣ୍ଠି ବରାଦ କରିବା ଘଟଣା ଯୋଜନାର ବାସ୍ତବ ରୂପାୟନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି।

ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ଫଂଚାୟତର ରାସ୍ତା, ସେତୁ, ନଳାପୋଲ, ମନରେଗା ପ୍ରକଳ୍ପ, ପିଚୁ ରାସ୍ତା, ସିମେଂଟ୍ କଂକ୍ରିଟ୍ ରାସ୍ତା, ପେଭର ବ୍ଲକ୍, ଡ୍ରେନେଜ ବ୍ୟବସ୍ଥା, କଲ୍ୟାଣ ମଣ୍ଡପ, କମ୍ୟୁନିଟ୍ ସେଂଟର, ଗାଧୁଆ ତୁଠ, ପୋଖରୀ ଖନନ, ବଜାର ସେଡ୍, ପୂଜାପାଠ ସ୍ଥାନ, ଭାଗବତ ଟୁଂଗୀ, ସାଂସ୍କୃତିକ କେନ୍ଦ୍ର, ସ୍ୱଚ୍ଛ ଭାରତ ମିଶନ ପ୍ରକଳ୍ପ, ଜଳ ଜୀବନ ମିଶନ, ଜଳ ଅମଳ ସଂରଚନା ନିର୍ମାଣ, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତି ପ୍ରକଳ୍ପ ମୂଲ୍ୟକୁ ୩ ଲକ୍ଷଟଙ୍କାରେ ଧାର୍ଯ୍ୟ କରାଯାଇଛି। ବିକଶିତ ଗାଁ-ବିକଶିତ ଓଡ଼ିଶାରେ ଗୋଟିଏ ଫଂଚାୟତରେ ଅତିବେଶୀରେ ୪ଟି ଲେଖାଏଁ ପ୍ରକଳ୍ପ ସରକାର ନିର୍ମାଣ କରି ପାରିବେ। ଫଂଚାୟତରେ ଅତିକମରେ ୧୦ଟି ରାଜସ୍ୱ ଗ୍ରାମ ରହୁଥିବା ବେଳେ, ପ୍ରତି ଗାଁରେ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନା ପହଂଚି ପାରିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି।



# ଭୂକମ୍ପରେ ଥରିଲା ଦିଲ୍ଲୀ, ଏନ୍‌ସିଆର

● ଦିଲ୍ଲୀବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ

ନୂଆଦିଲ୍ଲୀ,୧୭।୨(ଏଜେନ୍ସି): ସୋମବାର ପ୍ରତ୍ୟୁଷରେ ଭୂକମ୍ପରେ ଦିଲ୍ଲୀ, ଏହାର ଆଖପାଖ ଅଞ୍ଚଳ(ଏନସିଆର) ଏବଂ ବିହାର ଭୂକମ୍ପରେ ଦୋହଲିଛି। ଭୂକମ୍ପର ମାତ୍ରା ରିଚର ସ୍କେଲରେ ୪ ଡିଗ୍ରୀ ରେକର୍ଡ କରାଯାଇଥିଲେ ହେଁ ଏହା ଶକ୍ତିଶାଳୀ ରହିଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି (ଏନସିଏସ୍) ପକ୍ଷରୁ କୁହାଯାଇଛି। ଭୂପୃଷ୍ଠ ଠାରୁ ପ୍ରାୟ ୫ କିମି ଗଭୀରତା ଦେଇ ଏହି ଭୂକମ୍ପ ଗତି କରିଥିବାରୁ ଏହାର ପରବର୍ତ୍ତୀ ପ୍ରଭାବ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହିକ୍ରମରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦ ଦିଲ୍ଲୀବାସୀଙ୍କୁ ସତର୍କ କରି ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଏପରିକି ଭୂକମ୍ପ ପରବର୍ତ୍ତୀ ସ୍ଥିତିକୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦିଲ୍ଲୀବାସୀଙ୍କୁ ସତର୍କ କରାଇ ସୁରକ୍ଷା ପ୍ରୋଟକଲ ଅବଲମ୍ବନ କରିବାକୁ କହିଛନ୍ତି।

# ମହାକୁମ୍ଭରେ ପୁଣି ଅଗ୍ନିକାଣ୍ଡ



● ଜଳିଗଲା ୪ ତମ୍ବୁ
● ବୁଡ଼ ପକାଇଲେଣି ୫୪ କୋଟିରୁ ଅଧିକ ଶ୍ରଦ୍ଧାଳୁ

ପ୍ରୟାଗରାଜ, ୧୭।୨ (ଏଜେନ୍ସି): ମହାକୁମ୍ଭର ଟେଣ୍ଟ ସିଟିରେ ଅଗ୍ନିକାଣ୍ଡ ଘଟଣା ଥମିବାର ନା ଧରୁନି। ସୋମବାର ଦ୍ୱିପହରେ ସେକ୍ଟର-୮ର ଶ୍ରୀ କପି ମାନସ ମଣ୍ଡଳ ଏବଂ ଉପଭୋକ୍ତା ସଂରକ୍ଷଣ ସମିତି ଶିବିରରେ ନିଆଁ ଲାଗିଯାଇଛି। ଉଭୟ ଶିବିରର ଦୁଇଟି ଲେଖାଏଁ ତମ୍ବୁ ଜଳି ଯାଇଛି। ଏହାକୁ ଦମକଳ ବାହିନୀ ପ୍ରଶମିତ କରିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ସିଂହ ରାଣା କହିଛନ୍ତି ଯେ ଅପରାହ୍ନ ୩ଟାରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ଟେଣ୍ଟ ଖାଲିଥିବାରୁ କୌଣସି ଜୀବନହାନି ହୋଇ ନ ଥିଲା। ଏବେ ନିଆଁ କେମିତି ଲାଗିଲା ତାହାର ଯାଞ୍ଚ କରାଯାଉଛି। ଏହା ପୂର୍ବରୁ ଜାନୁଆରୀ ୧୯ରେ ଗୀତା ପ୍ରେସ କ୍ୟାମ୍ପରେ, ଜାନୁଆରୀ ୩୦ରେ ସେକ୍ଟର-୨୨ରେ, ଫେବୃଆରୀ ୭ରେ ସେକ୍ଟର-୧୮, ଫେବୃଆରୀ ୧୫ରେ ସେକ୍ଟର ୧୮-୧୯ରେ ନିଆଁ ଲାଗିଥିଲା।

ଅନ୍ୟପକ୍ଷରେ ମହାକୁମ୍ଭରେ ଆଜି ପ୍ରବଳ ଗହଳି ହୋଇଛି। ଉପରବେଳା ସୁଦ୍ଧା ୧.୨୩ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଛନ୍ତି। ପ୍ରୟାଗରାଜର ସବୁ ୭ ପ୍ରବେଶ ପଥ ଜାମ୍ ରହିଛି। ଗହଳିକୁ ଦେଖି ୨୬ ତାରିଖ ପର୍ଯ୍ୟନ୍ତ ସଙ୍ଗମ ଷ୍ଟେସନକୁ ବନ୍ଦ କରିଦିଆଯାଇଛି। ମହାକୁମ୍ଭରେ ମୁତୟନ ଅଧିକାରୀଙ୍କ ଡ୍ୟୁଟିକୁ ୨୭ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପୁଣି ମେଳାକ୍ଷେତ୍ରକୁ ଗାଡ଼ି ପ୍ରବେଶ ଉପରେ କଟକଣା ଲଗାଇ ଦିଆଯାଇଛି। ସମସ୍ତ ପାସ୍ ରଦ୍ଦ କରିଦିଆଯାଇଛି। ପ୍ରୟାଗରାଜ ଦେଇ ଯାଉଥିବା ୧୯ ଟ୍ରେନ୍‌ର ମାର୍ଗ ବଦଳା ଯାଇଛି। ସଙ୍ଗମରୁ ୧୦-୧୨ କିମି ଦୂରରେ ଗାଡ଼ି ପାର୍କିଂ କରାଯାଉଛି। ଏ ପର୍ଯ୍ୟନ୍ତ ମହାକୁମ୍ଭରେ ୫୪.୧୯ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି।

# ଡାକ୍ତର ଦମ୍ପତିଙ୍କ ଟଙ୍କିକିଆ ବିବାହ

ଚଣ୍ଡିଗଡ଼, ୧୭।୨ (ଏଜେନ୍ସି): ସନାତନ ଧର୍ମରେ ବିବାହକୁ ସଂସ୍କାର ଭାବେ ଧରାଯାଏ। ଜୀବନରେ ଥରେ ହେଉଥିବା ଏହି ବିବାହକୁ ସମସ୍ତେ ସ୍ମରଣୀୟ କରି ରଖିବାକୁ ପାଇଁ ଚାହାନ୍ତି। ଏଥିପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରି ଯାକଜମକରେ ବିବାହ କରାଇଥାଆନ୍ତି। କିନ୍ତୁ ହରିୟାଣା ଭିୱାନୀରେ ଏକ ନିଆରା ବିବାହ ହୋଇଛି। ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଛି।

**କେବଳ ସୁଟ୍‌କେସ୍ ନେଇ ଶଶୁର ଘରକୁ ଆସିଲେ କନ୍ୟା**



ଡାକ୍ତର ଦମ୍ପତି ମାତ୍ର ଟଙ୍କାଟେ ଖର୍ଚ୍ଚ କରି ବିବାହ କରିଛନ୍ତି। ଏହି ଟଙ୍କିକିଆ ବିବାହ ବିଷୟରେ ଯେ କେହି ଶୁଣୁଛି ସେ ଆଶ୍ଚର୍ଯ୍ୟ ହେଇଯାଉଛି। ମାତ୍ର ଗୋଟିଏ ସୁଟ୍‌କେସ ଧରି କନ୍ୟା ଚରଖିଦାଦରି ସ୍ଥିତ ଶଶୁରଘରେ ପହଞ୍ଚିଛନ୍ତି।

ଏହି ବନ୍ଧୁ ବାନ୍ଧିବାର ରାସ୍ତା ମଧ୍ୟ ସହଜ ନ ଥିଲା। ମହିଳା ଡାକ୍ତର ସନ୍ତୋଷଙ୍କ ପିତା ଜଣେ ଚାଷୀ। ଝିଅ ବାହାଘର କରିବା ପାଇଁ ତାଙ୍କ ପାଖରେ ଟଙ୍କା ନ ଥିଲା। ଆର୍ଥିକ ଦୃଷ୍ଟିରୁ ଏହି ବିବାହ ହୋଇପାରିବ ନାହିଁ ବୋଲି କହିଥିଲେ। ଏଥିପାଇଁ ଉଭୟଙ୍କ ଯୋଡ଼ି ମାନୁ ନ ଥିବାର ବାହାନା କରିଥିଲେ। ବିବାହ କରାଇବାକୁ ମନା କରି ଦେଇଥିଲେ। ପରେ ବୁଝାସୁଝା କରିବାରୁ ଯୌତୁକ ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ। ଏହାକୁ ନେଇ ବରପିତା (ଅବସରପ୍ରାପ୍ତ ସରକାରୀ ଅଧିକାରୀ) ରମେଶ ରୋହିଲ୍ଲା କହିଥିଲେ ଯେ ତାଙ୍କର ଯୌତୁକ ଦରକାର ନାହିଁ। ସେ କେବଳ ମେଳକ କରି ଝିଅକୁ ଘରକୁ ନେବାକୁ ଚାହୁଁଛନ୍ତି। ରମେଶଙ୍କ ପୁଅ ଡ. ଅରୁଣ ରୋହିଲ୍ଲା ଜଣେ ନ୍ୟୁରୋଲୋଜିଷ୍ଟ। ସେ ଦାଦରୀର ଏକ ହସ୍ପିଟାଲରେ କାମ କରୁଛନ୍ତି। ପୁଅ ପାଇଁ ଝିଅ ଖୋଜୁଥିବା ବେଳେ ଅରୁଣଙ୍କ ବାପା ସନ୍ତୋଷଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ସେ ହରିୟାଣା କୃଷି ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଥିଲେ।

ଡ. ରୋହିଲ୍ଲା କହିଛନ୍ତି ଯେ ସେ ପ୍ରଥମେ ବନ୍ଧୁବାନ୍ଧବଙ୍କ ମାଧ୍ୟମରେ ସନ୍ତୋଷଙ୍କ ପିତାଙ୍କ ସହ ଆଲୋଚନା କରିଥିଲେ। ତାଙ୍କର ତିନି ଝିଅ ଓ ଦୁଇ ପିଅ ଅଛନ୍ତି। ସେ ବିବାହ ପାଇଁ ମନା କରିବାରୁ ବରପିତା ତାଙ୍କ ଗାଁ ଝୁପା କଲାଁ ଯାଇଥିଲେ। ସେଠାରେ କନ୍ୟାପିତାଙ୍କୁ ଭେଟିଥିଲେ। ଯୌତୁକରେ କିଛି ବି ନେବେନି ବୋଲି କହିଥିଲେ। ପରେ କନ୍ୟାପିତା ବିବାହ ପାଇଁ ରାଜି ହୋଇଥିଲେ। ଗତ ୭ ତାରିଖରେ ଉଭୟଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ କନ୍ୟାପକ୍ଷଙ୍କୁ ଟଙ୍କାଟେ ବି ଖର୍ଚ୍ଚ କରିବାକୁ ପଡ଼ି ନ ଥିଲା।

## ଦିଲ୍ଲୀ ଷ୍ଟେସନ୍ ଦଳାଚକଟା ଘଟଣା

# ବିପଦାଭାସ ମିଳିଥିଲା; ସତର୍କ ହୋଇ ନଥିଲେ କର୍ତ୍ତୃପକ୍ଷ !



ନୂଆଦିଲ୍ଲୀ,୧୭।୨(ଏଜେନ୍ସି)

ଶନିବାର ରାତିରେ ନୂଆଦିଲ୍ଲୀ ଷ୍ଟେସନରେ ହୋଇଥିବା ଦଳାଚକଟାକୁ ନେଇ ଏବେ ମଧ୍ୟ ଅସମାହିତ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି। ଏହି ଘଟଣାରେ ୧୮ ଜଣଙ୍କ ଜୀବନ ନିର୍ବାପିତ ହୋଇଯାଇଥିଲା ବେଳେ ନିର୍ଦ୍ଦିଷ୍ଟ କେଉଁ କାରଣକୁ ନେଇ ଏଭଳି ଦୁର୍ଘଟଣା ଘଟିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଯଦିଓ ରେଳବାଇ ବିଭାଗ ଏ ସମ୍ପର୍କରେ କିଛି ସ୍ପଷ୍ଟ କରି ନାହିଁ, ଏକ ଦୁଇ ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଦ୍ୱାରା ଯାଞ୍ଚ କରି ଘଟଣାର କାରଣ ଉନ୍ମୋଚନ କରିବାକୁ କାର୍ଯ୍ୟ ଆରମ୍ଭ କରିଛି। ତେବେ ଦଳାଚକଟା ଘଟିବାର କିଛି ଘଣ୍ଟା ପୂର୍ବରୁ ଆସନ୍ନ ବିପଦ ପାଇଁ ଆଭାସ ମିଳିସାରିଥିଲା ଏବଂ ଷ୍ଟେସନ କର୍ତ୍ତୃପକ୍ଷ ସଜାଗ ହୋଇଯାଇଥିଲେ ଏଭଳି ଦୁଃଖଦ ଘଟଣାକୁ ଏଡାଇ ଦିଆଯାଇପାରିଥାଆନ୍ତା ବୋଲି ଅନେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପ୍ରଥମତଃ ପ୍ରୟାଗରାଜ ଯିବାକୁ ଷ୍ଟେସନରେ ସନ୍ଧ୍ୟା ସମୟରୁ ଭିଡ଼ ବଢିବାରେ ଲାଗିଥିଲା ବେଳେ ରାତି ପ୍ରାୟ ସାଢେ ଆଠଟା ବେଳକୁ ଭିଡ଼ ଅସମ୍ଭବ ସ୍ଥିତିରେ ପହଞ୍ଚିଥିଲା। ଷ୍ଟେସନରେ ଲାଗି ରହିଥିବା ଭିଡ଼କୁ ଅନେକ ଯାତ୍ରୀ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। କିନ୍ତୁ ଷ୍ଟେସନ କର୍ତ୍ତୃପକ୍ଷ ଭିଡ଼ ସମ୍ଭାଳିବାକୁ କିଛି ପଦକ୍ଷେପ ନେଇ ନଥିଲେ କି ଏଥିପ୍ରତି ସମ୍ବେଦନଶୀଳ ହୋଇ ନଥିଲେ। ଅନ୍ୟପକ୍ଷରେ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ୨୬୦୦ ଜେନେରାଲ ଟିକଟ ବିକ୍ରି ହେବା ଘଟଣାକୁ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ସ୍ଥିତି ଉପରେ ବିଚାର କରିନ ଥିଲେ। ସାଧାରଣତଃ ଦିନକରେ ୭୦୦୦ ଅଣସଂରକ୍ଷିତ ଜେନେରାଲ ଟିକଟ ବିକ୍ରି ହୋଇଥାଏ। କିନ୍ତୁ ଦୁଇ ଘଣ୍ଟାରେ ୨୬୦୦ ଟିକଟ ବିକ୍ରି ହେବାର ଅର୍ଥ ଭିଡ଼ ଆବଶ୍ୟକତା ଠାରୁ ଅଧିକ ହେବାର ସମ୍ଭାବନା ବଢିଥିଲା। ଯଦି ଏହାକୁ ଦୃଷ୍ଟି ଦେଇ ଭିଡ଼ ମୁକାବିଲା କରିବାକୁ ବ୍ୟବସ୍ଥା କରାଯାଇଥାଆନ୍ତା ତେବେ ଏଭଳି ସ୍ଥିତି ଉପୁଜି ନଥାଆନ୍ତା ବୋଲି କୁହାଯାଉଛି।

### ସ୍ଥାୟୀ ହୋଲ୍ଡିଂ ଜୋନ ନିର୍ମାଣ ସହ ଉପଯୋଗ ହେବ ଏଆଇ

ଦିଲ୍ଲୀ ଦଳାଚକଟା ଘଟଣା ପରେ ସରକାରଙ୍କ ଚେତା ପଶିଛି। ଷ୍ଟେସନରେ ଭିଡ଼ ନିୟନ୍ତ୍ରଣ କରିବାକୁ ସରକାର ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ୬୦ଟି ସର୍ବାଧିକ ଗହଳିପୂର୍ଣ୍ଣ ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ସ୍ଥାୟୀ ହୋଲଡିଂ ଜୋନ ନିର୍ମାଣ କରାଯିବ। ଏଠାରେ ଯାତ୍ରୀମାନଙ୍କ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ସେହିପରି ଭିଡ଼ ଓ ସଙ୍କଟ ମୁକାବିଲା ପାଇଁ କୃତ୍ରିମ ବୁଦ୍ଧିମତା ବା ଏଆଇର ବ୍ୟବହାର କରାଯିବ ବୋଲି କୁହାଯାଇଛି। ଅଧିକ ଭିଡ଼ ହେଉଥିବା ରେଳ ଷ୍ଟେସନଗୁଡ଼ିକରେ ସ୍ଥାନୀୟ ଅଧିକାରୀଙ୍କୁ ସ୍ଥିତିକୁ ନିୟନ୍ତ୍ରଣ ଓ ସଙ୍କଟମୟ ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ସହାୟତା କେନ୍ଦ୍ର, ସଙ୍କେତ ଏବଂ ଛବି ଲଗାଯିବ। ଏହାକୁ ଦେଖି ଯାତ୍ରୀମାନେ ସେମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ହୋଲଡିଂ ଅଞ୍ଚଳକୁ ଯାଇ ପାରିବେ। ଭିଡ଼ ଉପରେ ନଜର ରଖିବା ପାଇଁ ଏଆଇର ବ୍ୟବହାର କରାଯିବ ବୋଲି କୁହାଯାଇଛି।

## ଆରାଧନାସ୍ଥଳ ଆଇନ ବିବାଦ

# ଆଉ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୨(ଏଜେନ୍ସି)

ଆରାଧନା ସ୍ଥଳ ଆଇନର ବୈଧତାକୁ ନେଇ ଗୋଟିଏ ପରେ ଗୋଟିଏ ପିଟିସନ ଦାଖଲ ହୋଇ ଚାଲିଥିଲା ବେଳେ ଏଥିପାଇଁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ସୋମବାର ଏହି ଆଇନକୁ ନେଇ ପୂର୍ବରୁ ଦାଖଲ ହୋଇଥିବା ଆବେଦନ ଉପରେ ଶୁଣାଣି ହୋଇଥିଲା ବେଳେ ପୁଣି ନୂଆ ଆବେଦନକୁ ନେଇ ପ୍ରଧାନବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ବିରକ୍ତି ପ୍ରକାଶ କରିଛନ୍ତି। ଏହି ଆଇନକୁ ନେଇ ଯଦି ଆଉ କୌଣସି ପିଟିସନ ଦାଏର କରାଯାଏ ତେବେ ତାହା ଉପରେ ଶୁଣାଣି କରାଯିବା ନାହିଁ କି କୌଣସି ପକ୍ଷଙ୍କୁ ନୋଟିସ୍ କରାଯିବ ନାହିଁ ବୋଲି ଜଷ୍ଟିସ୍ ଖାନ୍ନା କହିଛନ୍ତି। ତେବେ ଏହି ଆଇନର ବୈଧତାକୁ ନେଇ ହୋଇଥିବା ଆବେଦନ ଉପରେ ଆସନ୍ତା ଏପ୍ରିଲ ମାସରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆରାଧନା ସ୍ଥଳ ଆଇନ ୧୯୯୧ ଅନୁସାରେ ଦେଶ ସ୍ୱାଧୀନତା ହାସଲ କରିବା ପରେ ଅର୍ଥାତ୍ ଅଗଷ୍ଟ ୧୫, ୧୯୪୭ପରେ ଯେଉଁ ଆରାଧନା ସ୍ଥଳର ସ୍ଥିତି ଯେଭଳି ରହିଥିଲା ତାହାକୁ ସେହି ଅବସ୍ଥାରେ ରଖାଯିବା ଏବଂ ଏଥିରେ କୌଣସି ପରିବର୍ତ୍ତନ ନ କରିବା ଲାଗି ସୁରକ୍ଷା ମିଳିଥାଏ। ତେବେ ଅନେକ ସ୍ଥାନରେ ମନ୍ଦିର ଓ ମସଜିଦ୍‌କୁ ନେଇ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା ବେଳେ ଆରାଧନା ସ୍ଥଳ ଆଇନର ବୈଧତାକୁ ନେଇ ହିନ୍ଦୁ ସମାଜ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏହିକ୍ରମରେ ସୁପ୍ରିମକୋର୍ଟରେ ବହୁ ପିଟିସନ ଦାଏର କରାଯାଇଛି। ତେବେ ଗୋଟିଏ ପ୍ରସଙ୍ଗରେ ଏକାଧିକ ଆବେଦନ କରାଯାଉଥିବାରୁ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରିବା ସହିତ 'ବହୁତ ହୋଇଗଲା' ବୋଲି କହିଛନ୍ତି। ଗୋଟିଏ ପକ୍ଷରେ ଏହି ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ମାମଲା ପରେ ମାମଲା ରୁଜୁ ହୋଇ ଚାଲିଥିଲା ବେଳେ କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗରେ ମଗାଯାଇଥିବା ଜବାବ ଉପରେ ସରକାର ଚୁପ୍ ରହିଛନ୍ତି। ତେଣୁ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରି ଏହି ପ୍ରସଙ୍ଗରେ ଯଦି ନୂଆ ମାମଲା ରୁଜୁ କରାଯାଏ ତେବେ ଏହା ଉପରେ ଶୁଣାଣି କରାଯିବ ନାହିଁ ବୋଲି କହିଛନ୍ତି।

### ମସ୍‌ଜିଦ୍ ଭଙ୍ଗା ଘଟଣାରେ ୟୁପିକୁ ନୋଟିସ୍

ବେଆଇନ ନିର୍ମାଣ ଭଙ୍ଗ ମାମଲାରେ ସୁପ୍ରିମକୋର୍ଟ ପୂର୍ବରୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲେ ତାହାକୁ ଉତ୍ତରପ୍ରଦେଶ ସରକାର ଉଲ୍ଲଙ୍ଘନ କରିଛନ୍ତି ବୋଲି ଦର୍ଶାଇ କରାଯାଇଥିବା ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ୨୦୨୪ ନଭେମ୍ବର ୧୩ରେ ରାଜ୍ୟର ଖୁସିନଗରସ୍ଥିତ ମଦନୀ ମସଜିଦର କିଛି ଅଂଶକୁ ରାଜ୍ୟ ସରକାର ବୁଲଡୋଜର ଲଗାଇ ଭାଙ୍ଗି ଦେଇଥିଲେ। କିନ୍ତୁ ଏହାକୁ ଭଙ୍ଗାଯିବା ସମୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଯେଉଁ ନିୟମ ଓ ସର୍ତ୍ତ ପାଳନ କରାଯିବାର ଥିଲା ତାହାକୁ ରାଜ୍ୟ ସରକାର ଉଲ୍ଲଙ୍ଘନ କରିଥିଲେ ବୋଲି ମୁସଲମାନ ସଂପ୍ରଦାୟ ପକ୍ଷରୁ ପିଟିସନ ଦାଏର କରାଯାଇଥିଲା। ବିଶେଷ କରି ମସଜିଦ୍ ଭଙ୍ଗାଯିବା ଯଥେଷ୍ଟ ପୂର୍ବରୁ ପ୍ରାକ୍ ନୋଟିସ୍ ଦେବକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ଏହାକୁ ରାଜ୍ୟ ସରକାର ପାଳନ କରି ନଥିବା ଆବେଦନକାରୀ ପକ୍ଷ ଅଭିଯୋଗ କରି ରାଜ୍ୟ ସରକାରଙ୍କ ବିରୋଧରେ କୋର୍ଟ ଅବମାନନା ନୋଟିସ୍ ଜାରି କରିବାକୁ ଦାବି କରିଥିଲେ। ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ଏ ଜି ମସିହ ଏହି ମାମଲାର ଶୁଣାଣି କରି ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଏବେବି ଚିତ୍ର ଅସ୍ପଷ୍ଟ

ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ବାହାରିବାକୁ ୯ ଦିନ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିଏ ହେବ ତାହାର ନିଷ୍ପତ୍ତି ବିଜେପି ନେଇପାରୁ ନାହିଁ। ତେବେ ଶପଥ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ କରିଦିଆଗଲାଣି। ବିଧାୟକ ଦଳକ ବୈଠକ ଏ ପର୍ଯ୍ୟନ୍ତ ବସି ନ ଥିବାବେଳେ ୨୦ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ରାମଲୀଳା ମୈଦାନରେ ଶପଥ ଗ୍ରହଣ କରିବେ ବୋଲି କୁହାଯାଉଛି। ଏଥିପାଇଁ ଜୋର୍‌ସୋର୍‌ରେ ପ୍ରସ୍ତୁତି ମଧ୍ୟ ଚାଲିଛି। ଏହା ପୂର୍ବରୁ ଆଜି ବିଧାୟକ ଦଳଙ୍କ ବୈଠକ ବସିବ ଏବଂ ୧୮ରେ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ସୂଚନା ମିଳିଥିଲା। କିନ୍ତୁ ପରେ ବିଧାୟକ ଦଳ ବୈଠକକୁ ଦୁଇ ଦିନ ପାଇଁ ସ୍ଥଗିତ କରିଦିଆଯାଇଥିଲା। ଏହାର କାରଣ ମଧ୍ୟ ଦର୍ଶାଯାଇ ନ ଥିଲା। ଏବେ ୧୯ରେ ବିଧାୟକ ଦଳ ବୈଠକ ବସିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦିଲ୍ଲୀର କାମଚଳା ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା ଏହାକୁ ନେଇ ବିଜେପିକୁ ସମାଲୋଚନା କରିଛନ୍ତି।

# ଚୀନ୍ ପ୍ରସଙ୍ଗରେ ପିଟ୍ରୋଡାଙ୍କ ମନ୍ତବ୍ୟକୁ ନେଇ ବିବାଦ ତୀବ୍ର

**ବିବାଦରୁ ଦୂରେଇଲା କଂଗ୍ରେସ**

ନୂଆଦିଲ୍ଲୀ,୧୭।୨(ଏଜେନ୍ସି): କଂଗ୍ରେସର ଦରିଆପାରି ସାଂଗଠନିକ ନେତା ସାମ ପିଟ୍ରୋଡା ନିଜର ମନ୍ତବ୍ୟ ପାଇଁ ଅଧିକାଂଶ ସମୟରେ ବିବାଦୀୟ ରହିଆସିଥିଲା ବେଳେ ଏବେ ଭାରତ- ଚୀନ୍ ପ୍ରସଙ୍ଗରେ ଦେଇଥିବା ବୟାନକୁ ନେଇ ପୁଣି ବିବାଦୀୟ ହୋଇପଡ଼ିଛନ୍ତି। ନିକଟରେ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ଦେବା ସମୟରେ ସେ ଭାରତ-ଚୀନ ପ୍ରସଙ୍ଗ ଉଠାଇବା ସହିତ ଭାରତ ଚୀନ୍‌କୁ ଶତ୍ରୁ ଭାବେ ବିବେଚନା କରିବା ଉଚିତ ନୁହେଁ ବୋଲି କହିଥିଲେ। ଚୀନ୍ ପ୍ରତି ଭାରତ ଯେଭଳି ମାନସିକତା ଗ୍ରହଣ କରିଛି ତାହା ବନ୍ଦ ହେବା ଉଚିତ। ପ୍ରଥମ ଦିନରୁ ଭାରତ ଚୀନ୍ ପ୍ରତି ଏଭଳି ମାନସିକତା ରଖିଆସିଥିଲା ବେଳେ ଏହି ଧାରଣା ମନରୁ କାଢି ନିଆଯିବା ଉଚିତ। ଚୀନ୍ ପଟୁ ଭାରତକୁ କି ବିପଦ ରହିଛି ତାହା ସେ ବୁଝିପାରୁନାହାନ୍ତି ବୋଲି କହିଥିଲା ବେଳେ ଏହି ଧାରା ବନ୍ଦ ହେବା ଉଚିତ ବୋଲି କହିଥିଲେ। ପିଟ୍ରୋଡାଙ୍କ ଏଭଳି ମନ୍ତବ୍ୟ ପରେ ବିଜେପି କଂଗ୍ରେସକୁ ଘେରିବା ସହିତ ରାହୁଲ ଗାନ୍ଧୀଙ୍କ ଜଣେ ଘନିଷ୍ଠ ବନ୍ଧୁ ଭାବେ ପିଟ୍ରୋଡା ଚୀନ୍‌ର ସ୍ୱାର୍ଥ ପାଇଁ ଲଢେଇ କରୁଛନ୍ତି ବୋଲି କହିଥିଲା। ଚୀନ୍ ଭାରତର କିଛି ଅଂଶ ଦଖଲ କରିସାରିଛି ବୋଲି ରାହୁଲ ସଂସଦରେ ଦାବି କରୁଛନ୍ତି। ସେଭଳି ସ୍ଥଳେ ପିଟ୍ରୋଡାଙ୍କ ଭଳି ଜଣେ କଂଗ୍ରେସ ନେତା ଚୀନ୍ ପଟୁ ଭାରତକୁ କି ବିପଦ ରହିଛି ବୋଲି ପ୍ରଶ୍ନ କରିବା କଂଗ୍ରେସର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପଦାରେ ପକାଇଛି ବୋଲି ବିଜେପି ପ୍ରବକ୍ତା ପ୍ରଦୀପ ଭଣ୍ଡାରି କହିଛନ୍ତି। ପିଟ୍ରୋଡାଙ୍କ ମନ୍ତବ୍ୟ ଭାରତର ପରିଚୟ, କୂଟନୀତି ଏବଂ ସାର୍ବଭୌମତ୍ୱ ପାଇଁ ଧକ୍କା ବୋଲି କହିବା ପରେ ବିବାଦ ତୀବ୍ର ହୋଇଛି।

ତେବେ କଂଗ୍ରେସ ଏହି ବିବାଦରୁ ନିଜକୁ ଦୂରେଇବା ସହିତ ପିଟ୍ରୋଡାଙ୍କ ମନ୍ତବ୍ୟ ସହ ଦଳର କୌଣସି ସମ୍ପର୍କ ନାହିଁ ବୋଲି କହିଛି। ବୈଦେଶିକ ନୀତି, ବାହ୍ୟ ସୁରକ୍ଷା ଏବଂ ଅର୍ଥନୀତି ଦୃଷ୍ଟିରୁ ଭାରତ ଏବଂ ଚୀନ୍ ସମ୍ପର୍କ ବିଭିନ୍ନ ଦିଗରୁ ଗୁରୁତ୍ୱ ବହନ କରୁଛି। ତେଣୁ ପିଟ୍ରୋଡା ଦେଇଥିବା ମନ୍ତବ୍ୟ ଦଳୀୟ ମତ ନୁହେଁ ବୋଲି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି।

# ଝିଅ ଆଙ୍କିଲା ଚିତ୍ର ; ଖୋଲିଲା ମା' ମୃତ୍ୟୁ ରହସ୍ୟ

ଝାନସୀ, ୧୭।୨ (ଏଜେନ୍ସି): ଉତ୍ତର ପ୍ରଦେଶ ଝାନସୀର କୋଟୱାଲି ଅନ୍ତର୍ଗତ ପଞ୍ଚବଟି ଶିବ ପରିବାର କଲୋନୀରୁ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଶଶୁର ଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ମହିଳାଙ୍କ ୪ ବର୍ଷର ଝିଅ ମାଆକୁ ମାରି ବାପା ଟାଙ୍ଗି ଥିବା ଚିତ୍ର ଆଙ୍କିଛି। ଝିଅ କହିଛି ଯେ ବାପା ମାଆକୁ ମାଡ଼ ମାରି ହତ୍ୟା କରିଥିଲେ। ତୁ ଯଦି ଚାହୁଁଛୁ ମରିଯା ବୋଲି କହିଥିଲେ। ମୁଣ୍ଡକୁ ପଥରରେ ଛେଚିବା ପରେ ମୃତଦେହକୁ ଓହଳାଇ ଦେଇଥିଲେ। ପରେ ମୃତଦେହ ଓହ୍ଲାଇ ଏକ ବସ୍ତାରେ ଭର୍ତ୍ତି କରି ଫୋପାଡି ଦେଇଥିଲେ। ପ୍ରଥମେ ଶଶୁର ଘର ଲୋକେ



ବୋହୂ ସୋନାଲି ବୁଧୋଲିଆ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ସୋନାଲିଙ୍କ ବାପା ସଞ୍ଜୀବ ତ୍ରିପାଠୀ କହିଛନ୍ତି ଯେ ୨୦ ଲକ୍ଷ ଟଙ୍କା ଯୌତୁକ ଦେଇ ୨୦୧୯ରେ ଝିଅର ବିବାହ କରିଥିଲେ। ମାତ୍ର ଏହା ପରେ ଆହୁରି କାର୍ ମାଗିଥିଲେ। ଏଥିପାଇଁ ଜ୍ୱାଇଁ ଏବଂ ତାଙ୍କ ପରିବାର ଲୋକେ ଝିଅକୁ ନିର୍ଯ୍ୟାତନା ଦେଉଥିଲେ। କିନ୍ତୁ ସୋନାଲି ଝିଅ ଜନ୍ମ ଦେବା ପରେ ନିର୍ଯ୍ୟାତନା ଅଧିକ ବଢ଼ିଥିଲା। ସେ ପୁଅ ଚାହୁଁଥିଲେ। ତେଣୁ ଝିଅ ଜନ୍ମଦେଇଥିବାରୁ ସୋନାଲିକୁ ଏକାକୀ ହସ୍ପିଟାଲରେ ଛାଡ଼ି ଚାଲି ଆସିଥିଲେ।

# ବିଜେପିକୁ ବର୍ଷକେ ମିଳିଛି ୪,୩୪୦ କୋଟି ଚାନ୍ଦା

**ଦ୍ୱିତୀୟ ସ୍ଥାନରେ କଂଗ୍ରେସ; ପାଇଛି ୧୨୨୫ କୋଟି**

ନୂଆଦିଲ୍ଲୀ, ୧୭।୨ (ଏଜେନ୍ସି)

ରାଜନୈତିକ ଦଳଙ୍କ ଉପରେ ଟଙ୍କା ବର୍ଷା ହେବାରେ ଲାଗିଛି। ଏଥିରେ କ୍ଷମତାସୀନ ଦଳ ବିଜେପି ଆଗରେ ରହିଛି। ଗତ ବର୍ଷ (୨୦୨୩-୨୪) ବିଜେପିକୁ ସର୍ବାଧିକ ୪୩୪୦.୪୭ କୋଟି ଟଙ୍କା ଚାନ୍ଦା ମିଳିଛି। ଏହି ମାମଲାରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳକୁ ମୋଟ ୧୨୨୫. ୧୨ କୋଟି ଟଙ୍କା ପାଇଛି। ସେହିପରି ଆମ୍ ଆଦମୀ ପାର୍ଟି (ଆପ୍)କୁ କେବଳ ୨୨. ୬୮ କୋଟି ଟଙ୍କା ମିଳିଛି। ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଜାତୀୟ ଦଳଙ୍କୁ ମିଳିଥିବା ଚାନ୍ଦାକୁ ନେଇ ଜାରି ଏହି ରିପୋର୍ଟରେ ନିର୍ବାଚନୀ ବଣ୍ଡରୁ ଅଧିକାଂଶ ଅର୍ଥ ଆସିଥିବା କୁହାଯାଇଛି।

ରିପୋର୍ଟ ଅନୁଯାୟୀ ବିଜେପି ନିଜ ଆୟର ୫୦ ପ୍ରତିଶତ ଅର୍ଥାତ୍ ୨୨୧୧.୯୬ କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିପରି କଂଗ୍ରେସ ୮୩. ୬୯ ପ୍ରତିଶତ ଅର୍ଥାତ୍ ୧୦୨୫. ୨୫ କୋଟି ଟଙ୍କା ବ୍ୟୟ କରିଛି। ସବୁ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦାର ୭୪.୫୭ ପ୍ରତିଶତ ଅର୍ଥ କେବଳ ବିଜେପିକୁ ମିଳିଛି। ଅନ୍ୟ ୫ ଦଳଙ୍କୁ ୨୫.୪୩ ପ୍ରତିଶତ ଚାନ୍ଦା ମିଳିଥିଲା। ସେହିପରି ସିପିଆଇ (ଏମ)କୁ ଗତ ବର୍ଷ ୧୬୭. ୬୩୬ କୋଟି ଟଙ୍କା ମିଳିଥିଲା। ତେବେ ଏହି ଦଳ ୧୨୭.୨୮୩ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ବିଏସ୍‌ପିକୁ ୬୪.୭୭୯୮ ଟଙ୍କା ମିଳିଥିବାବେଳେ ୪୩.୧୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଆପ୍ ୨୨.୬୮ କୋଟି ଟଙ୍କା ପାଇ ୩୪. ୦୯ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ସେହିପରି ଏନ୍‌ପିଇପିକୁ ୦.୨୨୪୪ କୋଟି ଟଙ୍କା ମିଳିଥିବାବେଳେ ଦଳ ୧.୧୩୯ କୋଟି ଖର୍ଚ୍ଚ କରିଥିଲା।

ଅନ୍ୟପକ୍ଷରେ ନିର୍ବାଚନୀ ବଣ୍ଡରୁ ବିଜେପିକୁ ସର୍ବାଧିକ ୧୬୮୫.୬୩ କୋଟି, କଂଗ୍ରେସକୁ ୮୨୮. ୩୬ କୋଟି ଏବଂ ଆପ୍‌କୁ ୧୦.୧୫ କୋଟି ଟଙ୍କା ମିଳିଥିଲା। ଏହି ତିନି ଦଳ ନିର୍ବାଚନୀ ବଣ୍ଡରୁ ୨୫୨୪.୧୩୬୧ କୋଟି ଟଙ୍କା ଅର୍ଥାତ୍ ନିଜ ଆୟର ୪୩.୩୬ ପ୍ରତିଶତ ଟଙ୍କା ପାଇଥିଲେ। ତେବେ ସୁପ୍ରିମକୋର୍ଟ ଗତ ବର୍ଷ ମେ'ରେ ଏହି ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହି ଖାରଜ କରିଦେଇଥିଲେ। ଆର୍‌ଟିଆଇ ଦ୍ୱାରା ଏଡିଆରକୁ ମିଳିଥିବା ସୂଚନା ଅନୁଯାୟୀ ଗତ ବର୍ଷ ଅନେକ ଦଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ୪୫୦୭.୫୬ କୋଟି ଟଙ୍କାର ବଣ୍ଡକୁ କ୍ୟାସ୍ କରାଇ ଥିଲେ। ରାଷ୍ଟ୍ରୀୟ ଦଳଗୁଡିକ ଏହି ପାଣ୍ଠିରୁ ୫୫ ପ୍ରତିଶତ ଅର୍ଥାତ୍ ୨୫୨୪. ୧୩୬୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ସେହିପରି କଂଗ୍ରେସ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ ପାଇଁ ୨୦୭.୯୪ କୋଟି, ଛାପା ଗଣମାଧ୍ୟମ ଲାଗି ୪୩.୭୩ କୋଟି, ବିମାନ ଓ ହେଲିକପ୍ଟର ପାଇଁ ୬୨. ୬୫ କୋଟି ଏବଂ ପ୍ରାର୍ଥୀଙ୍କୁ ଆର୍ଥିକ ସହାୟତା ଦେବାରେ ୨୩୮. ୫୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୮୯ ● ପାଉଣ୍ଡ ୧୦୯.୮୮
- ୟୁରୋ ୯୧.୧୮ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୯,୪୦୦ (ଭୁବନେଶ୍ୱର)
- ରୁପା : ୯୯,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୯୯୬.୦୦
- ନିଫ୍ଟି ୨୨,୯୫୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆମେରିକା ମଦ ଉପରେ ସୀମାଶୁଳ୍କ ହ୍ରାସକୁ ଭାରତୀୟ ବ୍ୟବସାୟୀଙ୍କ ବିରୋଧ

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ଟ୍ରମ୍ପଙ୍କ ଟାରିଫ ଚାପରେ ଭାରତ ସରକାର ଆମେରିକାରୁ ଆମଦାନୀ ହେଉଥିବା ବର୍ବନ ମଦ ଉପରେ ଶୁଳ୍କ କମାଇବା ପରେ ଭାରତୀୟ ବ୍ୟବସାୟୀମାନେ ଏହାର ବିରୋଧ କରିଛନ୍ତି। ଯଦି ଶୁଳ୍କ ହ୍ରାସ ହେଲା ତେବେ ଆମଦାନୀ ହୋଇଥିବା ମଦ ଉପରେ ଦିଆଯାଇଥିବା ସମସ୍ତ ଉତ୍ପାଦ ରିହାତି ପ୍ରତ୍ୟାହାର କରାଯାଉ ବୋଲି ଭାରତୀୟ ମାଦକ ପେୟ ଶିଳ୍ପଗୁଡ଼ିକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ବର୍ବନ ଉପରେ ଗୁରୁବାର ହ୍ରାସ କରାଯାଇଥିବା କଷ୍ଟମ ଡ୍ୟୁଟି ହ୍ରାସ ଉଭୟ ସ୍ପିରିଟ ଓ ୱାଇନ୍ ବର୍ଗରେ ଭାରତୀୟ ଉତ୍ପାଦକୁ କ୍ଷତି ପହଞ୍ଚାଇବ ବୋଲି ସେମାନେ ଯୁକ୍ତି ରଖିଛନ୍ତି। ଟ୍ରମ୍ପଙ୍କ ଯେଶାକୁ ତେଶା ନୀତିରୁ ରକ୍ଷା ପାଇବା ପାଇଁ ଭାରତ ଶୁକ୍ରବାର ଆମେରିକାରୁ ଆମଦାନୀ ହେଉଥିବା ବର୍ବନ ମଦ ଉପରେ ସୀମା ଶୁଳ୍କକୁ ୧୫୦%ରୁ କମାଇ କେବଳ ୫୦% କରିଥିଲା। ଭାରତର ଏହି ପଦକ୍ଷେପକୁ ଆମେରିକା ସ୍ୱାଗତ କରିବା ସହିତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ଘୋଷଣା କରିଥିଲେ। ଯାହାକୁ ଭାରତୀୟ ମଦ୍ୟ ବ୍ୟବସାୟୀ ସଂଘ ବିରୋଧ କରିଛି। ଭାରତୀୟ ମଦ୍ୟପାନ କମ୍ପାନୀଗୁଡ଼ିକର ମହାସଂଘ (ସିଆଇଏବିସି) ଆମଦାନୀ ହୋଇଥିବା ମଦର ଭାରତରେ ଡମ୍ପିଂକୁ ରୋକିବା ପାଇଁ କଠୋର ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛି। ଏହାସହିତ ଭାରତୀୟ ମଦ୍ୟପାନ ଉତ୍ପାଦ ପାଇଁ ଉତ୍ତମ ଆନ୍ତର୍ଜାତୀୟ ବଜାର ପ୍ରବେଶ ପାଇଁ ସୁବିଧା କରିବାକୁ ସଂଘ ଦାବି କରିଛି। କାରଣ ଭାରତୀୟ ମାଦକ ପେୟ ଇଣ୍ଡଷ୍ଟ୍ରୀ ବର୍ତ୍ତମାନ ଅଣ-ଶୁଳ୍କ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ଉଦାହରଣ ସ୍ୱରୂପ, ୟୁକେରେ ଅଣ-ଶୁଳ୍କ ପ୍ରତିବନ୍ଧକ ଭାରତ-ୟୁକେ ବାଣିଜ୍ୟ ଆଲୋଚନାରେ ବିବାଦର ଏକ ବିନ୍ଦୁ ହୋଇଛି। ଶ୍ରୀ ଆୟର ଆହୁରି କହିଛନ୍ତି ଯେ ଆମେ ବିଦେଶୀ ମଦ ଉପରେ ସୀମା ଶୁଳ୍କ ହ୍ରାସକୁ ବିରୋଧ କରୁନାହୁଁ। ତେବେ ଏହି ଶୁଳ୍କ ହ୍ରାସ ଏକ ପର୍ଯ୍ୟାୟକ୍ରମ କରାଯାଉ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଅଣ-ଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ ହଟାଇବା ଉଚିତ, ଯାହା ବହୁଳମାତ୍ରାରେ ଭାରତୀୟ ଉତ୍ପାଦଗୁଡ଼ିକୁ ସେଠାରେ ବିକ୍ରି କରିବାକୁ ବାଧା ସୃଷ୍ଟି କରୁଛି। ଏହି ବଜାରଗୁଡ଼ିକ ଅନ୍ୟ ବିଶ୍ୱ ଉତ୍ପାଦ ସହିତ ସମକକ୍ଷ ଭାବରେ ଭାରତୀୟ ହ୍ୱିସ୍କିକୁ ସ୍ୱୀକୃତି ଦିଅନ୍ତୁ ବୋଲି ଆୟର କହିଛନ୍ତି।

## ଚିନ୍ତା ବଢ଼ାଉଛି ସୁନା ମୂଲ୍ୟ ବୃଦ୍ଧି

# ବିବାହ ଋତୁରେ ଚାହିଦା ୮୦% କମିଲା

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):**

ଘରୋଇ ବଜାରରେ ତୀବ୍ର ବେଗରେ ବଢ଼ିବାରେ ଲାଗିଛି ସୁନା ଦର। ବୈଶ୍ୱିକ ଉତ୍ତେଜନ ମଧ୍ୟରେ ସୁନା ମୂଲ୍ୟ ଆକାଶଛୁଆଁ ହୋଇଛି। ଅଧିକାଂଶ ଦିନ ସୁନା ମୂଲ୍ୟରେ ବୃଦ୍ଧି ଘଟି ନୂଆ ରେକର୍ଡ ସ୍ତର ଛୁଉଁଛି। ଏପରିକି ମାତ୍ର ଗୋଟିଏ ମାସରେ ସୁନା ମୂଲ୍ୟ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ସୁନା ଦର ବଢୁଥିବାରୁ ଉଚ୍ଚ ମୂଲ୍ୟରେ ଏହାକୁ କିଣିବା ନେଇ ଗ୍ରାହକ କୁଣ୍ଠ କୁଣ୍ଠ ହେଉଛନ୍ତି। ଏଥିରେ କୌତୂହଳର ବିଷୟ ହେଉଛି ବିବାହ ଋତୁରେ ମଧ୍ୟ ସୁନା ଚାହିଦା ୮୦% ହ୍ରାସ ପାଇଛି। କାରଣ ସୁନା ମୂଲ୍ୟରେ ହେଉଥିବା ଏଭଳି ଅହେତୁକ ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇଦେଇଛି।



ମାସକରେ ସୁନା ଦର ୬ ପ୍ରତିଶତରୁ ଅଧିକ ବଢ଼ିଛି

ବଜାରରେ ଚାଲିଥିବା ବୃଦ୍ଧି ଓ ହ୍ରାସ ମଧ୍ୟରେ ଘରୋଇ ବଜାରରେ ସୁନା ମୂଲ୍ୟ ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ଗତ ଗୋଟିଏ ମାସରେ ସୁନା ମୂଲ୍ୟ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଆଜି ୧୦ ଗ୍ରାମ ସୁନାର ମୂଲ୍ୟ ୪୫୯ ଟଙ୍କା ବୃଦ୍ଧି ପାଇ ୮୫,୧୪୬ ଟଙ୍କା ହୋଇଛି। ରୂପା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଜାରି ରହିଛି। ରୁପା କିଲୋଗ୍ରାମ ପିଛା ୪୬ ଟଙ୍କା ବୃଦ୍ଧି ପାଇ ୯୫,୬୩୨ ଟଙ୍କାରେ ପହଞ୍ଚିଛି। ସୁନା ମୂଲ୍ୟ କ୍ରମାଗତ ବୃଦ୍ଧି ପାଉଥିବା ଯୋଗୁ ଲୋକଙ୍କ ସମସ୍ୟା ବଢ଼ିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯,୪୦୦ ଟଙ୍କା ଏବଂ ୨୪ କ୍ୟାରେଟ୍ ମୂଲ୍ୟ ୮୬,୬୨୦ ଟଙ୍କା ରହିଛି। ସୁନା ଦର କ୍ରମାଗତ ବୃଦ୍ଧି ପାଉଥିବା ଯୋଗୁ ପୁଅ ଓ ଝିଅ ବାହାଘର ଲାଗି ଏହି ମୂଲ୍ୟ ବାନ ଧାତୁ କିଣିବାକୁ ଚାହୁଁଥିବା ଲୋକଙ୍କ ସମସ୍ୟା ଏବେ ବଢ଼ିଯାଇଛି। ଏହାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ପରେ ସୁନା ଅଳଙ୍କାର ଚାହିଦା ୮୦ ପ୍ରତିଶତ ହ୍ରାସ ପାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍‌ର କହିବାନୁଯାୟୀ, ସାରା ଦେଶରେ ଅଳଙ୍କାର କ୍ଷେତ୍ରର ଖୁଚୁରା ବ୍ୟବସାୟୀମାନଙ୍କ ବିକ୍ରି ହ୍ରାସ ପାଉଛି। ବିବାହ ଋତୁ ସତ୍ତ୍ୱେ, ମୂଲ୍ୟ ବୃଦ୍ଧି ଯୋଗୁଁ ଗ୍ରାହକମାନେ ସେମାନଙ୍କ କ୍ରୟ କ୍ଷମତା ମନ୍ଥର କରିଦେଇଛନ୍ତି। ଅନ୍ୟପକ୍ଷରେ, ଚୀନ୍‌ର ଡିଲରମାନେ କ୍ରେତାଙ୍କୁ ଆକର୍ଷିତ କରିବା ପାଇଁ ରିଆତି ପ୍ରଦାନ କରିଛନ୍ତି।

ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ବିଷୟରେ କହିବାକୁ ଗଲେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନୂଆ ଶୁଳ୍କ ଲାଗୁ ପାଇଁ ଚାପ ପରେ ବାଣିଜ୍ୟ ଯୁଦ୍ଧ ଭୟରେ ନିବେଶକମାନେ ପ୍ରଫିଟ୍ ବୁକିଂ କରିବାରେ ଲାଗିଛନ୍ତି। ଏଥିଯୋଗୁ ସୁନା ମୂଲ୍ୟ ୧% ରୁ ଅଧିକ ହ୍ରାସ ପାଇଛି। ସ୍ପଟ୍ ବଜାରରେ ସୁନା ମୂଲ୍ୟ ୧.୫% ହ୍ରାସ ପାଇ ପ୍ରତି ଆଉନ୍ସ ୨,୮୮୩.୮୦ ଡଲାର ହୋଇଛି। ଅଳଙ୍କାର ବ୍ୟବସାୟୀଙ୍କ ଅନୁଯାୟୀ, ଅନେକ ଗ୍ରାହକ ବିବାହ ଋତୁ ପାଇଁ ସୁନା କିଣିବାକୁ ଚାହୁଁଛନ୍ତି, କିନ୍ତୁ ମୂଲ୍ୟ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ସେମାନେ ଏବେ କିଣିବା ଯୋଜନାକୁ ଏଡ଼ାଇ ଯାଉଛନ୍ତି। ଏଥିରେ ଅଧିକାଂଶ ଲୋକେ ଶୋ' ରୁମ୍‌କୁ ସୁନା ମଉଲ୍ୟ କେବେ ଶସ୍ତା ହେବ ଏବଂ ଏହାକୁ କିଣିବାର ସଠିକ୍ ସମୟ କେବେ ବୋଲି ଫୋନ୍ କରି ପଚାରୁଛନ୍ତି।

ବିଶ୍ୱ ସୁନା ପରିଷଦର ତଥ୍ୟ ଅନୁଯାୟୀ, ୨୦୨୪ରେ ଭାରତର ସୁନା ଅଳଙ୍କାର ବ୍ୟବହାର ୫୬୩.୪ ମେଟ୍ରିକ୍ ଟନ୍ ଥିଲା, ଯାହା ଚୀନର ୫୧୧.୪ ଟନ୍ ଅପେକ୍ଷା ଅଧିକ। ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୁନା ଗ୍ରାହକ ଭାରତରେ ସୁନା ମୂଲ୍ୟ ଚଳିତ ସପ୍ତାହରେ ପ୍ରତି ୧୦ ଗ୍ରାମ ୮୮,୦୦୦ ଟଙ୍କା ରେକର୍ଡ ସ୍ତରରେ ପହଞ୍ଚିଛି। ୨୦୨୪ରେ ୨୧ ପ୍ରତିଶତ ବୃଦ୍ଧି ପରେ, ଚଳିତ ବର୍ଷ ମାତ୍ର ୪୫ ଦିନରେ ସୁନା ଦର ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି।

# ଖଣିର ସୁବିନିଯୋଗ ଟଙ୍କା ଉପରେ ଚାପ କମାଇବ: ଅନୀଲ ଅଗ୍ରୱାଲ



**ଭୁବନେଶ୍ୱର,୧୭।୨((ସମିସ):** କୌଣସି ଗୋଟିଏ କ୍ଷେତ୍ର ଯାହା ବିପୁଳ ନିଯୁକ୍ତି ସୃଷ୍ଟି ସହ ରାଜକୋଷ ପାଇଁ ରାଜସ୍ୱ ସୃଷ୍ଟି କରିପାରିବ ପୁଣି ତାହା ଆମଦାନୀ ହ୍ରାସ କରିପାରୁଥିବ ତଥା ସ୍ଥିର ମୁଦ୍ରାସ୍ୱତିକୁ ସମର୍ଥନ ଏବଂ ଦ୍ରୁତ ଜିଡିପି ଅଭିବୃଦ୍ଧିରେ ଯୋଗଦାନ ଦେଇପାରିବ। ସେଭଳି କ୍ଷେତ୍ର କେବଳ ମାଟି ତଳେ ଖଣି ଭାବେ ରହିଛି। ଭାରତରେ ବହୁତ ସମୃଦ୍ଧ ଭୂ-ବିଜ୍ଞାନ ରହିଛି ତଥାପି ଆମର ମୋଟ ଆମଦାନିର ୫୦% ତୈଳ, ସୁନା, ହୀରା, ତମ୍ବା ଏବଂ ଅନ୍ୟାନ୍ୟ ସମ୍ବଳ ଭଳି ମାଟି ତଳେ ଥିବା ସାମଗ୍ରୀ ଯୋଗୁଁ ହୋଇଥାଏ।

ବଡ଼ ଧରଣର ଆମଦାନି ଟଙ୍କା ଉପରେ ଚାପ ପକାଉଛି। କୌଣସି ଏକ ସମାଧାନ ଯାହା ଏହି କ୍ଷେତ୍ରର ଗତିପଥକୁ ପରିବର୍ତ୍ତନ କରିପାରିବ, ଏହାର ଉତ୍ତର ହେଉଛି ବିଶ୍ୱାସ ସହିତ ଗତିଶୀଳ ହେବା। ନିର୍ମାଣ ସହିତ ନିଯୁକ୍ତି ସୃଷ୍ଟି କରିବାର ସବୁଠାରୁ ଅଧିକ ସମ୍ଭାବନା ଥିବା ଏହି କ୍ଷେତ୍ରର ବ୍ରାଉନଫିଲ୍ଡ ଏବଂ ଗ୍ରୀନଫିଲ୍ଡ ସମ୍ପ୍ରସାରଣକୁ ମଞ୍ଜୁରି ବିଳମ୍ବ କାର୍ଯ୍ୟ ପ୍ରଗତିରେ ପ୍ରତିରୋଧ କରିଥାଏ। ଆସନ୍ତୁ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର କମ୍ପାନିମାନଙ୍କୁ ଉତ୍ପାଦନ ବୃଦ୍ଧି କରିବାକୁ ଅନୁମତି ଦେବା। କୌଣସି ପରିସ୍ଥିତିରେ ଉତ୍ପାଦନ ବନ୍ଦ କରିବା ନାହିଁ। ଆସନ୍ତୁ ସେମାନଙ୍କ ମନୋବଳ ବଢ଼ାଇବା ସହ ସମ୍ମାନ ଦେବା। ଏହା ଦ୍ୱାରା ଭାରତ ବଦଳିଯିବ। ସମୃଦ୍ଧି ବଢ଼ାଇବା ପାଇଁ ନୀତି ଓ ନିୟମ ରହିବା ଦରକାର, କିନ୍ତୁ କାର୍ଯ୍ୟ ମନ୍ଥର ହେବା ପାଇଁ ନୁହେଁ। ନିୟମ ନିର୍ଦ୍ଧାରଣ କରାଯାଉ। ଆୟକର ଭଳି ଅଡିଟ୍ ପରେ ସେଲ୍ଫ ସାର୍ଟିଫିକେସନ୍‌କୁ ଦିଆଯାଉ। ଲୋକମାନେ ନିୟମ ମାନିବେ। ଏଗୁଡ଼ିକ ଛୋଟ ପରିବର୍ତ୍ତନ ପରି ମନେ ହୋଇପାରେ କିନ୍ତୁ ଏହା ଏକ ବଡ଼ ପରିବର୍ତ୍ତନ ଆଣିପାରେ ।

# ଜେଏସ୍‌ଡବ୍ଲ୍ୟୁବିପିଏସ୍‌ଏଲ୍ ଟାଉନ୍‌ଶିପ୍‌ରେ 'ମନ୍ନତ୍' ଅକୁପେସନାଲ ଥେରାପି ସେଣ୍ଟର ଉଦ୍‌ଘାଟିତ



**ଭୁବନେଶ୍ୱର,୧୭।୨ (ସମିସ):** ଜେଏସ୍‌ଡବ୍ଲ୍ୟୁବିପିଏସ୍‌ଏଲ୍ ଟାଉନ୍‌ଶିପ୍‌ରେ ଏକ ନୂଆ ଅକୁପେସନାଲ ଥେରାପି ସେଣ୍ଟର 'ମନ୍ନତ୍' ଉଦ୍‌ଘାଟିତ ହୋଇଯାଇଛି। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ଦ୍ୱାରା ଏହାକୁ ବିକଶିତ କରାଯାଇଛି। ଏହି ନୂଆ ସେଣ୍ଟରକୁ ଆକାଂକ୍ଷା ଲେଡିଜ୍ କ୍ଲବ୍‌ର ସଭାପତି ନୀଲମ୍ ସିଂହ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟାମାନଙ୍କ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁବିପିଏସ୍‌ଏଲ୍‌ର ହେଡ୍ (ଏଚ୍‌ଆର୍) ଜେ.ପି. ସିଂହ ଏବଂ ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ୍ ଉପସ୍ଥିତ ଥିଲେ। ଅଟିଜିମ୍, ଏଡିଏଚ୍‌ଡି, କହିବାରେ ବିଳମ୍ବ ଏବଂ ପିଲାର ବିକାଶରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକ କ୍ଷେତ୍ରରେ ସେମାନଙ୍କୁ ଗଢ଼ିତୋଳିବା ଏବଂ ସମର୍ଥନ ପାଇଁ ଏକ ଉତ୍ତମ ପରିବେଶ କ୍ଷଗାଇଦେବା ନିମନ୍ତେ 'ମନ୍ନତ୍' ପ୍ରତିଷ୍ଠା କରାଯାଇଛି। ଏହାସହ ଯେଉଁପିଲାମାନେ ଏକ ସ୍ୱତନ୍ତ୍ର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ନାମିଁ ଏହି ସେଣ୍ଟର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ବଢ଼ିପାରେ ବ୍ୟାଙ୍କଜମା ଉପରେ ବୀମା କଭର

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** କେନ୍ଦ୍ର ସରକାର ଜମା ବୀମା ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ ଆଇନ (ଡିଆଇସିଜିସି) ଅଧୀନରେ ପ୍ରଦାନ କରାଯାଇଥିବା ବୀମା କଭରରେ ବୃଦ୍ଧି କରିପାରନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ସୂଚନାନୁଯାୟୀ, ଏହାକୁ ୫ ଲକ୍ଷ ଟଙ୍କାରୁ ଅଧିକକୁ ବୃଦ୍ଧି କରାଯାଇପାରେ। ପାରିବ। ଡିଆଇସିଜିସି ଅନୁଯାୟୀ, ବ୍ୟାଙ୍କ ବନ୍ଦ ହେବା କିମ୍ବା ବୁଡ଼ି ଯିବା ପରିସ୍ଥିତିରେ ଗ୍ରାହକଙ୍କ ଜମା ଉପରେ ୫ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ସୁରକ୍ଷିତ ରହିବ। ଜମାକାରୀମାନେ ୯୦ ଦିନ ମଧ୍ୟରେ ଏହି ଜମା ରାଶି ପାଇଥାନ୍ତି।ବର୍ତ୍ତମାନ ସରକାର କେବଳ ଜମା ରାଶି ଉପରେ ୫ଲକ୍ଷ ଟଙ୍କାର ବୀମା ପ୍ରଦାନ କରୁଛନ୍ତି। ଧରାଯାଉ ଜଣେ ଜମାକାରୀଙ୍କ ବ୍ୟାଙ୍କରେ ୧୦ ଲକ୍ଷ ଟଙ୍କା ଜମା ରହିଛି। ଯଦି କୌଣସି କାରଣରୁ ବ୍ୟାଙ୍କ ବନ୍ଦ ହୋଇଯାଏ, ତେବେ ଜମାକାରୀଙ୍କୁ ୫ ଲକ୍ଷ ଟଙ୍କାର ବୀମା କଭରେଜ୍ ମିଳିବ। ଏହାର ଅର୍ଥ ହେଉଛି ଆପଣ କେବଳ ୫ ଲକ୍ଷ ଟଙ୍କା ପାଇପାରିବେ। ଡିଆଇସିଜିସି ଏହି ବୀମା ଉପରେ ଜମାକାରୀଙ୍କଠାରୁ ସିଧାସଳଖ କୌଣସି ପ୍ରିମିୟମ୍ ନେଉନାହିଁ। ଏହି ପ୍ରିମିୟମ କେବଳ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଏ। ଜମା ଗ୍ୟାରେଣ୍ଟି କେବଳ ବ୍ୟାଙ୍କ ବନ୍ଦ ହେବା କ୍ଷେତ୍ରରେ ପ୍ରଯୁଜ୍ୟ। ଯଦି ଜଣେ ଜମାକାରୀଙ୍କର ୪ ଲକ୍ଷ ଟଙ୍କା ଜମା ରହିଛି, ତେବେ ନୂତନ ବ୍ୟବସ୍ଥା ଅନୁଯାୟୀ ସେ ବୀମା କଭର ଆକାରରେ ସମ୍ପୂର୍ଣ୍ଣ ଜମା ଟଙ୍କା ଫେରିପାଇପାରିବେ।ସମ୍ପ୍ରତି ନ୍ୟୁ ଇଣ୍ଡିଆ କୋଅପରେଟିଭ୍ ବ୍ୟାଙ୍କରେ ଅନିୟମିତତା ସାମ୍ନାକୁ ଆସିବା ପରେ, ବ୍ୟାଙ୍କଗୁଡ଼ିକରେ ଟଙ୍କା ଅଭାବ ଯୋଗୁଁ ଗ୍ରାହକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ, ଗତ କିଛି ବର୍ଷ ମଧ୍ୟରେ ପଞ୍ଜାବ ଏବଂ ମହାରାଷ୍ଟ୍ର ସମବାୟ ବ୍ୟାଙ୍କ (ପିଏମ୍‌ସି), ୟସ୍ ବ୍ୟାଙ୍କ ଏବଂ ଲକ୍ଷ୍ମୀ ବିଳାସ ବ୍ୟାଙ୍କ (ଏଲ୍‌ଭିବି)ର ଗ୍ରାହକମାନଙ୍କୁ ବ୍ୟାଙ୍କରେ ଟଙ୍କା ଅଭାବ ଯୋଗୁଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଗ୍ୟାରେଣ୍ଟି ପରିମାଣ ବୃଦ୍ଧି କରିବା ଦ୍ୱାରା ଲୋକମାନେ ବ୍ୟାଙ୍କଗୁଡ଼ିକରେ ଗ୍ୟାରେଣ୍ଟି ପରିମାଣ ସହିତ ସମାନ ଟଙ୍କା ଜମା କରିବା ବିଷୟରେ ଚିନ୍ତିତ ହେବେ ନାହିଁ, ଯାହା ଫଳରେ ଲୋକଙ୍କର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପ୍ରତି ବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ। ଫଳସ୍ୱରୂପ, ସଞ୍ଚୟ ବୃଦ୍ଧି ପାଇବା ସହ ବ୍ୟାଙ୍କଗୁଡ଼ିକ ଅଧିକ ଋଣ ଦେଇପାରିବେ। ଆହୁରିମଧ୍ୟ ଯଦି ଆପଣଙ୍କର ବ୍ୟାଙ୍କ କୌଣସି କାରଣରୁ ଦେବାଳିଆ ହୋଇଯାଏ ତେବେ ଆପଣ ୯୦ ଦିନ ମଧ୍ୟରେ ଆପଣଙ୍କର ଜମା ଟଙ୍କା ପାଇବେ। ପ୍ରଭାବିତ ବ୍ୟାଙ୍କକୁ ୪୫ ଦିନ ମଧ୍ୟରେ ଆକାଉଣ୍ଟଧାରୀଙ୍କ ବିବରଣୀ ଡିଆଇସିଜିସିକୁ ପଠାଇବାକୁ ପଡିବ। ପରବର୍ତ୍ତୀ ୪୫ ଦିନ ମଧ୍ୟରେ ସେ ଆକାଉଣ୍ଟଧାରୀଙ୍କୁ ଟଙ୍କା ଫେରସ୍ତ କରିବେ।




# ଶୁଳ୍କ ଯୁଦ୍ଧ ; ଧ୍ୱଂସ ହୋଇଯିବ ଚୀନ୍-ଆମେରିକା ଅର୍ଥନୀତି

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):**



- ଦୁଇ ଦେଶ ମଧ୍ୟରେ ୮ ବର୍ଷ ଧରି ଚାଲିଛି ଟାରିଫ୍ ୱାର
- ଖୁବ୍‌ଶୀଘ୍ର ବାଣିଜ୍ୟ ଯୁଦ୍ଧ ରୂପ ନେବ
- ଶୁଳ୍କ ଯୁଦ୍ଧରେ ଆମେରିକା ଅପେକ୍ଷା ଅଢ଼େଇ ଗୁଣ ଅଧିକ କ୍ଷତି ସହିବ ଚୀନ୍

ଆମେରିକାର ରାଷ୍ଟ୍ରପତି ହୋଇଥିବା ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଆସିବା ପରେ ବିଶଶ୍ୱର ସବୁ ରାଷ୍ଟ୍ର ଉପରେ ନୂତନ ଟାରିଫ୍ (ଶୁଳ୍କ) ଲାଗୁ କରିବା ନେଇ ଘୋଷଣା କରିଛନ୍ତି। ଏହାକୁ ନେଇ ବର୍ତ୍ତମାନ ସାରା ବିଶ୍ୱରେ ଛନକା ପଶିଛି। ଏହାର ପ୍ରଭାବରେ ସେୟାର ବଜାରଠାରୁ ସୁନା ବଜାର ଓ ତେଲ ବଜାର ସବୁ ମାନ୍ଦା।

୯୦ ବର୍ଷ ପୂର୍ବେ ଫ୍ରାଙ୍କଲିନ୍ ଡେଲାନୋ ରୁଜଭେଲ୍ଟ ବିଶ୍ୱର ସବୁଠାରୁ ବଡ଼ ଡିପ୍ରେସନର କାରଣଗୁଡ଼ିକୁ ପରୀକ୍ଷା କରିଥିଲେ। ସେଥିରେ କିଛି ଦୃଢ଼ କାରଣ ସାମ୍ନାକୁ ଆସିଥିଲା। ସେଥିରେ ମୂଳ କଥା ଥିଲା ଆକାଶ ଛୁଆଁ ଆମଦାନୀ ଶୁଳ୍କ ପ୍ରତି ବିଶ୍ୱର ପ୍ରତିଶୋଧ ଆମେରିକାକୁ ଧ୍ୱଂସ ପଥ ଆଡକୁ ଠେଲି ଦେଇଥିଲା। ଏହା ଆମେରିକା ପାଇଁ ଏକ ବଡ଼ ଶିକ୍ଷା ଥିଲା। ଏହାପରେ, ଆମେରିକୀୟ ନେତୃତ୍ୱ କିଛି ଦଶନ୍ଧି ଧରି ଶୁଳ୍କକୁ କମ୍ ରଖିଥିଲେ। ବିଶ୍ୱ ବ୍ୟବସାୟ ବୃଦ୍ଧି ପାଇଁ ଅନେକ ସଂସ୍କାର କରାଯାଇଥିଲା। ଏସବୁ ପରେ ମଧ୍ୟ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁଳ୍କକୁ ଏକ ଅବିକଳ ଅସ୍ତ୍ର ଭାବରେ ବିବେଚନା କରୁଛନ୍ତି। ସେ ଚୀନ୍ ବିରୁଦ୍ଧରେ ଏକ କଠୋର ଶୁଳ୍କ ନୀତି କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି। ଚୀନ୍ ଏ ବିଷୟରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଅଭିଯୋଗ କରିଛି। ଯଦି ଦୁଇ ଦେଶ ମଧ୍ୟରେ ବିବାଦର ସମାଧାନ ନ ହୁଏ, ତେବେ ଏହି ଶୁଳ୍କ ଯୁଦ୍ଧ ଖୁବ୍ ଶୀଘ୍ର ବାଣିଜ୍ୟ ଯୁଦ୍ଧରେ ପରିଣତ ହୋଇପାରେ। ତେବେ ଏହା କରି, ଟ୍ରମ୍ପ କ'ଣ ଆମେରିକାକୁ ପୁଣି ଥରେ ଅସୁବିଧାରେ ପକାଉଛନ୍ତି। ଏହା ଚୀନ୍ ଅର୍ଥନୀତି ଉପରେ କି ପ୍ରଭାବ ପକାଇବ ଓ ଚୀନ୍ ଏବଂ ଆମେରିକା ମଧ୍ୟରେ ଶୁଳ୍କ ଯୁଦ୍ଧର ପ୍ରଭାବ ଭାରତ ଏବଂ ଅନ୍ୟାନ୍ୟ ଦେଶ ଉପରେ କିପରି ରହିବ ତାହାକୁ ନେଇ ଏବେ ଚାରିଆଡେ ଆଲୋଚନା।

ଏକ ରିପୋର୍ଟ ଅନୁଯାୟୀ, ଚୀନ୍ ବିରୁଦ୍ଧରେ ପ୍ରଥମ କାର୍ଯ୍ୟକାଳର କଠୋର ଶୁଳ୍କ ନୀତି ଆମେରିକାର ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିପାରି ନ ଥିଲା। ପ୍ରକୃତରେ, ଶୁଳ୍କ ଲାଗୁ କରାଗଲେ ଡଲାର ମଜଭୁତ ହୋଇଥାଏ। ଏଥିରେ ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀର ଚାହିଦା ହ୍ରାସ ପାଇବା ସହ ବିଦେଶୀ ମୁଦ୍ରାର ଚାହିଦା କମ୍‌ହୁଏ। ଏତାଛଡା ଏଭଳି ସ୍ଥିତିରେ ଆମେରିକାର ରପ୍ତାନି ମଧ୍ୟ ସଙ୍କୁଚିତ ହେବାରେ ଲାଗିଥାଏ। ଟ୍ରମ୍ପଙ୍କ କଠୋର ଶୁଳ୍କ ନୀତି ସତ୍ତ୍ୱେ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ଉତ୍ପାଦନ କ୍ଷେତ୍ରର ନିଯୁକ୍ତି ହ୍ରାସ ପାଇଥିଲା। ଇସ୍ପାତ ଭଳି କିଛି କ୍ଷେତ୍ରର ଆୟ ବୃଦ୍ଧି ପାଇଥିଲା, କିନ୍ତୁ ଅନ୍ୟ କ୍ଷେତ୍ରରୁ ଆୟ ହ୍ରାସ ପାଇଥିଲା।

ଆମେରିକାର ଶୁଳ୍କ ଲାଗୁର ପ୍ରତି ଜବାବରେ ଚୀନ୍ ଆମେରିକୀୟ ଟେକ୍ ଜାଏଣ୍ଟ ଆପଲ୍, ଗୁଗୁଲ୍ ବିରୋଧରେ ତଦନ୍ତ ଆରମ୍ଭ କରିଛି। ଆମେରିକାରୁ କୋଇଲା ଏବଂ ଏଲ୍‌ଏନ୍‌ଜି ଆମଦାନୀ ଉପରେ 15% ଶୁଳ୍କ ଲାଗୁ କରାଯାଇଛି। ଆମେରିକାର ଅଶୋଧିତ ତୈଳ, କୃଷି ଉପକରଣ, ବଡ଼ ବିସ୍ଥାପନ ଯାନ, ପିକଅପ୍ ଟ୍ରକ୍ ଉପରେ ୧୦% ଶୁଳ୍କ ଲାଗୁ କରିବା ବ୍ୟତୀତ, ଏହା ଟଙ୍ଗଷ୍ଟନ୍ ସମେତ ପ୍ରମୁଖ ଖଣିଜ ପଦାର୍ଥର ରପ୍ତାନିକୁ ମଧ୍ୟ କଡ଼ାକଡ଼ି କରିଛି। ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଉତ୍ପାଦନ ଭଳି ଆମେରିକୀୟ ଶିଳ୍ପଗୁଡ଼ିକ ଟଙ୍ଗଷ୍ଟନ୍ ଆମଦାନୀ ଉପରେ ବହୁଳ ଭାବରେ ନିର୍ଭରଶୀଳ। ତଥାପି, ଚୀନ୍ କାର୍ଯ୍ୟକଳାପର ଆମେରିକା ଉପରେ ବିଶେଷ ପ୍ରଭାବ ପଡ଼େ ନାହିଁ।

ଉଭୟ ଦେଶର ପରସ୍ପର ଉପରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ଉଭୟ ଆମେରିକା ଓ ଚୀନ୍ କ୍ଷତିରେ ପଡିଛନ୍ତି। କାରଣ ଆମେରିକା ସହିତ ଚୀନର ବାଣିଜ୍ୟ ବଳକା ୨୩ ଲକ୍ଷ କୋଟି ଟଙ୍କା। ଆମେରିକାର ଶୁଳ୍କ ପ୍ରାୟ ୩୯ ଲକ୍ଷ କୋଟି ଟଙ୍କାର ଚୀନ୍ ସାମଗ୍ରୀକୁ କଭର କରେ, ଯେତେବେଳେ କି ଚୀନ୍ ଶୁଳ୍କ ୧.୭୩ ଲକ୍ଷ କୋଟି ଟଙ୍କାର ଆମେରିକୀୟ ସାମଗ୍ରୀକୁ କଭର କରେ। ଅକ୍ସଫୋର୍ଡ ଇକୋନୋମିକ୍ସ ଅନୁଯାୟୀ ଟ୍ରମ୍ପଙ୍କ ପ୍ରଥମ ଶୁଳ୍କ ପଦକ୍ଷେପରେ, ଭାରତ ୨୦୧୭ରୁ ୨୦୨୩ ମଧ୍ୟରେ ଚତୁର୍ଥ ସର୍ବବୃହତ ଲାଭାର୍ଥୀ ଥିଲା। ଆମେରିକୀୟ ଶୁଳ୍କ ବୃଦ୍ଧି ପରେ ଏବେ, ଚୀନ୍ କମ୍ପାନୀଗୁଡ଼ିକ ଭିଏତନାମ ଏବଂ କାମ୍ବୋଡିଆ ଭଳି ଦେଶରେ ସେମାନଙ୍କର କାରଖାନା ସ୍ଥାପନ କରୁଛନ୍ତି। ଚୀନ୍ ଦକ୍ଷିଣ ପୂର୍ବ ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକୁ ରପ୍ତାନି ବୃଦ୍ଧି କରିବାରେ ବ୍ୟସ୍ତ। ଶୁଳ୍କ ଯୁଦ୍ଧ ଯୋଗୁଁ ଚୀନ୍ ଆମେରିକା ଅପେକ୍ଷା ଅଢ଼େଇ ଗୁଣ ଅଧିକ କ୍ଷତି ସହିବ।

# ଫେଡେକ୍ସ ପକ୍ଷରୁ ଦେଶବ୍ୟାପୀ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୭।୨(ଏଜେନ୍ସି):** ସାରା ଭାରତରେ କୋରିଅର ଠକେଇ ଦିନକୁ ଦିନ ବଢିଚାଲିଥିବାର ପ୍ରତିକ୍ରିୟା ହିସାବରେ, ଫେଡେରାଲ ଏକ୍ସପ୍ରେସ କର୍ପୋରେସନ (ଫେଡେକ୍ସ) ବିଶ୍ୱର ସର୍ବବୃହତ୍ ଏକ୍ସପ୍ରେସ ଟ୍ରାନ୍ସପୋର୍ଟ କମ୍ପାନୀ ସ୍ଥାନୀୟ ପୋଲିସ, ସାଇବର ସୁରକ୍ଷା ସେଲ୍ ଏବଂ ୟୁନାଇଟେଡ୍ ୱେ ମୁମ୍ବାଇଙ୍କ ସହିତ ମିଳିତ ସହଯୋଗରେ ଦେଶବ୍ୟାପୀ ଏକ ସାଇବର ସୁରକ୍ଷା ସଚେତନତା ଏବଂ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏ ସମ୍ପର୍କରେ ଫେଡେକ୍ସର ଉପାଧ୍ୟକ୍ଷ ମାର୍କେଟିଂ ଗ୍ରାହକ ଅନୁଭୁତି ଏବଂ ଏୟାର ନେଟୱାର୍କ, ମଧ୍ୟପ୍ରାଚ୍ୟ, ଭାରତୀୟ ଉପମହାଦେଶ ଏବଂ ଆଫ୍ରିକା ନୀତିନ ନବନୀତ ତାଟିୱାଲା କହିଛନ୍ତି ଯେ,୨୦୨୪ରେ ଭାରତରେ ସାଇବର ଠକେଇରେ ୧.୭ ବିଲିୟନ ଟଙ୍କାରୁ ଅଧିକ କ୍ଷତି ହୋଇଛି। ସାଇବର ଅପରାଧ ଦିନକୁ ଦିନ ବଢିଚାଲିଥିବାରୁ ଏ ବିଷୟରେ ସଚେତନତା ବୃଦ୍ଧି ହେଉଛି ଆମର ସର୍ବୋତ୍ତମ ପ୍ରତିରକ୍ଷା ଉପାୟ। ଏହି ପ୍ରଚେଷ୍ଟା ସହିତ, ଆମେ ଜନ ସମାଜକୁ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ମାଧ୍ୟମରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯେପରିକି ସେମାନେ ଏଭଳି ଠକେଇରୁ ନିଜକୁ ସୁରକ୍ଷିତ ରଖିପାରିବେ ଏବଂ ଦେଶ ସାରା ଏକ ସୁରକ୍ଷିତ ଡିଜିଟାଲ୍ ପରିବେଶ ମଧ୍ୟ ସୃଷ୍ଟି ହୋଇପାରିବ। ଏହି ସକ୍ରିୟ ପ୍ରଚେଷ୍ଟାର ଲକ୍ଷ୍ୟ ହେଉଛି ୧୦ ହଜାରରୁ ଅଧିକ ବ୍ୟକ୍ତିଙ୍କୁ ଡିଜିଟାଲ୍ ଶିକ୍ଷା ଦେବା ଏବଂ ସଶକ୍ତ କରିବା, ଯେଉଁଥିରେ ବରିଷ୍ଠ ନାଗରିକ, ମହିଳା ଏବଂ କିଶୋରମାନଙ୍କ ଉପରେ ଅଧିକ ଧ୍ୟାନ ଦିଆଯିବ ଏବଂ ସୁରକ୍ଷିତ ଅନ୍‌ଲାଇନ୍ କାର୍ଯ୍ୟାଭ୍ୟାସରେ ସେମାନଙ୍କ୍ ସୁସଜ୍ଜିତ କରାଯିବ। ତା ସହିତ ଏଭଳି କାର୍ଯ୍ୟ ଦକ୍ଷତା ମଧ୍ୟ ସେମାନଙ୍କୁ ଶିକ୍ଷା ଦିଆଯିବ ଯେପରିକି ସେମାନେ ଫିସିଂ, ଚୋରି, ଡିଜିଟାଲ୍ ପେମେଣ୍ଟ ସ୍କାମ୍, ସୋସିଆଲ ମିଡିଆ ଠକେଇ ପ୍ରଭୃତିକୁ ସେମାନେ ଚିହ୍ନଟ କରିପାରିବେ ଏବଂ ସାଇବର ଠକେଇ ରୁ ନିଜକୁ ରକ୍ଷା କରିପାରିବେ।

ସକାଳ
THE SAKALA
www.sakalaepaper.com

## ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଅଧିନାୟକଙ୍କ ବିନା ଉଦ୍‌ଘାଟନ



ଚାମ୍ପିଅନ୍ସ ଟ୍ରଫି ଲାଗି ସୁସଜ୍ଜିତ ଲହୋରର ଆଲମ୍‌ଗିରି ଗେଟ୍

ଲାହୋର,୧୭ ।୨(ଏଜେନ୍ସି)

ଆଉ ଗୋଟିଏ ଦିନ ପରେ ଆରମ୍ଭ ହେବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି । ବୁଧବାର ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ । ପ୍ରଥମ ମ୍ୟାଚ୍ ଖେଳାଯିବା ପୂର୍ବରୁ ଲାହୋରରେ ରବିବାର ରଙ୍ଗାରଙ୍ଗ୍ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଛି । ଏହି ଅବସରରେ ୨୦୧୭ ଚାମ୍ପିଅନ୍ସ ଟ୍ରଫିର ଚାମ୍ପିଅନ ପାକିସ୍ତାନ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ । ସେତେବେଳର ଅଧିନାୟକ ସର୍ଫରାଜ ଅହମ୍ମଦ, ମହମ୍ମଦ ଆମୀର, ଆଝାର ଅଲି, ଜୁନେଦ ଖାନ୍, ଶଦାବ ଖାନ୍, ଇମାଦ ୱାସିମ, ହାସନ ଅଲି, ମହମ୍ମଦ ହାଫିଜ୍ ଓ ହାରିସ ସୋହେଲ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ସେହିପରି ଅର୍ନ୍ତାତୀୟ କ୍ରିକେଟରଙ୍କ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିର ଆମ୍ବାସାଡର ନ୍ୟୁଜିଲାଣ୍ଡ ବୋଲର ଟିମ୍ ସାଉଦି, ଦକ୍ଷିଣ ଆଫ୍ରିକା ପୂର୍ବତନ କ୍ରିକେଟର ଜେପି ଡୁମିନୀ ଉପସ୍ଥିତ ଥିଲେ । ପାକିସ୍ତାନ କଳାକାରଙ୍କ ସଂଗୀତ ପରିବେଷଣ ପରେ ଜବରଦସ୍ତ ଆତସବାଜୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲା । ଏହାପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକଭି ନିଜର ବକ୍ତବ୍ୟ ରଖିଥିଲେ । ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାକୁ ପାକିସ୍ତାନ ପ୍ରସ୍ତୁତ ବୋଲି ସେ ନିଜ ଭାଷଣରେ ଘୋଷଣା କରିଥିଲେ । ଏପର୍ଯ୍ୟନ୍ତ ୪ଟି ଦଳ କରାଚୀରେ ପହଞ୍ଚି ସାରିଛନ୍ତି । ସେହିପରି ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଦଳ ମଙ୍ଗଳବାର ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ସେ ସୂଚନା ଦେଇଥିଲେ ।

ଏହି ରଙ୍ଗାରଙ୍ଗ ଉତ୍ସବରେ ଟୁର୍ଣ୍ଣାମେଣ୍ଟର ଅଂଶଗ୍ରହଣ କରିବାକୁ ଥିବା ୮ଟି ଦଳର ଅଧିନାୟକ ଉପସ୍ଥିତ ନଥିଲେ । ଫଳରେ ଉତ୍ସବ ସାମାନ୍ୟ ଫିକା ପଡିଯାଇଥିଲା । ଚାମ୍ପିଅନ୍ସ ଟ୍ରଫି ଇତିହାସରେ ବଡ଼ ଉଦ୍‌ଘାଟନୀ ଉତ୍ସବରେ ପରମ୍ପରା ନ ଥିଲେ ମଧ୍ୟ 'କ୍ୟାପ୍‌ଟେନ୍ସ ଇଭେଣ୍ଟ' ଓ ଫଟୋସୁଟ୍‌କୁ ବେଶ୍ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ କେତୋଟି ଦେଶ ପାକିସ୍ତାନରେ ପହଞ୍ଚିପାରି ନଥିବାରୁ ଏହା ହୋଇପାରି ନଥିଲା । ବୁଧବାର ପ୍ରଥମ ମ୍ୟାଚ୍ ପୂର୍ବରୁ ଦ୍ୱିତୀୟ ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ।



### ଭାରତୀୟ ଖେଳାଳିଙ୍କ ଜୋରଦାର ଅଭ୍ୟାସ

ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳ ଦୁବାଇରେ ଅଭ୍ୟାସ ଆରମ୍ଭ କରିଛି । ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲ ଅନୁସାରେ ଆୟୋଜନ ହେବ । ତେଣୁ ଭାରତ ପାକିସ୍ତାନ ନଯାଇ ଦୁବାଇରେ ତା'ର ସବୁ ମ୍ୟାଚ୍ ଖେଳିବ । କ୍ରିକେଟର ଅଭ୍ୟାସ କରୁଥିବାର ଫଟୋ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାମାଜିକ ଗଣମାଧ୍ୟମ ଏକ୍ସରେ ସେୟାର କରିଛି । ଅଭ୍ୟାସ ବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ ଋଷଭ ପନ୍ତଙ୍କ ଆଣ୍ଠୁରେ ବାଜିଛି ଓ ସେ ଯନ୍ତ୍ରଣା ଅନୁଭବ କରିଥିଲେ । ତେବେ ଏହା ଗୁରୁତର ନୁହଁ ବୋଲି କୁହାଯାଇଛି । ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲିଙ୍କ ସମେତ ସବୁ ଖେଳାଳି ଜୋରଦାର ଅଭ୍ୟାସ କରିଥିଲେ ।

### ବାଂଲାଦେଶ ବିପକ୍ଷରୁ ଭାରତର ଅଭିଯାନ

ଭାରତ ୨୦ ତାରିଖ ଅର୍ଥାତ ଗୁରୁବାର ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ । ସେହିପରି ୨୩ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ ତଥା ହାଇଭୋଲ୍‌ଟେଜ ମ୍ୟାଚ୍ ଖେଳାଯିବ । ଶେଷରେ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଗ୍ରୁପ ଏ'ରେ ତା'ର ତୃତୀୟ ମ୍ୟାଚ୍ ଖେଳିବ ।

## କରାଚୀ ଷ୍ଟାଡିୟମରେ ଉଡ଼ିଲାନି ତ୍ରିରଙ୍ଗା

କରାଚୀ,୧୭ ।୨(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବା ପୂର୍ବରୁ ଆଉ ଏକ ନୂଆ ବିବାଦ ସୃଷ୍ଟି ହୋଇଛି । କରାଚୀ ନ୍ୟାସନାଲ ଷ୍ଟାଡିୟମରେ ଅନ୍ୟ ଦେଶର ପତାକାଗୁଡିକ ଉଡାଯାଇଥିବା ବେଳେ ଭାରତୀୟ ପତାକା ତ୍ରିରାଙ୍ଗା ଅନୁପସ୍ଥିତ ଥିଲା ଓ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଓ ବିବାଦ ସୃଷ୍ଟି ହୋଇଛି । ଏଥିପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ କଡ଼ା ସମାଲୋଚନା କରାଯାଇଛି । କିନ୍ତୁ ଏ ନେଇ ପିସିବି ପକ୍ଷରୁ ସଫେଇ ଦିଆଯାଇଛି । ଭାରତ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଆସିବ ନାହିଁ । ହାଇବ୍ରିଡ୍ ମଡେଲ ଅନୁସାରେ ଭାରତ ତା'ର ମ୍ୟାଚ୍‌ଗୁଡିକ ଦୁବାଇରେ ଖେଳିବ । ତେଣୁ କରାଚୀ, ଲାହୋରର ଗଦାଫି ଓ ରାୱଲପିଣ୍ଡିର ଷ୍ଟାଡିୟମରେ ପାକିସ୍ତାନ ଆସିବାକୁ ଥିବା ଦେଶମାନଙ୍କର ପତାକା ଉଡାଯାଇଛି । ଏହି କାରଣ ପାଇଁ ଭାରତୀୟ ପତାକା ଷ୍ଟାଡିୟମଗୁଡିକରେ ଅନୁପସ୍ଥିତ ରହିଛି ବୋଲି ପିସିବି ତରଫରୁ କୁହାଯାଇଛି ।

## ମହିଳା ପ୍ରିମିୟର ଲିଗ୍

# ବେଙ୍ଗାଲୁରୁର ଦ୍ୱିତୀୟ ବିଜୟ

ଭଦୋଦରା,୧୭ ।୨(ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ସୋମବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୨ ବଲ ବାକି ଥାଇ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟରେ ପରାସ୍ତ କରିଛି । ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୧୯.୩ ଓଭରରେ ୧୪୧ ରନକରି ଅଲ୍‌ଆଉଟ ହୋଇଥିଲା । ଜବାବରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ବେଙ୍ଗାଲୁରୁ ୧୬.୨ ଓଭରରେ ୧୪୬ ରନ କରି ଦ୍ୱିତୀୟ ବିଜୟ ହାସଲ କରିଛି । ଦଳ ତରଫରୁ ଓପନିଂ କରିବାକୁ ଆସିଥିବା ମନ୍ଧାନା ୮୧ ରନର ଅଧିନାୟିକା ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେହିପରି ଅନ୍ୟତମ ଓପନର ଡାନି ୱାଟ୍-ହଜ୍ ୪୨ ରନକରି ଆଉଟ ହୋଇଥିଲେ । ରିଚା ଘୋଷ ୧୧ ଓ ଏଲିସ ପେରୀ ୭ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ । ରିଚା ଛକା ମାରି ଦଳକୁ ବିଜୟ ପ୍ରଦାନ କରିଥିଲେ । ଦିଲ୍ଲୀର ଶିଖା ପାଣ୍ଡେ ଓ ଅରୁନ୍ଧତି ରେଡ୍ଡୀ ଗୋଟିଏ ଲେଖାଏ ୱିକେଟ ନେଇଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା । ଶେଫାଳୀ ବର୍ମା ଖାତା ଖୋଲିବା ପୂର୍ବରୁ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ । ଜେମିମା ରୋଡ୍ରିଗ୍ୱେଜ ୨୨ ବଲରୁ ୪ ଚୌକା ଓ ୨ ଛକା ସହ ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ । ୱିକେଟରକ୍ଷକ ବ୍ୟାଟର ସାରା ବ୍ରାଇସ୍ ୨୩, ଆନ୍ନାବେଲ ସଦରଲାଣ୍ଡ ୧୯,


ରେଣୁକା ସିଂ

ଅଧିନାୟିକା ମେଗ୍ ଲାନିଂ ୧୭, ଶିଖା ପାଣ୍ଡେ ୧୪, ମାରିଜନେ କ୍ୟାପ୍ ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ଦ୍ୱିତୀୟ ୱିକେଟରେ ମେଗ୍ ଲାନିଂ ଓ ରୋଡ୍ରିଗ୍ୱେଜ ୩୯ ବଲରୁ ୫୯ ରନ ସଂଗ୍ରହ କରିଥିଲେ । ବୋଲିଂରେ ବେଙ୍ଗାଲୁରୁ ତରଫରୁ ଦ୍ରୁତ ବୋଲର ରେଣୁକା ସିଂ ଓ ଲେଗ୍ ସ୍ପିନର ଜର୍ଜିଆ ୱାରେହାମ୍ ୩ଟି ଲେଖାଏ, କିମ୍ ଗାର୍ଥ ଓ ଏକତା ବିସ୍ତ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।

## ଅମଣ୍ଡାଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ



କତାର,୧୭ ।୨(ଏଜେନ୍ସି): ଆମେରିକୀୟ ମହିଳା ଟେନିସ ତାରକା ଅମଣ୍ଡା ଅନିସମୋଭା ଏଠାରେ ଅନୁଷ୍ଠିତ କତାର ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି । ୨୩ ବର୍ଷୀୟ ଅମଣ୍ଡା ୬-୪, ୬-୩ ସିଧାସଳଖ ସେଟ୍‌ରେ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ପରାସ୍ତ କରି ସବୁଠାରୁ ଲୋ ର୍‌ୟାଙ୍କର ଖେଳାଳି ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଛନ୍ତି । ସେ କ୍ୟାରିଅରରେ ପ୍ରଥମଥର ପାଇଁ ଡବ୍ଲ୍ୟୁଟିଏ-୧୦୦୦ ଓ ମୋଟ ଉପରେ ଚତୁର୍ଥ ଟାଇଟଲ ଜିତିଛନ୍ତି । ଅମଣ୍ଡା ଦ୍ୱିତୀୟ ଆମରେକୀୟ ମହିଳା ଖେଳାଳି ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି । ପୂର୍ବରୁ ୨୦୦୨ରେ ଆମେରିକାର ମୋନିକା ସେଲେସ୍ ଏଠାରେ ଚାମ୍ପିଅନ ହୋଇଥିଲେ ।

# ଭାରତୀୟ ଦଳରେ ୩ ଚାମ୍ପିଅନ ସଦସ୍ୟ

ନୂଆଦିଲ୍ଲୀ, ୧୭ ।୨ (ଏଜେନ୍ସି): ରାତି ପାହିଲେ ଆଇସିସି ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ପାକିସ୍ତାନ ଓ ୟୁଏଇରେ ଆରମ୍ଭ ହେବାକୁ ଯାଉଛି । ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହାର ସମସ୍ତ ମ୍ୟାଚ୍ ୟୁଏଇରେ ଖେଳିବ । ରାଜନୈତିକ ଓ ସୁରକ୍ଷାଜନିତ କାରଣ ଲାଗି ବିସିସିଆଇ ଭାରତୀୟ ଦଳକୁ ପାକିସ୍ତାନ ପଠାଇବାକୁ ମନା କରିବା ପରେ ହାଇବ୍ରିଡ ମଡେଲରେ ଏହା ପାକିସ୍ତାନ ଓ ୟୁଏଇରେ ମିଳିତ ଭାବେ ଆୟୋଜିତ ହେଉଛି । ଗୁରୁବାର ବାଂଲାଦେଶ ବିପକ୍ଷରେ ଖେଳି ଭାରତ ଏହି ମିନି ବିଶ୍ୱକପ୍‌ରେ ତାହାର ଅଭିଯାନ ଆରମ୍ଭ କରିବ ।




ଚାମ୍ପିଅନ୍ସ ଟ୍ରଫି ଇତିହାସରେ ଭାରତ ୨ଥର ଲେଖାଏ ଚାମ୍ପିଅନ ଓ ରନର୍ସଅପ୍ ହେବାର ସୌଭାଗ୍ୟ ଲାଭ କରିଛି । ୨୦୦୨ରେ ଶ୍ରୀଲଙ୍କା ସହ ଭାରତ ଟ୍ରଫି ସେୟାର କରିଥିଲା । ଫାଇନାଲରେ ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୨୪୫ ରନର ଲକ୍ଷ୍ୟକୁ ପିଛା କରି ଭାରତ ୧୪ ରନ କରିଥିବାବେଳେ ବର୍ଷା ହେବାରୁ ଆଉ ଖେଳ ସମ୍ଭବପର ହୋଇପାରି ନ ଥିଲା । ସେହିଭଳି ୨୦୧୩ରେ ଇଂଲଣ୍ଡକୁ ୫ ରନରେ ପରାସ୍ତ କରି ମହେନ୍ଦ୍ର ସିଂ ଧୋନିଙ୍କ ଦଳ ଚାମ୍ପିଅନ ହୋଇଥିଲା । ୧୨ ବର୍ଷ ପରେ ଭାରତ ରୋହିତ୍‌ଙ୍କ ନେତୃତ୍ୱରେ ୩ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି । ଉଲ୍ଲେଖନୀୟ କଥା ହେଉଛି ଚଳିତ ସଂସ୍କରଣ ଲାଗି ଘୋଷିତ ହୋଇଥିବା ୧୫ ଜଣିଆ ଭାରତୀୟ ଦଳରେ ୨୦୧୩ ବିଜେତା ଦଳର ୩ ସଦସ୍ୟ ରହିଛନ୍ତି । ସେମାନେ ହେଲେ ଅଧିନାୟକ ରୋହିତ, ବିରାଟ କୋହଲି ଓ ଭେଟେରାନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା । ଏହି ୩ଜଣଙ୍କ ଲାଗି ମଧ୍ୟ ଏହା ଅନ୍ତିମ ଚାମ୍ପିଅନ୍ସ ଟ୍ରଫି ବୋଲି କୁହାଯାଉଛି ।

## ଆଇପିଏଲ୍‌ର ସହ-ପାୱାର୍ଡ ପ୍ରାୟୋଜକ ହେଲା କାମ୍ପା

ନୂଆଦିଲ୍ଲୀ, ୧୭ ।୨ (ଏଜେନ୍ସି): ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ୍)ର ବ୍ରାଣ୍ଡ କାମ୍ପା ଜିଓଷ୍ଟାର୍ ସହିତ ସହଭାଗୀ ହୋଇଛି । ଆଇପିଏଲ୍‌ର ଆଗାମୀ ୧୮ତମ ସଂସ୍କରଣ ଲାଗି ଉଭୟ ଟିଭି ଓ ଡିଜିଟାଲ ପ୍ଲାଟଫର୍ମ ପାଇଁ କାମ୍ପା ସହ-ପାୱାର୍ଡ ପ୍ରାୟୋଜକ ହୋଇଛି । ଦେଶର ସର୍ବାଧିକ ଦେଖାଯାଉଥିବା କ୍ରୀଡ଼ା ଇଭେଣ୍ଟ ଆଇପିଏଲ୍ ଜିଓଷ୍ଟାରରେ ଟେଲିକାଷ୍ଟ ହେବ । ସହଭାଗୀତାରେ ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କର ଆଞ୍ଚଳିକ ଭାଷାରେ ଆଇପିଏଲ୍ ପ୍ରସାରଣଗୁଡ଼ିକ ମଧ୍ୟ ଯୋଡ଼ିହେବ । କାମ୍ପା ବ୍ରାଣ୍ଡର ପ୍ରସାର ବୃଦ୍ଧି କରିବାର ଏକ ଗ୍ୟାରେଣ୍ଟି ବୋଲି ପ୍ରମାଣିତ ହେବ । ଜିଓଷ୍ଟାରର ବ୍ୟବସାୟ ମୁଖ୍ୟ (କ୍ରୀଡ଼ା ରାଜସ୍ୱ) ଇଶାନ ଚାଟାର୍ଜୀ କହିଛନ୍ତି, କାମ୍ପାକୁ ଆଇପିଏଲ୍ ପାଇଁ ଏକ ପ୍ରମୁଖ ପ୍ରାୟୋଜକ ଭାବରେ ସ୍ୱାଗତ କରି ଆମେ ଉତ୍ସାହିତ ।

## ବରଫପାତ ଅଭାବରୁ ଘୁଞ୍ଚିଲା ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ

ନୂଆଦିଲ୍ଲୀ,୧୭ ।୨(ଏଜେନ୍ସି): ପର୍ଯ୍ୟାପ୍ତ ପରିମାଣର ବରଫପାତ ଅଭାବରୁ ଜମ୍ମୁ-କଶ୍ମୀରର ଗୁଲମାର୍ଗରେ ଆୟୋଜନ ହେବାକୁ ଥିବା ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯାଇଛି । ଆସନ୍ତା ୨୨ରୁ ୨୫ ତାରିଖ ମଧ୍ୟରେ କ୍ରୀଡ଼ାର ଏହି ୫ମ ସଂସ୍କରଣ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା । ବରଫ ପାତ ବୃଦ୍ଧି ହେଲେ ଏ ନେଇ ଆକଳନ କରାଯାଇ କ୍ରୀଡ଼ାର ଆୟୋଜନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଜମ୍ମୁ- କଶ୍ମୀର ସ୍ପୋର୍ଟ୍ସ ପରିଷଦ ତରଫରୁ କୁହାଯାଇଛି । କ୍ରମାଗତ ଦ୍ୱିତୀୟଥର ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଗତବର୍ଷ ଜାନୁଆରୀରେ ବରଫପାତ ଅଭାବ ପାଇଁ ଫେବୃଆରୀକୁ ଏହି କ୍ରୀଡ଼ା ଘୁଞ୍ଚାଇଯାଇଥିଲା । ଉଲ୍ଲେଖଥାଉ କି, କ୍ରୀଡ଼ାର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୨୩ରୁ ୨୭ ତାରିଖ ମଧ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ଆଇସ୍ ହକି ଓ ଆଇସ୍ ସ୍କେଟିଂ ଖେଳାଯାଇଥିଲା ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଆଜି ଜର୍ମାନୀ ଓ ସ୍ପେନକୁ ଭେଟିବ ଭାରତ

ଭୁବନେଶ୍ୱର, ୧୭ ।୨ (ସମିସ): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ପ୍ରଥମ ଦୁଇ ଦିନ ଖେଳ ପରେ ସୋମବାର ବିଶ୍ରାମ ଦିବସ ଥିଲା । ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ପୁଣି ହକି ରୋମାଞ୍ଚ ଦେଖିବାକୁ ମିଳିବ । ଚତୁର୍ଥ ଦିବସରେ ମଙ୍ଗଳବାର ୩ଟି ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ନ ୩ଟାରେ ପୁରୁଷ ବିଭାଗରେ ଇଂଲଣ୍ଡ ଓ ସ୍ପେନ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ । ଏହାପରେ ସନ୍ଧ୍ୟା ୫ଟା ୧୫ରେ ମହିଳା ବିଭାଗରେ ଘରୋଇ ଭାରତ ଓ ସ୍ପେନ ପରସ୍ପରକୁ ଭେଟିବେ । ରାତି ୭ଟା ୩୦ରେ ଦିବସର ଅନ୍ତିମ ତଥା ୩ୟ ଲଢ଼େଇ ପୁରୁଷ ବିଭାଗରେ ଘରୋଇ ଭାରତ ଓ ଜର୍ମାନୀ ମଧ୍ୟରେ ଖେଳାଯିବ । ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ



ପୁରୁଷ ଦଳ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ପ୍ରଥମ ମ୍ୟାଚରେ ୩-୧ ଗୋଲରେ ସ୍ପେନ ନିକଟରୁ ହାରି ଅଭିଯାନ ଆରମ୍ଭ କରିଥିଲା । ପରଦିନ କିନ୍ତୁ ସମାନ ପ୍ରତିଦ୍ୱନ୍ଦ୍ୱୀ ସ୍ପେନକୁ ୩-୧ ଗୋଲରେ ହରାଇ ଭାରତ ପ୍ରତିଶୋଧ ନେଇଥିଲା । ଘରୋଇ ଭାରତୀୟ ଦଳ ତୃତୀୟ ମ୍ୟାଚରେ ଡିଫେଣ୍ଡିଂ ବିଶ୍ୱକପ୍ ଚାମ୍ପିଅନ ଜର୍ମାନୀ ବିପକ୍ଷରେ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ଗ୍ରାଉଣ୍ଡକୁ ଓହ୍ଲାଇବ । ହରମନପ୍ରୀତ୍‌ଙ୍କ ଦଳ ବର୍ତ୍ତମାନ ୨ ମ୍ୟାଚରୁ ୩ ପଏଣ୍ଟ ୯ ଦଳୀୟ ଟେବଲର ଅଷ୍ଟମ ସ୍ଥାନରେ ରହିଛି । ଜର୍ମାନୀର ପ୍ରଦର୍ଶନ ମଧ୍ୟ ଉତ୍ସାହଜନକ ନାହିଁ । ଜର୍ମାନୀ ୪ ମ୍ୟାଚ୍ ଖେଳି ୨ ପରାଜୟ ଏବଂ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ୭ମ ସ୍ଥାନ ଲାଭ କରିଛି ।

## ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନରେ ମଗନ୍ତିଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୭ ।୨ (ସମିସ): ହିମାଚଳ ପ୍ରଦେଶରେ ଚାଲିଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ (ମହିଳା) ଚାମ୍ପିଅନସିପ୍‌ରେ କିଟ୍‌ର ଛାତ୍ରୀ ମଗନ୍ତି କୀର୍ତ୍ତି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ମଗନ୍ତି ଏଥିରେ ୮୧ କିଗ୍ରା ବିଭାଗରେ ଅଂଶଗ୍ରହଣ କରି ମୋଟ୍ ୧୮୫ କିଗ୍ରା ଭାର ଉଠାଇଥିଲେ । ଯେଉଁଥିରେ ସେ ସ୍ନାଚରେ ୮୨ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୩ କିଗ୍ରା ଭାର ଉଠାଇବାରେ ସଫଳ ହୋଇଥିଲେ । ମଗନ୍ତି ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ଏମ୍.କମ୍ ପ୍ରଥମ ବର୍ଷର ଛାତ୍ରୀ । ଗତ ୭ ବର୍ଷ ଧରି ସେ କିଟ୍ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



## ରଣଜୀ ଟ୍ରଫି ସେମିଫାଇନାଲ

# ସୋରେ, ମାଲେୱାର ବିଦର୍ଭ ପାଇଁ ଲଢ଼ିଲେ

ନାଗପୁର, ୧୭ ।୨ (ଏଜେନ୍ସି)

ରଣଜୀ ଟ୍ରଫିର ସେମିଫାଇନାଲ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହୋଇଛି । ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଘରୋଇ ବିଦର୍ଭ ଲଢ଼ୁଆ ବ୍ୟାଟିଂ ପ୍ରଦର୍ଶନ କରିଛି । ଟସ୍ ଜିତି ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୮୮ ଓଭରରେ ୫ ୱିକେଟ୍ ହରାଇ ୩୦୮ ରନର ସମ୍ମାନଜନକ ସ୍କୋର ସଂଗ୍ରହ କରିଛି । ଖେଳ ଶେଷବେଳକୁ ୟଶ ରାଠୋଡ ୪୭ ଓ ଅଧିନାୟକ ଅକ୍ଷୟ ୱାଡେକର ୧୩ ରନରେ ଅପରାଜିତ ରହିଛନ୍ତି । ପୂର୍ବରୁ ଧ୍ରୁବ ସୋରେ ୭୪ ଓ ଦାନିଶ ମାଲେୱାର ୭୯ ରନର ଲଢ଼ୁଆ ଅର୍ଦ୍ଧଶତକୀୟ ପାଳି ଖେଳି ବିଦର୍ଭକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇନଫର୍ମ କରୁଣ ନାୟର ୪୫, ପାର୍ଥ ରେଖାଡେ ୨୩ ଓ ଅଥର୍ବ ତାଇଡେ ୪ ରନ କରି ଆଉଟ୍ ହୋଇଛନ୍ତି । ବୋଲିଂରେ ମୁମ୍ବାଇ ପାଇଁ ଶିଭମ ଦୁବେ ଓ ବାମହାତୀ ସ୍ପିନର ସାମ୍ସ ମୁଲାନୀଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଛି । ବିଦର୍ଭ ହାତରେ ଆହୁରି ୫ ୱିକେଟ୍ ବଳକା ରହିଥିବାରୁ ଦଳ ୪୦୦ ରନ ଅତିକ୍ରମ କରିବାର ସୁଯୋଗ ରହିଛି ।



### ସଚିନଙ୍କ ଧୀମା ଅର୍ଦ୍ଧଶତକ

ଅପରପକ୍ଷରେ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଘରୋଇ ଗୁଜରାଟ ଓ କେରଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯାଇଛି । ଏହି ମ୍ୟାଚରେ କେରଳ ଅଧିନାୟକ ସଚିନ ବେବି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ପ୍ରଥମ ଦିବସ ଖେଳ ଶେଷବେଳକୁ କେରଳ ୮୯ ଓଭର ଖେଳି ଧୀମା ବ୍ୟାଟିଂ ପ୍ରଦର୍ଶନ କରି ୪ ୱିକେଟ୍‌ରେ ୨୦୬ ରନ ସଂଗ୍ରହ କରିଛି । ଅଧିନାୟକ ସଚିନ ୬୯ ଓ ମହମ୍ମଦ ଆଝାରୁଦ୍ଦିନ ୩୦ ରନ କରି ଖେଳୁଛନ୍ତି । ସଚିନ ତାଙ୍କ ୧୯୩ ବଲର ଧୀମା ଅର୍ଦ୍ଧଶତକୀୟ ପାଳିରେ ମାତ୍ର ୮ଟି ଚୌକା ମାରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜଲାଜ ସକ୍ସେନା, ରୋହନ କୁନ୍ନୁମଲ ଓ ଅକ୍ଷୟ ଚନ୍ଦ୍ରନ ୩୦ ରନ ଲେଖାଏ କରି ଆଉଟ୍ ହୋଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS